Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଖ
ସଂ ୧ ଖ୍ୟା

ତା ୫ ଜାନୁୟାରି ସନ ୧୮୯୫ ମସିହା । ମୁ ୨୨ ପୌଷ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟଙ୍କା ୨
ପଶ୍ଚାଦେୟ ଟଙ୍କା ୩

ପରମ ମଙ୍ଗଳମୟ ପରମେଶ୍ୱରଙ୍କ ଅପାର କରୁଣା ବଳରେ ଗତ ମଙ୍ଗଳବାରଠାରୁ ନବବର୍ଷରେ ପଦାର୍ପଣ କରିବାକୁ ସମର୍ଥ ହୋଇ ପ୍ରଥମେ ତାହାଙ୍କୁ ଅଶେଷ ଧନ୍ୟବାଦ ପ୍ରଦାନପୂର୍ବକ ନବବର୍ଷର ଭେଟି ସ୍ୱରୂପ ସର୍ବସାଧାରଣଙ୍କଠାରେ ଉପସ୍ଥିତ ହୋଇ ଅସ୍ମାକଙ୍କର ପାଠକ ଗ୍ରାହକ ଏବଂ ଅନୁଗ୍ରାହକ ସମସ୍ତଙ୍କର ଏହି ମଙ୍ଗଳ କାମନା କରୁଅଛୁଁ ଯେ ନବବର୍ଷରେ ନବ୍ୟ ସୁଖମାନ ଉପଭୋଗ କରନ୍ତୁ ।

---

ଗତ ସୋମବାର ସନ ୧୮୯୪ ସାଲ ଶେଷ ହୋଇ ଗତ ମଙ୍ଗଳବାରଠାରୁ ସନ ୧୮୯୫ ସାଲ ଆରମ୍ଭ ହୋଇଅଛି ଏବଂ ଉତ୍କଳଦୀପିକା ଏ ୨୯ ବର୍ଷ ବୟଃକ୍ରମ ପୂର୍ତ୍ତି କରି ତ୍ରିଂଶତ୍ତମରେ ପଡିଅଛି । ଉତ୍କଳମାତାଙ୍କ ସେବାରେ ଏତେ ଦୀର୍ଘକାଳ କଟାଇବା ଅବଶ୍ୟ ବଡ଼ ସନ୍ତୋଷର ବିଷୟ, ମାତ୍ର କେବଳ ଗ୍ରାହକ ଓ ପାଠକମାନଙ୍କ ଅନୁଗ୍ରହ ଏବଂ ଉଦାରତା ଏହାର କାରଣ ବିନା ଅନ୍ୟ କିଛି ନାହିଁ । ଅତଏବ ଅଦ୍ୟ ନବବର୍ଷରେ ସେମାନଙ୍କଠାରେ ବିନୀତଭାବରେ କୃତଜ୍ଞତା ପ୍ରକାଶ କରୁଅଛୁଁ ।

---

ଭାରତୀୟ ମହାସମିତି ପ୍ରତି ମାନ୍ଦ୍ରାଜବାସିଙ୍କର ଅଧିକ ସହାନୁଭୂତି ସ୍ୱଭାବ ଜଣାଯାଏ । ଏହା ସମ୍ମିଳନୀର ସଭା ସମିତିର ସାହାଯ୍ୟ ନିମନ୍ତେ ଦଶହଜାର ଟଙ୍କା ଦାନ କରିଅଛନ୍ତି ।

---

ଏବର୍ଷ ଏପର୍ଯ୍ୟନ୍ତ ଶୀତଋତୁ ସମାନଭାବରେ ଭୋଗ କରୁଅଛୁ । ଉଠିଆ ପଡ଼ିଆ ବିଶେଷ ଦେଖାଯାଉ ନାହିଁ । ବିଶେଷତଃ ଏହି ପୌଷମାସର ଶୀତ ଯଥୋଚିତ ରୂପେ ହୋଇଅଛି । ଯେଉଁ କାଳର ଯେଉଁ ଋତୁ ଅନୁକୂଳଭାବରେ ଭୋଗ ହେବା ଶୁଭଲକ୍ଷଣ ଅଟଇ ।

---

ଯେମନ୍ତ ଓଡ଼ିଶାରେ ସେମନ୍ତ ସମ୍ବଲପୁରରେ ମଧ୍ୟ ଚାଉଳର ମୂଲ୍ୟ କ୍ରମେ ବୃଦ୍ଧି ହେବାର ଜଣାଯାଏ । ହିତୈଷିଣୀରେ ପାଠକଲୁଁ ଯେ ସମ୍ବଲପୁରରେ ଟଙ୍କାକୁ ଚାଉଳ ସେ ୨୩।୨୪ ସେର ହୋଇଥିଲା ମାତ୍ର ଉଦ୍ଦେଶୀୟ ମହାଜନ ପଡ଼ିବାରୁ ସେ ୨୦ ସେର ଓହ୍ଲାଇ ଆସିଅଛି । ଅପରଂ ବା କିଂ ଭବିଷ୍ୟତି !

---

ଜାପାନ ଚୀନ ଯୁଦ୍ଧର ଅବଧି ହରଣ ନାହିଁ । ଜାପାନ କ୍ରମାଗତ ଅଗ୍ରସର ହେବା ଓ ଚୀନଦୁର୍ଗ ପରେ ଦୁର୍ଗ ଜୟ କରାଇବାର ସମ୍ବାଦ ଆସୁଅଛି । ସନ୍ଧିର ପ୍ରସ୍ତାବ ଘେନି ଚୀନ ସମ୍ରାଟ ଦୂତ ଜାପାନକୁ ଯାଇଥିବାର ପ୍ରକାଶ ହୋଇଅଛି ମାତ୍ର ସେ ସମ୍ବନ୍ଧରେ ଏପର୍ଯ୍ୟନ୍ତ ବିଶେଷ କିଛି ଜଣା ଯାଇ ନାହିଁ । ଅନୁମାନ ହୁଏକି ଜାପାନ ସନ୍ଧିର ନିୟମ ସ୍ୱରୂପ କୌଣସି ଅସଙ୍ଗତ ଦାବୀ କଲେ ଇଉରୋପୀୟ ଶକ୍ତିମାନେ ପ୍ରତିବାଦ କରିବେ ।

---

ସାଧାରଣ ଜଣାଯାଏ ଯେ ଏବର୍ଷ ଏମନ୍ତ ପ୍ରଚୁର ଶସ୍ୟ ହୋଇଅଛି ଯେ ଗତବର୍ଷର ଦଳ ଫଳ ଅଛି । ମାତ୍ର ଧାନ ଚାଉଳର ଦରରୁ ତାହା ପ୍ରମାଣ ହେଉ ନାହିଁ । ଆମ୍ଭେମାନେ ବିବେଚନା କରୁଁ ଯେ ଗତ ତିନିବର୍ଷ କ୍ରମାଗତ ଫସଲ ମନ୍ଦ ହେବା ହେତୁରୁ ଏବର୍ଷ ଅପେକ୍ଷାକୃତ ଭଲ ହେବାରୁ ଲୋକେ ସେପରି କହୁଥିଲେ । ପ୍ରକୃତରେ ପୂର୍ବଅଡ଼େ ଷୋଳପଣ ଫସଲ ହୋଇ ନାହିଁ । ହାରାହାରିରେ ଏବର୍ଷ ବାରପଣ ଫସଲ ହେବାର ବୋଲାଯାଇ ପାରେ ।

---

ଡିସେମ୍ବର ମାସର ଶେଷ ସପ୍ତାହଟା ଭାରତରେ ସଭାସମିତି ଅଧିବେଶନର ସାଧାରଣ ସମୟ ହୋଇ ପଡ଼ଇ । ବଡ଼ଦିନ ଛୁଟି ହେତୁ ବହେସ୍ଥଳ ଏଥିର ବିଶେଷ ସୁବିଧା କରି ଦେବାର ଜଣାଯାଏ ଏଥର ଏହି ସମୟରେ ମାନ୍ଦ୍ରାଜରେ ଜାତୀୟ ମହାସମିତି କଲିକତାରେ ଚିକିତ୍ସାସମିତି ଅଲିଗଡ଼ରେ ମୁସଲମାନ ଶିକ୍ଷାସମିତି ଏବଂ ବନାରସରେ କାୟସ୍ଥସମିତି ବସିଥିଲା । ସମ୍ମିଳସମିତିର ବନ୍ଦୋବସ୍ତ ପ୍ରାୟ ଏକପ୍ରକାର ବୃହତ ଏବଂ ଆଡ଼ମ୍ବର ପୂର୍ଣ୍ଣ । ଜାତୀୟ ସମିତିର ଭଳି

Digitized by srujanika@gmail.com

Split by PDF Splitter



ସମିତିର ବୈଠକ ହେଉଥିଲେ ଅଧିକ ସୁବିଧା ହୁଅନ୍ତା ନାହିଁ କି ?

---

ବର୍ତ୍ତମାନ ପୂର୍ବ ପୌଷମାସ ଧାନକଟା ଶେଷ ହୋଇ ନାହିଁ । ଏମାସରେ କ୍ରମାଗତ ଧାନ ଗୃହଜାତ ହେବାର କଥା । ମାତ୍ର ଦୁଃଖର ବିଷୟ ଯେ ପୂର୍ବକାଳର ନ୍ୟୂନ ସମସ୍ତ ଏଣିକି ବିପରୀତ ହେଲାଣି । ୬।୭ ସପ୍ତାହ ପୂର୍ବେ ମୋଫସଲର ହାଟମାନଙ୍କରେ ଟଙ୍କାରୁ ଗୃହଜ ସେ ୨୦।୨୨ ର ହୋଇଥିଲା ବର୍ତ୍ତମାନ ସେ ୧୬।୧୭ ରକୁ ଖସିଆସିବାର ଦେଖାଯାଏ । ମହାଜନମାନେ ହାଟସବୁ ବୁଲି ୨ କିଣିବାରୁ ଏପରି ହୋଇଅଛି । ଯେବେକ ଆଉକି ଏପରି ହେଲା ତେବେ ଗ୍ରୀଷ୍ମକାଳରେ ଗତବର୍ଷ ପରି ସେ ୭।୮ ର ହେବାର ଭୟ ହେଉଅଛି ।

---

ଲାହୋରର ମୂରହ୍କର ଅଶ୍ୱାରୋହୀ ସୈନ୍ୟଦଳର ନାମୁରେ ଏକ ଅଦ୍ଭୁତ ଦୁଃଖଜନକ ହତ୍ୟାକାଣ୍ଡ ଘଟିଅଛି । ଜଣେ ଦଫାଦାର କମିଶନ ନିମନ୍ତେ ସୁପାରିସ ପ୍ରାପ୍ତ ହୋଇ ଥିଲେ ବହୁ କର୍ଣ୍ଣେଲ ଇ,ଇ, ମନ ଦଫାଦାରଙ୍କ ପୂର୍ବ ଦୋଷହେତୁ ଉକ୍ତ କାଗଜକୁ ରଦ୍ଦକରି ଦିଅନ୍ତି ଦଫାଦାର ଏଥିରେ ସ୍ୱାଙ୍କ ଓ କ୍ଷିପ୍ତ ହୋଇ ପ୍ରଥମରେ ଡଜିଗ୍ରସଲଙ୍କାରଙ୍କୁ ଗୁଳି କଲେ କର୍ଣ୍ଣେଲ ଏହାକି ଶୁଣି କାରଣ ବୁଝିବାର୍ଥେ ତାହାରିକୁ ଆସି ପହଞ୍ଚନ୍ତେ ଅଭ୍ୟାଗତଙ୍କଦ୍ୱାରା କର୍ଣ୍ଣେଲ ପ୍ରାଣ ନଷ୍ଟ ହୋଇ ଗଲା । ହଠାତ୍ ଦୁର୍ଘଟନାରେ କର୍ଣ୍ଣେଲଙ୍କ ବନ୍ଧୁମାନେ ଅତ୍ୟନ୍ତ ଦୁଃଖିତ ହୋଇ ଅଛନ୍ତି ଓ କର୍ଣ୍ଣେଲ ଜଣେ ଦୟାଳୁ ଓ ସଦ୍‌ହୃଦୟ ଲୋକ ଥିଲେ ଓ କାର୍ଯ୍ୟରେ ମଧ୍ୟ ପ୍ରଥମଶ୍ରେଣୀର କର୍ମଦକ୍ଷ ହୋଇ ଖ୍ୟାତ ଥିଲେ ।

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଅବଗତ ହେଲୁ ଯେ ବାବୁ ଜଗମୋହନ ଲାଲ କଣ୍ଠା ଦପ୍ତର ମାନେଜର ନିଯୁକ୍ତ ହୋଇ ଅଛନ୍ତି । ଉର୍ପଣଙ୍କ ଜମିଦାର ରାଜା ବୈଦ୍ୟନାଥ ପଣ୍ଡିତଙ୍କର ଜଣେ ସୁଯୋଗ୍ୟ ମାନେଜର ହୋଇଥିଲେ ଏହି ସମୟରେ ଜଗମୋହନ ବାବୁ ପେନସନ ନେବାରୁ ରାଜା ତାହାଙ୍କୁ ମାସିକ ଟ ୧୦୦ ଙ୍କା ବେତନରେ ନିଯୁକ୍ତ କରିଅଛନ୍ତି । ଏହାହିଁ ରାଜା ସାହେବଙ୍କ ଯୋଗ୍ୟତା ସହିଷ୍ଣୁତା ଏବଂ ସଜ୍ଜନତାର ଅନ୍ୟତର ପ୍ରମାଣ ଅଟେ ।

ଏହି ସମୟରେ ରାଜା ସାହେବଙ୍କ ପିତା ସ୍ୱର୍ଗୀୟ ନାରାୟଣପ୍ରସାଦ ଲାଲ ବେତେକବର୍ଷ ଦର୍ପଣର ମାନେଜର ଥାଇ ପ୍ରଶଂସା ଲାଭ କରିଥିଲେ । ଆମ୍ଭମାନଙ୍କର ଏକାନ୍ତ ବିଶ୍ୱାସ ଯେ ଲାଲ ସାହେବ ସୁଗ୍ରତୁରୂପେ କାର୍ଯ୍ୟ ନିର୍ବାହ କରି ରାଜା ପ୍ରଜା ଉଭୟଙ୍କର ପ୍ରୀତିଭାଜନ ହେବେ ।

---

କଲିକତା ଶାମପୁର ନିବାସୀ ବାବୁ ନଗେନ୍ଦ୍ର ନାଥ ବସୁ ଯାହାଙ୍କର ଅସୀମ ଯତ୍ନ ଓ ଉତ୍ସାହରେ ବିଶ୍ୱକୋଷ ନାମକ ପ୍ରକାଣ୍ଡ ଓ ବହୁବ୍ୟୟସାଧ୍ୟ ଗ୍ରନ୍ଥ ଖଣ୍ଡ ୨ ହୋଇ ପ୍ରକାଶିତ ହେଉଅଛି ଏବଂ ଯେ କି ସେହି ଗ୍ରନ୍ଥ ଉପକାର ନିମନ୍ତେ ଉତ୍କଳର ପ୍ରାଚୀନ ଇତିହାସ ସଂଗ୍ରହାର୍ଥ ଗତବର୍ଷ ମୌଦାମୃହାମକୁ ଆସି ସେଠାରେ ବାହାରିଥିବା ତାମ୍ରପଟ୍ଟା ସନନ୍ଦକୁ ପାଠକରି ତହିଁର ପ୍ରତିଲିପି ନେଇ ଯାଇଥିଲେ ସେ ବର୍ତ୍ତମାନ କଲିକତାରୁ ଏ ଦେଶରକୁ ଆସି ଭୁବନେଶ୍ୱରକୁ ଯାତ୍ରା କରିଅଛନ୍ତି । ତାହାଙ୍କ ସଙ୍ଗରେ ଜଣେ ଚିତ୍ରକର ମଧ୍ୟ ଆସି ଅଛନ୍ତି । ପ୍ରକୃତରେ ଏ ମହାଶୟଙ୍କର ବିଶେଷ ଅନୁରାଗ ଏବଂ ପ୍ରାଚୀନ ଶାସ୍ତ୍ରଳାପ ଦେଖି ତହିଁରୁ ପୂର୍ବବୃତ୍ତ ସଂଗ୍ରହ କରିବାରେ ବଡ଼ ନିପୁଣ ଅଟନ୍ତି । ଆମ୍ଭମାନଙ୍କର ଏକାନ୍ତ ଆଶା ଯେ ଏହାଙ୍କଦ୍ୱାରା ଅନେକ କିଛି ନୂତନ କଥା ବାହାର ହେବ । ଏଦେଶୀୟ ବିଦ୍ୟାନୁରାଗିଙ୍କର ଅବଲମ୍ବେ ବିଶ୍ୱକୋଷର ଗ୍ରାହକ ହେବା ଉଚିତ ।

---

କଟକ କଲେକ୍ଟରଙ୍କ ସେରସ୍ତାଦାରୀ କାର୍ଯ୍ୟର ପକ୍କା ବନ୍ଦୋବସ୍ତ ହୋଇଗଲା । ଯାହା ସାଧାରଣ ମନରେ ଥାଇଥିଲେ କାର୍ଯ୍ୟରେ ସେହିପରି ଫଳିଲା । ହେଡ଼ କିରାଣୀ ବାବୁ ଦୁର୍ଗାଚରଣ ଦାସ ସିରସ୍ତାଦାର କାର୍ଯ୍ୟରେ ପକ୍କା ହେଲେ । ଏକାଉଣ୍ଟେଣ୍ଟ ବାବୁ ଗୋପୀମୋହନ ସେନ ହେଡ଼କ୍ଲାର୍କ କାର୍ଯ୍ୟରେ ଓ ଲାଣ୍ଡ ଏକୁଇଜିସନ ମହକୁମାର ହେଡ଼ କିରାଣୀ ବାବୁ ବିଶ୍ୱନାଥ ସ୍ୱାମୀ ଏକାଉଣ୍ଟେଣ୍ଟ କାର୍ଯ୍ୟରେ ପରୀକ୍ଷା ସ୍ୱରୂପ କେତେମାସ ନିମନ୍ତେ ନିଯୁକ୍ତ ହୋଇଛନ୍ତି, କାର୍ଯ୍ୟ ଉତ୍ତମରୂପେ ଚଳାଇ ପାରିଲେ ପକ୍କା ହେବେ । ବିଶ୍ୱନାଥ ବାବୁଙ୍କ ପକ୍କା କାର୍ଯ୍ୟ ସିଦ୍ଧିପ୍ରାପ୍ତ ମାସଶେଷ ସଭୃତ ଏକାଲିସ ହେବାର କଥା ଅଛି । ସୁତରାଂ ତାଙ୍କୁ ଗୋଟିଏ ପକ୍କାକାର୍ଯ୍ୟରେ ନିଯୁକ୍ତ କରି କଲେକ୍ଟର ସାହେବ ସୁବିବେଚନାର କାର୍ଯ୍ୟ କରିଅଛନ୍ତି । ନିୟମାନୁସାରେ ପରୀକ୍ଷା ସ୍ୱରୂପ ଯେଉଁରୂପ ନିଯୁକ୍ତ ହେବାକୁ ତୁଏ ସେହିପରି କରା ହୋଇ ଅଛି ଅମ୍ଭେମାନେ ଆଶା କରୁଁ ପରୀକ୍ଷାସମୟ ମଧ୍ୟରେ କାର୍ଯ୍ୟ ଚଳ କଲେ କାର୍ଯ୍ୟରେ ବାହାଲ ହେବାରେ କୌଣସି ବ୍ୟାଘାତ ଘଟିବ ନାହିଁ ।

---

ବମ୍ବେଇପ୍ରଦେଶର ବରୋଦ ନଗରରେ ଏକବ୍ୟକ୍ତି କୌଣସି ଧର୍ମକାର୍ଯ୍ୟାନୁଷ୍ଠାନ ଉପଲକ୍ଷରେ ଆପଣା ଘରମଧ୍ୟରେ ବଳା ପାଖରେ ବାଜା ବଜାଉ ଥିବାରୁ ପୁଲିସଦ୍ୱାରା ଗ୍ରେପ୍ତାର ହେଲା । ସେଠା ମାଜିଷ୍ଟ୍ରେଟ ବିଚାରି କଲେ କି ଯେ ସ୍ଥଳେ ପୁଲିସଆଇନରେ ଲେଖାଅଛି ଯେ କୌଣସି ସଡ଼କ ବା ତହିଁ ନିକଟରେ ବଳା ପାଖରେ କେହି ବାଜା ବଜାଇଲେ ଦଣ୍ଡନୀୟ ହେବ ଏବଂ ଆସାମିର ଘର ସଡ଼କ ନିକଟରେ ଅଟେ ସେସ୍ଥଳେ ସେ ଆଇନମତେ ଅପରାଧୀ ଅତଏବ ତାହାକୁ ଦଣ୍ଡ ଦେଲେ । ଆସାମୀ ବମ୍ବେଇର ହାଇକୋର୍ଟରେ ମୋଷନ କରିବାରୁ ମାନ୍ୟବର ଜଷ୍ଟିସପତି ଜାର୍ଡିନ ସାହେବ କହିଲେ କି ମାଜିଷ୍ଟ୍ରେଟ ଆଇନର ଯେଉଁ ଅର୍ଥ କରି ଅଛନ୍ତି ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ ଯେହେତୁ ସହିତ ନିକଟ ଶବ୍ଦର ଅର୍ଥ ସଡ଼କପାର୍ଶ୍ୱସ୍ଥ ଭୂମି ଅଟେ ସଡ଼କ ନିକଟରେ ଥିବା କୌଣସି ଘରକୁ ବୁଝାଇବ ନାହିଁ । ସୁତରାଂ ସେ ମାଜିଷ୍ଟ୍ରେଟଙ୍କ ହୁକୁମ ରଦ କରି ଆସାମିକୁ ମୁକ୍ତି ଦେଲେ । ଏହିପରି ମାଜିଷ୍ଟ୍ରେଟ କେତେକ ଆଇନର ଅନର୍ଥ ଘଟାଇ ନିର୍ଦ୍ଦୋଷୀ ଲୋକଙ୍କୁ ବିଡ଼ମ୍ବିତ କରନ୍ତି । ହାଇକୋର୍ଟରେ ସୁବିଚାର ହେଉ ଅଛି ବୋଲି ରକ୍ଷା ।

---

ସନ ୧୮୯୪ ସାଲ ।

କାଳଚକ୍ରର ନିୟତ ଭ୍ରମଣ କ୍ରମେ ଏକବର୍ଷ ପରେ ଆଉବର୍ଷ କ୍ରମାଗତ ଆସୁଅଛି ଓ ଯାଉଅଛି କେବଳ କେଉଁବର୍ଷ କେଉଁରୂପେ ଅତିବାହିତ ହେଲା ଏତିକି ମନରେ କରିବା ସ୍ୱାଭାବିକ । ସନ ୧୮୯୪ ସାଲରେ ପୃଥିବୀର କେଉଁଠାରେ କି ଶୁଭ ବା ଅଶୁଭ ଘଟଣା ଘଟିଅଛି ତାହାସବୁ ସ୍ମରଣ କରି ଲେଖିବା ଆମ୍ଭମାନଙ୍କର ସାମର୍ଥ୍ୟ ଓ ଅବକାଶର ଅତୀତ । ଆମ୍ଭେମାନେ କେବଳ ସ୍ୱଦେଶର କଥା ଚିନ୍ତା କରି ଜାଣୁଅଛୁଁ ଯେ ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ଏବର୍ଷ କେହି ସୁଖରେ

Digitized by srujanika@gmail.com

Split by PDF Splitter



କଷ୍ଟାର୍ଜିତ ଜାନାନ୍ତି, ସମସ୍ତେ ଅର୍ଥଶ୍ରବଣରେ ମଗ୍ନ ଥିଲେ । ଗବର୍ଣ୍ଣମେଣ୍ଟଙ୍କ ଅର୍ଥକଷ୍ଟ ଏପର ହେଲା ଯେ ବର୍ଷାରମ୍ଭରେ ଆମଦାନୀ ମାସୁଲ ବସାଇବାଦ୍ୱାରା ଲୋକଙ୍କ କର ଭାର ବୃଦ୍ଧି କଲେ ଦୁର୍ଭିକ୍ଷପାଣ୍ଠିକୁ ଲୋପ କଲେ ଏବଂ ଉପାତ ଅର୍ଥାଭାବ ହେତୁ ଅନେକ ଉନ୍ନତି-କାର୍ଯ୍ୟ ସ୍ଥଗିତ ରଖିବାକୁ ବାଧ୍ୟ ହେଲେ । ଏଥିରେ ସୁବା ପୁସ୍ତ ନ ପଡ଼ିବାରୁ ବର୍ଷଶେଷରେ ପୁଣି ନୂତନ କର ବସାଇବାର ଆଇନ ଜାରି କରୁଅଛନ୍ତି । ପ୍ରଜାମାନେ ଏକପକ୍ଷରେ ରାଜକର ଏବଂ ଅନ୍ୟ ପକ୍ଷରେ ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ହେତୁ ଅଦ୍ୟ ସୁଖ ଭୋଗକରିବାର ଭେଣ୍ଟିଣ ଥାଇ ପେଟର ଜ୍ୱାଳାରେ ବ୍ୟତିବ୍ୟସ୍ତ ହୋଇ ଥିଲେ । ଓଡ଼ିଶାର ଅବସ୍ଥା ଅଧିକତର ଶୋଚନୀୟ । ଗଡ଼ଜାତ ମଧ୍ୟରେ ରଣପୁର ନୟାଗଡ଼ ଦଶପଲ୍ଲା ପ୍ରଭୃତି କେତେକ ସ୍ଥାନରେ ବିଦ୍ରୋହ ଓ ଅଶାନ୍ତି ଏବଂ ମୋଗଲବନ୍ଦୀର ନାନ ସ୍ଥାନରେ ଅନାବୃଷ୍ଟି ଓ ଜଳାବୃଦ୍ଧିର ପ୍ରକୋପ ଏବଂ ତହିଁ ଉପରେ ବନ୍ଦୋବସ୍ତର ଭାବନା ସମସ୍ତଙ୍କୁ ଅସ୍ଥିର କରିଥିଲା । ପ୍ରକୃତରେ ସନ ୧୮୯୪ ସାଲରେ ଓଡ଼ିଶାରେ କୋଟିଏ ଗୁପ୍ତ ଦୁର୍ଭିକ୍ଷ ଭୋଗ ହୋଇ ଗଲା ଏବଂ ଏଥିରେ ଯେ କେତେଲୋକ କଷ୍ଟ ପାଇଲେ ତହିଁର ସୀମା ନାହିଁ । ଗ୍ରେଣ୍ଟ ଉଠାଇବା ମଧ୍ୟ ଜଣା ନ ଥିଲା । କେବଳ ଏତିକି ଭରସା ଯେ ଦେଶର ଉପଦ୍ରବ ଅନ୍ୟାନ୍ୟ ବର୍ଷଠାରୁ ଊଣା ଥିଲା ସର୍ବାପେକ୍ଷା ଓଡ଼ିଶାର ଦୁଃଖ ରାୟ ବାହାଦୁର ନନ୍ଦକିଶୋର ଦାସଙ୍କର ଅକାଳମୃତ୍ୟୁ । ଏ ଦୁର୍ଘଟଣା ସର୍ବକାଳ ଲୋକଙ୍କ ମନରୁ ପାସୋରି ହେବ ନାହିଁ ଏବଂ ଏ କ୍ଷତି ଶୀଘ୍ର ପୂରଣ ହେବାର ମଧ୍ୟ ଆଶା ନାହିଁ । ଗ୍ରିଷ୍ଟିଆନ୍ଙ୍କର ପ୍ରଚଳନକ ସ୍ୱରୂପ ଏଠା ମେଡିକଲ କଲେଜ ଏବଂ ସ୍କୁଲ ଉଠି ଯିବାର ପ୍ରସ୍ତାବ ହୋଇଥିଲା । ପ୍ରଥମଟି ରକ୍ଷା ପାଇଅଛି ମାତ୍ର ଦ୍ୱିତୀୟଟିର ଭାଗ୍ୟ ଅବଧି ଜଣା ପଡ଼ ନାହିଁ । ଯଦ୍ୟପି ନ ଅଳ୍ପ ପରିମାଣରେ ଓଡ଼ିଶାର ଶିକ୍ଷିତ ସମାଜର ପୁଷ୍ଟି-ସାଧନ ହେଉଅଛି ଏବଂ ଉନ୍ନତିର ପ୍ରକୃତ ... ଲୋକଙ୍କର ଟିକିଏ ଚଞ୍ଚଳତା ... ନୀତିର ପରତନ୍ତ୍ର ହୋଇଅଛି ମାତ୍ର ସ୍ୱଦେଶ-ଲୋକର ହିତସାଧନ ପକ୍ଷରେ ସେମାନଙ୍କର ଉଦାସୀନତା ଦୂର ହୋଇଅଛି । ସମାଲୋଚନ ବର୍ଷରେ ତାହା କଷ୍ଟ ମାତ୍ର ଭଙ୍ଗିବାର ଦେଖା ଯାଇ

ନାହିଁ । ଓଡ଼ିଶାର ସଭା ସମିତିର ଦୁରବସ୍ଥା ତହିଁର ପ୍ରମାଣ ଏବଂ ସର୍ବାପେକ୍ଷା ବଳବତ୍ତର ପ୍ରମାଣ ଏହି ଯେ ସ୍ୱର୍ଗୀୟ ରାୟ ନନ୍ଦକିଶୋର ଦାସଙ୍କ ସ୍ମରଣ ଚିହ୍ନ ସ୍ଥାପନ ନିମିତ୍ତ ବିଶେଷ ଉତ୍ସାହ ସହିତ ଯେ ସମୟରେ ଯେଉଁ ସଭା ହୋଇଥିଲା ତହିଁର କାର୍ଯ୍ୟ ଅଦ୍ୟ ବାବତ ମାତ୍ର ଅଗ୍ରସର ହୋଇ ନାହିଁ । ମତେ ଦେଖାଯାଏ ଯେ ବିଗତ ବର୍ଷର ଫଳାଫଳ କୌଣସି ମତେ ଶୁଭଜନକ ନ ଥିଲା । ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛୁଁ ଯେ ଚଳନ୍ତବର୍ଷ ଓଡ଼ିଶାପ୍ରତି ଶୁଭପ୍ରଦ ହେଉ ଏବଂ ଆମ୍ଭେମାନେ ଆପଣା୨ ଉନ୍ନତି-ନିମନ୍ତେ ଚେଷ୍ଟା କରୁଁ ।

— ୦:୦ —

ସନ ୧୮୯୪ ମସିହା ଅପରପ୍ରାଇମେରୀ ପରୀକ୍ଷାର ଫଳ ।

ପ୍ରଥମଶ୍ରେଣୀ ପାରଦର୍ଶିତାନୁସାରେ ।

୧ ଶ୍ରୀମତୀ ଶୁଭମଣି ପରିଡ଼ା ରଙ୍ଗାମଟିଆ ବାଳିକାବିଦ୍ୟାଳୟ କଟକ
୨ ଶ୍ରୀମତୀ ନିସ୍ତାରିଣୀ ସାହୁ ଚୋଦ୍ଦାସାହି ,,
୩ ଶ୍ରୀମତୀ ସୁଶୀଳାଦାସ ରେଭେନ୍‌ଶା ବାଳିକା-ବିଦ୍ୟାଳୟ କଟକ
୪ ମାଧବ ଦାସ ନୟାଗଡ଼ ନୟାଗଡ଼
୫ ବଳରାମ ସିଂହ ରଘୁନାଥପୁର କଟକ
୬ ଗୋବିନ୍ଦ ଦାସ ଖଣ୍ଡପଡ଼ା ଖଣ୍ଡପଡ଼ା
୭ କୈଳାସଚନ୍ଦ୍ର ମହାନ୍ତି ଲକ୍ଷ୍ମୀପୁର ବାଲେଶ୍ୱର
୮ ଲଳିତମୋହନ ଚଟ୍ଟୋପାଧ୍ୟାୟ ବାଲେଶ୍ୱର ,,
୯ ପ୍ରଭାକର ମିଶ୍ର ଜଗନ୍ନାଥପୁର ପୁରୀ
୧୦ ରାଧାମୋହନ ପାଣିଗ୍ରାହୀ ବିଷ୍ଣୁଦାସପୁର ,,
୧୧ ଶ୍ରୀମତୀ ନିର୍ମଳ ବାଳା ବସୁ ରେଭେନ୍‌ଶା-ବାଳିକାବିଦ୍ୟାଳୟ କଟକ
୧୨ ହରିହର ଦାସ କାଳପଟଣା ପୁରୀ
୧୩ ମେଘମୋହନ ରାୟ କଟୋଲ କଟକ
୧୪ ଲକ୍ଷ୍ମୀଧର ପଟ୍ଟଯୋଶୀ ବାଣପୁର ପୁରୀ
୧୫ ଶ୍ରୀମତୀ ଲୁସି ଅଣ୍ଡା ଫିମେଲ ଅର୍ଫାନେଜ କଟକ
୧୬ ମଧୁ ପାତ୍ର ନରସିଂହପୁର ,,
୧୭ ଶ୍ରୀମତୀ ଉର୍ମିଳାମଣି ବୁହାନ ଫିମେଲ ଅର୍ଫାନେଜ କଟକ
୧୮ ସନତନାରାୟଣ ବନ୍ଦ୍ୟୋପାଧ୍ୟାୟ ବଡଦେଉଳପୁରୀ
୧୯ ଦାରମଣି ପଧାନ ନୟାଗଡ଼ ନୟାଗଡ଼
୨୦ ଶ୍ରୀମତୀ ମୁକ୍ତା ମଣ୍ଡଳ ସୃଜନଗଡ଼ୀକ କଟକ
୨୧ ଜନାର୍ଦ୍ଦନ ମହାପାତ୍ର ବେଦପୁଷ୍ଟା ବାଲେଶ୍ୱର
୨୨ ମାଧବ କର କାଶୀପୁର କଟକ
୨୩ ରଥ ମହାପାତ୍ର ସାଲେପୁର କଟକ
୨୪ ହରିକୃଷ୍ଣ ପାଣିଗ୍ରାହୀ ବାଲେଶ୍ୱର ବାଲେଶ୍ୱର
୨୫ ଶ୍ରୀମତୀ ଲୁବଣ୍ୟ ଦାସ ଫିମେଲ ଅର୍ଫାନେଜ କଟକ
୨୬ ବାସୁଦେବ କର ନାଥପୁର ,,
୨୭ ସୁଦର୍ଶନ ପଣ୍ଡା ଧଳପୁର ଢେଙ୍କାନାଳ
୨୮ କ୍ଷେତ୍ର ବେହେରା ଲୁହେସ ବାଲେଶ୍ୱର
୨୯ କ୍ଷେତ୍ରମୋହନ ଦାସ ଚୋଟପଡ଼ା ପୁରୀ
୩୦ ହରିକୃଷ୍ଣ ଦାସ ଅଠାଗଡ଼ ,,
୩୧ ଦାଶରଥି ପଣ୍ଡା } ଶ୍ରୀମତୀ ଭାଗୀରଥୀଦେବୀ } ଗୋପାଳପୁର ଦେଙ୍କା- ଡଣ୍ଡାହଟା-ବାଳିକା ବିଦ୍ୟାଳୟପୁରୀ
୩୨ ଶ୍ରୀମତୀ ବୈଦେହୀ ଦେବୀ ,, ,, ,,
୩୩ ବୃନ୍ଦାବନଚାରିଣୀ ଫିମେଲ ଅର୍ଫାନେଜ କଟକ
୩୪ ରଘୁନାଥ ମହାପାତ୍ର ଲକ୍ଷଣପୁର ,,
୩୫ ଗଙ୍ଗାଧର ପଟ୍ଟନାୟକ ପାଟପୁର ବାଲେଶ୍ୱର
୩୬ କ୍ଷେତ୍ରମୋହନ ମଙ୍ଗରାଜ ମାଳୁଦ ପୁରୀ
୩୭ ହରିହର ରଥ ଉଦ୍ଧବଶ୍ରେଣୀର ଦେଉଳ ,,
୩୮ ଜଗନ୍ନାଥ ଶିଶୁ କାଳିଯାଟଣା ,,
୩୯ ଉପାନନ୍ଦ ନାୟକ ଜୟପୁର କଟକ
୪୦ ଦମାଇଚରଣ ପଟ୍ଟନାୟକ ରଣପୁର ରଣପୁର
୪୧ ଶ୍ୟାମସୁନ୍ଦର ନାୟକ କୃଷ୍ଣଲ ପୁରୀ
୪୨ ସଚ୍ଚିଦାନନ୍ଦ ସାମନ୍ତ ଜାଜପୁର କଟକ
୪୩ କେଳୁଚରଣ ମହାନ୍ତି ପାଇକ ପାଟପୁର ପୁରୀ
୪୪ କୃଷ୍ଣଚନ୍ଦ୍ର ପାଢ଼ୀ ସଲସର ବାଲେଶ୍ୱର
୪୫ ଚିତ୍ତାନନ୍ଦ ଦାସ } ଜଗନ୍ନାଥ ଅଡ଼ାସ } ଲୁଣୁକ୍ଷପୁର ପୁରୀ ସତ୍ୟବାଦୀ ,,
୪୬ ବିଦ୍ୟାଧର ମଲିଆ କପିଳପ୍ରସାଦ ,,
୪୭ ବାମଦେବ ସାମନ୍ତରାୟ ରଣପୁର ରଣପୁର
୪୮ ଭାଗୀରଥୀ ଦାସ ବୈଦ୍ୟପୁର ମୟୂରଭଞ୍ଜ
୪୯ ନାରାୟଣ ପ୍ରସାଦ ଦାସ ସାଠିଲୋ ,,
୫୦ ଭଗ୍ରାପଇଲ ଗୋପ ବାଲେଶ୍ୱର
୫୧ ବ୍ରଜବନ୍ଧୁ ପଟ୍ଟନାୟକ ଲଙ୍କାବୋଇ ପୁରୀ
୫୨ ଅଭିମନ୍ୟୁ ପ୍ରଧାନ କୃଷ୍ଣଲ ,,
୫୩ କାଳିକୃଷ୍ଣ ସରପଥୀ ସଦାଶିବପୁର ଢେଙ୍କାନାଳ
୫୪ ମହେଶ୍ୱରପ୍ରଧାନ ମଙ୍ଗରାଜ ବଳଭଦ୍ରପୁର ,,
୫୫ ଚନ୍ଦ୍ରାନନ୍ଦ ଦାସ ଲୁଣୁକ୍ଷପୁର ,,
୫୬ ଗୋପୀନାଥ ମିଶ୍ର ପୁରୁଷୋତ୍ତମପୁର ପୁରୀ

୨ୟ ଶ୍ରେଣୀ

୧ ମଧୁସୂଦନ ମହାପାତ୍ର ନୟାଗଡ଼ କଟକ
୨ କାଳିକୃଷ୍ଣ ଦାସ ସତ୍ୟବାଦୀ ,,
୩ କୃପାସିନ୍ଧୁ ରଥ ,, ,,

Digitized by srujanika@gmail.com

Split by PDF Splitter



୪ ଅନନ୍ତଚନ୍ଦ୍ର ମହାପାତ୍ର ମାନସିଂହପାଟଣା ,,
୫ ଦାଶରଥି ବରୋଇ ଉଛିଡ଼ି ,,
୬ ଜୟରାମ ପଣ୍ଡା ଜଗତପୁର ,,
୭ ଅଧିକନ୍ଦ ମହାନ୍ତି ଅରଡ଼ିଲା କଟକ
୮ ବାଳକୃଷ୍ଣ ମହାନ୍ତି ,, ,,
୯ ମୁକୁନ୍ଦ ବରୋଇ ଘୁରାପୁର ,,
୧୦ ଯୋଗେନ୍ଦ୍ର ମହାପାତ୍ର କାଜିପୁର ,,
୧୧ ହରବନ୍ଧୁ ରଥ ମଞ୍ଚେଶ୍ୱର ,,
୧୨ ହରବନ୍ଧୁ ମିଶ୍ର ଭାମଗଡ଼ ,,
୧୩ ଯୋଗେନ୍ଦ୍ର ମିଶ୍ର ,, ,,
୧୪ ସଦାନନ୍ଦ ମିଶ୍ର ଲକ୍ଷ୍ମଣପୁର ,,
୧୫ ଫକୀର ମହାନ୍ତି ପଦ୍ମପୁର ,,
୧୬ ଲୋକନାଥ ମିଶ୍ର ,, ,,
୧୭ ମହମ୍ମଦଅଲ୍ଲୀ ଖାଁ ବାର୍ହାପୁର ,,
୧୮ ଗୌରାଙ୍ଗଚରଣ ସେନାପତି ବଲରା ,,
୧୯ ନାରାୟଣ ସାମନ୍ତ ବଲରାବାଦ ,,
୨୦ ସୈୟଦ ମୋବାରକ ଅଲ୍ଲୀ ଜଗତପୁର ,,
୨୧ ବନମାଳୀ ଷଡ଼ଙ୍ଗୀ ,, ,,
୨୨ ଅର୍ଦ୍ଧେଶ୍ୱର ତ୍ରିପାଠୀ ବୁଡ଼ିଙ୍ଗ ,,
୨୩ ଗୋପାଳ ମିଶ୍ର ବାଲିପଦା ,,
୨୪ ବାଳକୃଷ୍ଣ ମିଶ୍ର ,, ,,
୨୫ ନୃସିଂହଦେବ ପଣ୍ଡା ସ୍ୱଦାସର ,,
୨୬ ଗୋପୀନାଥ ମିଶ୍ର ,, ,,
୨୭ ଦୁର୍ଗାମଣି ଦାସୀ ଯାଜପୁର ବାଳିକା ବି: ,,
୨୮ ଶ୍ରୀଧର ପଣ୍ଡା ବୋଡ଼ଲି ,,
୨୯ ସନାତନ ପଠାନ ସୋଲପୁର ,,
୩୦ ଲୋକନାଥ ପାଣିଗ୍ରାହୀ ,, ,,
୩୧ ପଦ୍ମନାଭ ଧଳ ଡାମପଡ଼ା ,,
୩୨ ଜଗନ୍ନାଥ ବଳ ପାଥପୁର ,,
୩୩ ରଘୁନାଥ ମିଶ୍ର ପୁରୀ ଟାଉନ ପୁରୀ
୩୪ ଅନାଦି ମିଶ୍ର ବ୍ରହ୍ମପୁରୁଷୋତ୍ତମପୁର ,,
୩୫ ସଚ୍ଚିଦାନନ୍ଦ ମାଟେଣ୍ଟ ବାବାବାଜପାଟଣା ,,
୩୬ ମାଧବ ପଟ୍ଟନାୟକ ମାଲୁଦ ,,
୩୭ କ୍ଷେତ୍ରମୋହନ ବୋଷ୍ଟ ମଣ୍ଡିତା ,,
୩୮ ଦମ୍ପତି ତ୍ରିପାଠୀ ଉତ୍ତ୍ରସ ,,
୩୯ ବାଲକୃଷ୍ଣ ପଟ୍ଟନାୟକ ଦୟାନାଇ ଗଡ଼ିଆ ,,
୪୦ ହରିନାଥ ଦୁଲାଇର ,, ,,
୪୧ ସନାତନ ତ୍ରିପାଠୀ ଭୁବନ ,,
୪୨ ଚୈତନ୍ୟ ସାମନ୍ତ ଟେକଲ ,,
୪୩ ଗଙ୍ଗାଧର ଦାସ ସତ୍ୟେଶ୍ୱର ,,
୪୪ କ୍ଷେତ୍ରବାସୀ ପଟ୍ଟନାୟକ ଦମ୍ପଦ ଦୟୁର ,,
୪୫ ନୀଳମଣି ମହାନ୍ତି ବେଲପୁର ,,

୪୬ ଜଦୁନାଥ ଚ ଉପାଧ୍ୟାୟ ,, ,,
୪୭ ଗଙ୍ଗାଧର ଜେନା ଖାଦାପୁର ବାଲେଶ୍ୱର
୪୮ ସର୍ବେଶ୍ୱର ମହାନ୍ତି ଜୋତଲାଦିଘା ,,
୪୯ ବୈଦ୍ୟନାଥ ପଣ୍ଡା ଅନନ୍ତପୁର ,,
୫୦ ହରିପ୍ରସାଦ ପଧାନ ଜମର୍ଦ୍ଦା ,,
୫୧ ରାମନାଥ ଗୁପ୍ତ ବହମୁଣ୍ଡା ,,
୫୨ ଭଗବାନ ଜେନା ତାଳପଦା ,,
୫୩ ସାନବନ୍ଧୁ ପାଣିଗ୍ରାହୀ ହୁମାଇପୁର ,,
୫୪ ସଙ୍କର୍ଷଣ ପାଣିଗ୍ରାହୀ ,, ,,
୫୫ ଲକ୍ଷ୍ମୀଧର ପାଣିଗ୍ରାହୀ ,, ,,
୫୬ ଦିବାକର ତ୍ରିପାଠୀ ରୁଦେଶ ,,
୫୭ କ୍ଷେତ୍ରମୋହନ ଦାସ ସୁରଗଣ୍ଡାପୁର ,,
୫୮ ଗୋବିନ୍ଦଚନ୍ଦ୍ର ଦାସ ,, ,,
୫୯ ମଣି ଦାସ ଖଣ୍ଡିଦାଣ୍ଡ ,,
୬୦ ସେକ୍ ଅବଦୁଲ ,, ,,
୬୧ ଲୋକନାଥ ସାହୁ ଚୋଠାର ,,
୬୨ ହରିଶ୍ଚନ୍ଦ୍ର ଘୋଷାଲ ,, ,,
୬୩ ରଘୁନାରାୟଣ ମାଧବ ମହାନ୍ତି ପଣ୍ଡା ,,
୬୪ ମଣିଚରଣ ମଧୁର୍ଯ୍ୟା ଭୂୟାଁମହଲ ,,
୬୫ ବୈଷ୍ଣବାନନ୍ଦ ପାଣିଗ୍ରାହୀ ବାସୁଦେବପୁର ,,
୬୬ ଗଦାଧର ଭୂୟାଁ ମଦାଇ ,,
୬୭ ଦୁର୍ଗାଚରଣ ପାଢ଼ୀ ଆନନ୍ଦପୁର ,,
୬୮ ଗଙ୍ଗାଧର ଦାସ ରୁଦେଶ ଶିକ୍ଷକ ,,
୬୯ ଦ୍ୱାରିକାନାଥ ଆଚାର୍ଯ୍ୟ ମୁକ୍ତାଗଡ଼ିଆ ,,
୭୦ ମହେନ୍ଦ୍ରନାଥ ମହାପାତ୍ର ଅମର୍ଦ୍ଦା ମୟୂରଭଞ୍ଜ
୭୧ ବନମାଳୀଦାସ ଅଯୋଧ୍ୟା ନୀଳଗିରି
୭୨ କ୍ଷେତ୍ରମୋହନ ପଣ୍ଡା ,, ,,
୭୩ ଅପ୍ରମାଦମଣି ଦେବୀ ନୀଳଗିରି ରାଜକା-
କନ୍ୟାଜନ୍ମ ନୀଳଗିରି
୭୪ ଗଦାଧର ପଣ୍ଡା ଅଳପୁର ଢେଙ୍କାନାଳ
୭୫ ବୈଦ୍ୟନାଥ ମିଶ୍ର ସଦାଶିବପୁର ,,
୭୬ ମଧୁସୂଦନ କର ,, ,,
୭୭ ପ୍ରସନ୍ନଦାସ ସାହୁ ମୁଣ୍ଡେଇ ଚଳଇପୁର ,,
୭୮ ଖୋଷାଇ ଶିବ ମଝି ,,
୭୯ ଭାଗୀରଥି ଦେହୁରୀ ସରୋଲ ହିନ୍ଦୋଳ
୮୦ ମାଢ଼ିର ମହମ୍ମଦ ହିନ୍ଦୋଳ ,,
୮୧ ଲୋକନାଥ ପଟ୍ଟନାୟକ କ୍ଷେତ୍ରପଦାଅନନ୍ତପୁର
୮୨ ସଦାନନ୍ଦ ପ୍ରଧାନ ,, ,,
୮୩ ସୁଦାମଚରଣ ମହାନ୍ତି ତାଳଚେର ତାଳଚେର
୮୪ ଭାଗୀରଥୀ ପ୍ରଧାନ ଅଠମଲ୍ଲିକ ଅଠମଲ୍ଲିକ
୮୫ ମନୋହର ପ୍ରଧାନ ପାଲଲହଡ଼ା ପାଲଲହଡ଼ା
୮୬ ଲଛବର ବେହେରା ବାମୁପୁର ନରସିଂହପୁର

୮୭ ବାଉବନ୍ଧୁ ପଟ୍ଟନାୟକ ନବନାଗୁଡ଼ା
ବାଲେଶ୍ୱର
୮୮ ମିତ୍ର ନାଗର ,, ,,

୪ର୍ଥ ଶ୍ରେଣୀ ।

୧ ଜୟକୃଷ୍ଣ ମହାନ୍ତି ସୁବର୍ଣ୍ଣ କଟକ
୨ ବାଉରୀବନ୍ଧୁ ନାୟକ ଝାଡ଼ବନ୍ଧା ,,
୩ ରାଧାନନ୍ଦ ମହାନ୍ତି ,, ,,
୪ କରୁଣାକର ମହାନ୍ତି ନୂଆଗାଁ ,,
୫ ନାରାୟଣ ମହାନ୍ତି ଦୋଳବାନ୍ଧି ,,
୬ ଜନ୍ମମଣି ସାହୁ ସୁଲତାନଗଡ଼ ,,
୭ ଚତୁର୍ଭୁଜ ମହାପାତ୍ର ଜମର୍ଦ୍ଦା ,,
୮ ନରସିଂହ ମହାପାତ୍ର ,, ,,
୯ ରାମ ମହାନ୍ତି ଝଙ୍କଡ଼ ,,
୧୦ ଦ୍ୱାରିକାନାଥ ଗୁପ୍ତ ବଇଡ଼ା ,,
୧୧ ଅଭୟ ସାହୁ ଅଲଷାବଜାର ,,
୧୨ ଅନନ୍ତ ଷଡ଼ଙ୍ଗୀ ପଦ୍ମପୁର ,,
୧୩ ପରମାନନ୍ଦ ବେହେରା ଗଙ୍ଗାମଣ୍ଡଳ ,,
୧୪ ଭଜବନ୍ଧୁ ଦାସ ଜଗତପୁର ,,
୧୫ ଅନ୍ତର୍ଯ୍ୟାମୀ ନନ୍ଦ ଭଣ୍ଡାରି ,,
୧୬ ସ୍ୱାମଚରଣ ନନ୍ଦ ,, ,,
୧୭ ଅର୍ଜୁନ ନନ୍ଦ ,, ,,
୧୮ ପଦ୍ମନାଭ ଦାସ ବାହାବଲପୁର ,,
୧୯ ଉପେନ୍ଦ୍ର ଦେହୁରୀ ମହାବଲପୁର କଟକ
୨୦ ହରିହର ସାମନ୍ତ ବରିପଦା ,,
୨୧ ନାମଦେବ ସ୍ୱାଇଁ ,, ,,
୨୨ ମଧୁସୂଦନ ପଟ୍ଟନାୟକ ସୁକିନ୍ଦା ,,
୨୩ ବୈଦ୍ୟନାଥ ଦାସ କଲ୍ୟାଣପୁର ,,
୨୪ ହରିକୃଷ୍ଣ ପଣ୍ଡା ଗୁହାଳର ,,
୨୫ ମିରମନସର ଅଲି ବଡ଼ଖାଟ ,,
୨୬ ସର୍ବେଶ୍ୱର ଦାସ ବୋଡ଼ଲୀ ,,
୨୭ ବିଦ୍ୟାଧର ମିଶ୍ର ବୈଦ୍ୟେଶ୍ୱର ,,
୨୮ ଯୋଗେନାଥ ଧଳ ଡମପଡ଼ା ,,
୨୯ ଜଗବନ୍ଧୁ ଦାସ ପୁରୀ ଟାଉନ ପୁରୀ
୩୦ ଧୌରେଇ ସାହୁ ବାବାବାଜ ପାଟଣା ,,
୩୧ ହାଡ଼ିବନ୍ଧୁ କର ଦାମୋଦର ପୁର ,,
୩୨ ରଘୁନାଥ ଦାସ ହରିଚଣ୍ଡୀସାହି ,,
୩୩ ନୃପେନ୍ଦ୍ରମହାନ୍ତି ଉତ୍ତର ,,
୩୪ ଅନ୍ତର୍ଯ୍ୟାମି ପଟ୍ଟନାୟକ ବାଣପୁର ,,
୩୫ କୃଷ୍ଣଦିବାର ପଟ୍ଟନାୟକ ବନ୍ଧ ମାନ ଗାଡ଼ିଆ ,,
୩୬ ହରେକୃଷ୍ଣ ସାହୁ ଗଞ୍ଜପଡ଼ା ,,
୩୭ ବାଞ୍ଛାନିଧି ମିଶ୍ର ଶିଶୁପାଳ ,,
୩୮ ଭାଗୀରଥୀ ପଟ୍ଟନାୟକ ସ୍ୱପ୍ନେଶ୍ୱର ,,
୩୯ ଫକୀର ମିଶ୍ର ଦକ୍ଷିଣ ସ୍ୱଡ଼ସ ,,

Digitized by srujanika@gmail.com

Split by PDF Splitter



୪୦ ଭୁଲମଣି ପଟ୍ଟନାୟକ କଣାସ „
୪୧ ଯୁଧିଷ୍ଠିର ପରିଡ଼ା ବୋଟାଲା ଡ଼ିଙ୍ଗାବାଲେଶ୍ୱର
୪୨ ରୁଦ୍ରନାରାୟଣ ପଧାନ ଅଲ୍ଲଲପୁର „
୪୩ ମହେନ୍ଦ୍ରନାଥ ସାନ୍ନଲ „ „
୪୪ ସୁଧାକୃଷ୍ଣ ଦାସ ଜମର୍ଦ୍ଧା „
୪୫ ଜଗନ୍ନାଥ ନାୟକ ଖାନନଗର „
୪୬ ନରହିଁ ହ ସନ୍ଧଲ ନାମ୍ପୋ „
୪୭ ରଘୁନାଥ ଦାସ ମନାରସାହି „
୪୮ ଶ୍ରୀମତୀ କୁମାରୀ ମୁକ୍ତକେଶୀବାଲା ଶାନ୍ତିପୁର
ମିଶନ ବାଳିକାସ୍କୁଲ „
୪୯ ସ୍ୱରବାନନ୍ଦ ଦାସ ନୂଆପାଡ଼ୀ „
୫୦ ଜ୍ୟୋତିଚରଣ ଘୋଷ ସୋମନାଥପୁର „
୫୧ କାଶୀନାଥ ଦାସ କଲ୍ୟାଣୀ „
୫୨ ହୃଷୀକେଶ ଜେନା „ „
୫୩ ଦୁର୍ଯ୍ୟୋଧନ ମହାପାତ୍ର ମହୁଷ୍ଟଦାନଗର „
୫୪ ଭଦ୍ରନାରାୟଣ ଭୂୟାଁ „ „
୫୫ ଶ୍ରୀଗଦଦପ୍ରସାଦ ଷଣ୍ଢ ମହୋ „
୫୬ ଯୁଧିଷ୍ଠିର ଷଣ୍ଢ ଭୁବେଶ „
୫୭ ଗଜେନ୍ଦ୍ର ଦାସ ମାହାପାତ୍ର ଶିବପୁର „
୫୮ ଫଣୀନ୍ଦ୍ର ଲାଲଦାସ ମାହାଙ୍ଗା „ „
୫୯ ମଣୀନ୍ଦ୍ର ନାୟକ କାଶୀମପୁର „
୬୦ କୁଞ୍ଜବିହାରୀ ଦାସ ଗୁଳୁଦରଡ଼ା „
୬୧ ବନମାଳୀ ସାହୁ ଜଗଜାଁ „
୬୨ ଲକ୍ଷ୍ମଣ ଦାସ ଶୁଭଦରଡ଼ା „
୬୩ ଅନନ୍ତ ପଣ୍ଡା କାଳବରୁଆ କେନ୍ଦୁଝର
୬୪ ସ୍ୱବସ୍ତାମ୍ମ ମହାନ୍ତି ଗେଲପୁର ବାଲେଶ୍ୱର
୬୫ ଫକୀରଚରଣ ସ୍ୱଭଙ୍ଗ ରେଲପୁର
ବାଲେଶ୍ୱର
୬୬ ଚଣ୍ଡୀଶ ନାୟକ ରାଢ଼ନମହଲଶିକ୍ଷକ „
୬୭ ଧାନକୃଷ୍ଣ ଦାସ ଓଳମରା „
୬୮ ଶ୍ରୀହର ସ ଷ୍ଟେଶନପଡ଼ା „
୬୯ ପଦ୍ମଣ ମହାନ୍ତି ପାଣ୍ଡ୍ରୀ „
୭୦ କୃଷ୍ଣଚନ୍ଦ୍ର ମିଶ୍ର „ „
୭୧ ହରିକେଶ୍ୱର ଗିରି ଅମର୍ଦ୍ଦା ମୟୂରଭଞ୍ଜ
୭୨ ଯୁଧିଷ୍ଠିର ମହାପାତ୍ର କୋଷ୍ଟା „
୭୩ ଅନୁକ୍ଳେଦ୍ରନ ପାଢ଼ୀ ଷରଣର ଶୁଳଗିର
୭୪ ହୃଷୀକେଶ ପାଣି ଧଳପୁର ଢେଙ୍କାନାଳ
୭୫ ସ୍ୱପ୍ନେଶ୍ୱର ମିଶ୍ର ସଦାଶିବପୁର „
୭୬ ସୁଦର୍ଶନ ପଟ୍ଟନାୟକ ମହୀ „
୭୭ ସନ୍ଧ୍ୟାବାସୀ ସାହୁ ହିନ୍ଦୋଳ ହିନ୍ଦୋଳ
୭୮ ଜଗନ୍ନାଥ ସାମନ୍ତ ହଲରାମପ୍ରସାଦ ଅନୁଗୁଳ
୭୯ ଲକ୍ଷ୍ମଣ ଦାସ ଷନ୍ତଶ „
୮୦ କୃତ୍ତିବାସ ପଢ଼ିଆରୀ ସୁନାଖଳା

୮୧ ଶ୍ରୀମତୀ ମନୋରମା ଦେବୀ ବେରହମ୍ପୁର
ବାଳିକା ବିଦ୍ୟାଳୟ କଟକ
କଙ୍କଳସାଲେ ପରୀକ୍ଷିତା ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହ ଆରମ୍ଭରେ ଖଣ୍ଡପଡ଼ା ରାଜା ଏ ନଗରକୁ ଆସି ଅଛନ୍ତି । ଶ୍ରୀଯୁକ୍ତ ଲଡ଼ନାଥ ସୁପ୍ରଣ୍ଟ ସାହେବ ସସ୍ତ୍ରଳ୍କୁ ଫେର ଅସିବା ପର୍ଯ୍ୟନ୍ତ ରାଜା ଏଠାରେ ରହିବେ ବୋଲି ଶୁଣାଯାଏ ।

ପାରଲଖେମୁଣ୍ଡିର ନାବାଳଗ ରାଜା ଶିକ୍ଷାଲାଭ ନିମନ୍ତେ ଗତ ମଙ୍ଗଳବାର ଏ ନଗରରେ ପହଞ୍ଚି ଚୂଡ଼ାଙ୍ଗସାହି ଛକଟ ଏକ କୋଠିରେ ବସା କରି ଅଛନ୍ତି । ରାଜାଙ୍କ ବୟସ ୧୦ ବର୍ଷ ମାତ୍ର ଅଟେ । ଏହାଙ୍କ ରକ୍ଷା ଶିକ୍ଷାର ବିଶେଷ ବନ୍ଦୋବସ୍ତ ଅବଶ୍ୟକ ।

ଶୁଣାଯାଉଛି ରେଳିଡ଼ାଇଲର ନାବାଳଗ ରାଜା ଶୀଘ୍ର ଶିକ୍ଷା-ନିମନ୍ତେ ଏ ନଗରକୁ ଆସିବେ । ଏହାଙ୍କ ରହିବା ସକାଶେ ଅଧିକାର ମଞ୍ଜୁର ହୋଇ ଅଛି ।

ଗତ ମଙ୍ଗଳବାର ପୌଷସଂକ୍ରାନ୍ତି ଉପଲକ୍ଷରେ ଅଦାଲତ କଚେରୀର ଅମଲାମାନେ ଧବଳେଶ୍ୱର ମହାଦେବଙ୍କ ନିକଟରେ ବୃହତ୍ ବନଭୋଜି କରିଥିଲେ ।

ହଇ ଓ ବଇଶଥରୁ ପୂର୍ବେ ଏ ନଗରରେ କନ୍ଦମୂଳ୍ୟ ପଡ଼ିଥିଲା । ଅନେକ ଲୋକ ଅଭାବ କାଟିବାକୁ ଏ ସବୁ ଦ୍ରବ୍ୟ କଢ଼ ମୂଲରେ ହୋଇଛି । ସାଗ ଫଳ ଫୁଲ ଗୋଟାକୁ ବୁଝାପଡ଼ିଲା ଓ ସାଗ ବଇଶଥରୁ ବେଶି ଆସୁଅଛି ।

## କଲିକତା-ଗେଜେଟ ।

ଡେ, କଲେକ୍ଟର ବାବୁ ଜଗ୍ନିଚରଣ ଶର୍ମା ବାଲେଶ୍ୱର ଡିଷ୍ଟ୍ରିକ୍ଟ ଅଃ ଇଞ୍ଜିନିୟର ନିଯୁକ୍ତ ହୋଇଅଛନ୍ତି ଓ ବାଲେଶ୍ୱର ଡିଷ୍ଟ୍ରିକ୍ଟର ଲେଭେନ୍ୟୁ ଅଫିସର କାର୍ଯ୍ୟନିର୍ବାହର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ନଦୀବନ୍ଧରେ ନିଯୁକ୍ତ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ରମେଶଚନ୍ଦ୍ର ଦାସ ଓ ବାବୁ ଅକ୍ଷୟକୁମାର ସେନ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

---

ଓସ୍କାରଲଣ୍ଡରେ ଦେଶୀୟ ବଳ ଯୁଦ୍ଧ ଓ ଅଶାନ୍ତି କାଳ ମଧ୍ୟରେ କରୁ ସେମାନଙ୍କ ମଧ୍ୟରୁ ସଇଦବନାର ଧାରଣେ ଖେଳୁଛନ୍ତି ସେମାନେ ମଦ୍ୟବେଳେ ମିଶିବାକୁ ଚାହାନ୍ତି ନାହିଁ ବାରବେଣ ଶେଷ ଦେଶର ଉତ୍ତର-ଅଂଶରେ ଅବସ୍ଥାନ କରନ୍ତି ଓ ସେମାନେ ଚନ୍ଦ୍ରୀମ ରଙ୍ଗରେ କଲଠାରେ ନିମିଶ୍ର କରନ୍ତି । ଏମାନଙ୍କ ସ୍ୱତନ୍ତ୍ର ସ୍ୱାଧୀନତା ଲକ ସାର୍ଥକର ଅର୍ଥ ନାହିଁ । ମାନୁଷ ମାନଙ୍କ ହିତ ଏହାଙ୍କୁ କାକଚାରି କରିବାକୁ ହେବ ଏହାଙ୍କର ଯୋଗବଳ ଉପଦ୍ରବାର ହେବ ।

ବୋମ୍ବାଇର ଗଭର୍ଣ୍ଣର ଲର୍ଡ ହାରିସ ଶାସନବର୍ଷ ଶେଷରେ ସିନ୍ଧୁଦେଶ ମାସ ତା ୨୮ ଦିନରେ ଇଂଲଣ୍ଡ ଯାତ୍ରା କରିବେ ।

ଅସ୍ତ୍ରଠାରେ ଭୂମିକମ୍ପର ବୃଷ୍ଟି ହୋଇଥିବାର ଖବର ପାଉଅଛୁ ବଡ଼ ଥିଲା । ତଥାରୁ ଏତଦ୍ଭିନ୍ନ ସାଂଘା ହେବାରୁ ଅନେକଲୋକେ କ୍ଷତ ହୋଇଅଛନ୍ତି ଓ ମଧ୍ୟ ଅର୍ଥ ପ୍ରାପ୍ତ ହୋଇଅଛନ୍ତି । ପଶ୍ଚାତର କଷ୍ଟ ମଧ୍ୟ ହୋଇ ଅଛି ।

ଜାପାନ କ୍ରମଶଃ ଯୁଦ୍ଧରେ ଜୟୀ ହୋଇ ଚୀନର ଅଭ୍ୟ-ନ୍ତରକୁ ଅଗ୍ରସର ହେବାକୁ ଲାଗୁ ନାହାନ୍ତି ଜାପାନସୈନ୍ୟ ଗତ ତା ୧୯ ଖରେ ମିଷ୍ଟ ଦୁଅର ହେଡଙ୍ଗଠାରେ ଦଶସହସ୍ର ଚୀନ ସୈନ୍ୟଙ୍କୁ ଆକ୍ରମଣ କରିଥିଲେ ଚୀନାମାନେ ପ୍ରାଣପ-ଣରେ ବାଧା ଦେଇ ୫ ଘଣ୍ଟା ଘୋରତର ଯୁଦ୍ଧ ଉତ୍ତାରେ ଭଙ୍ଗଦେଇ ଥିଲେ ଓ ଅନେକ ସୈନ୍ୟ ନଷ୍ଟ ହୋଇ ଥିଲେ ଜାପାନଙ୍କ କ୍ଷତି ଅଧିକ ଜଣା ହୋଇ ନାହିଁ ।

ଭୀମସୁନ୍ଦରାବାଦର ଅଭ୍ୟନ୍ତରର [ ଅକ୍ଷର ] ହିଙ୍ଗ ଦନ୍ଦରେ ରଥ୍ୟାଭୂର ଓ ଅନୁପଯୁକ୍ତତାର ଦୋଷାରୋପଣ କରାହୋଇଥିଲା ବରୁ ବହୁଦର୍ଶୀ କର୍ତ୍ତୃପକ୍ଷମାନେ ଉକ୍ତ ଦୋଷାରୋପ ଅନ୍ୟାୟ ଅଟେ ଓ ତାହାକାଯଧାରଙ୍କ ଶାସ୍ତି ଉଠାଇଲେ ସେମାନେ କାର୍ଯ୍ୟରୁ ଇସ୍ତଫା ଦେବେ । ବର୍ତ୍ତମାନ ପ୍ରକାଶ ପାଇ ଅଛି ସେ ହିଙ୍ଗଙ୍କ ଅଧୀନ କାର୍ଯ୍ୟରେ ରଖ ହୋଇଅଛି ।

ଲର୍ଡ ସୁଲ୍‌ଫ ଭର୍ଜିନ ପକ୍ଷାଘାତ ରୋଗରେ ଆକ୍ରା-ନ୍ତ ହୋଇ ଅତ୍ୟନ୍ତ କଠିନ ଅବସ୍ଥାରେ ଅଛନ୍ତି । ବର୍ତ୍ତମାନ ସେ ଅଜ୍ଞାନ ଅବସ୍ଥାରେ ଅଛନ୍ତି ।

ସେଣ୍ଟପିଟର୍ସବର୍ଗ ଓ ବର୍ଲିନ୍‌ର ସମ୍ବାଦ ହାର ଚୀନ ଓ ଜାପାନର ସନ୍ଧି ସ୍ଥାପନ ହେବା ସମ୍ଭାବନା । ଚୀନ ସମ୍ରା-ଟ୍ରାଜ୍ୟଶାସନ ଯୋଗସନ୍ଧି ଅବଶ୍ୟ ଚୀନ ଶତ୍ରୁଙ୍କ ମିଳନରେ ନିଶେଷ କାର୍ଯ୍ୟକାରୀ ହେବ ।

କୋରିଆରେ ଖଙ୍ଗ ଉଦ୍ୟୋଧଳ ବୃଦ୍ଧି ହେଉଅଛନ୍ତି ଓ ସେମାନେ ଅନେକ ସହର ପୋଡ଼ିଦେଇ ଛନ୍ତି । କୋରିଆ ଗଭର୍ଣ୍ଣମେଣ୍ଟ ଜାପାନଠାରୁ ସାହାଯ୍ୟ ମାଗୁ ଥାଇ କରିଅଛନ୍ତି ।

ଚଟ୍ଟଗ୍ରାମ ଅଃ ଜଜ ମିଃ ରିକାର୍ଡ ଓ ଉଚ୍ଚାନିଧାର ଲ-କୋର ଓ କର୍କବେଲରେ ବାହାରିବା ସମୟରେ ଗୋଟିଏ ବାକ୍ସ ପଡ଼ି ଗଲେ ସେଥିରେ ୫ ୧୦୦୦୦ ଟଙ୍କା ଓ ଜେ-ଭେଳ ମଣି ମୁକ୍ତା ଥିଲା । ଜ ୫ ଣ ପେଷ୍ଟର ପ୍ରଭୁଷ ଏଉଦ୍-ଘଟିତ ବିଷୟରେ ଧୃତ ହୋଇ ଛନ୍ତି । ସେମାନେ ସ୍ୱୀକାର କରଥିଲେ ମୁଁ ବେଦର ସେମାନଙ୍କ ଅଚଳିଣରେ ବାନ୍ଧ ହୋଇ ଗାଡ଼ି ଛାଡ଼ିବା ସମୟରେ ବାକ୍ସକୁ ପଡ଼ି ଯାଇଥିଲେ । ସେ ସେଉଅସି ଦେଖନ୍ତି ବାକ୍ସ ସ୍ଥାନାନ୍ତର ହୋଇଅଛି । ଏକ ସ୍ଥାନରେ ୫ ୪୦୦୦ ଟଙ୍କା ପାଇ ଯାଇଅଛି ଓ ମଧ୍ୟ ୫ ୧୫୦୦ ଟଙ୍କା ମିଳିଛି । ସେମାନେ ପୁଲିସମାନେ ପତାସୁନ-ଚେଷ୍ଟା କରୁଥିବା ସମୟରେ ଜଣେ ଏପରି ସମ୍ବାଦ ପ୍ରାପ୍ତ ହୋଇ ଅଛି ସେ ଚାବି ଅବଶେଷରେ ଦଶ୍ୟାଙ୍କରେ ଅବଶ୍ୟ ସ୍ୱୀକାର କରିବାକୁ ହୋଇଅଛି ।

କଲିକତାରେ ମେଡ଼ିକେଲ କଲେଜରେ ୭୭୫ ଜଣ ସଭ୍ୟ ଉପସ୍ଥିତ ହୋଇଥିଲେ ଏହା କୋଷାଧ୍ୟକ୍ଷ ସାମାଜିକ ଦ-ଷ୍ଟ ସ୍ୱର ଜନିତ କରୁଥିଲ ସମୟରେ ଛାତ୍ରମାନେ କଲି-କତା ନଗରରେ ଏକତ୍ରିତ ହୋଇ ଦଳକୁ ଦଳ ଜଣ ନି-ଶଦର ଶ୍ରେଣୀରେ ମଧ୍ୟ ରକ୍ଷା କରୁଥିଲେ ଏକବର୍ଷର ଲୋକ ଏକତ୍ରିତ ହେଲେ ଅନ୍ନୋଦ ମଧ୍ୟ ସାମାନ୍ୟ ହୁଅଉନାହିଁ ।

ଭାରତୀୟ ଗଭର୍ଣ୍ଣମେଣ୍ଟ ଦୁର୍ଭିକ୍ଷପରେ ଅନୁଦାନ କରି ବୃଦ୍ଧି କରିବାର ମଞ୍ଜୁର କରିଅଛନ୍ତି ।

ଗତମାସ ତା ୧୩ ଦିନ ଅପରାହ୍ନ ସମୟରୁ ରାତ୍ରି ଅଗଣିତ ପର୍ଯ୍ୟନ୍ତ ଇଙ୍ଗଠାରେ ଅନେକଥର ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳିଛି । ସହରରି ଅନେକ ଗୃହର ପଲସ୍ତରର ଏଥର ପାଉବେ ଫାଟି ଯାଇଅଛି । ସୌଭାଗ୍ୟକ୍ରମେ କୌଣସି ଲୋକ ହତ୍ୟା ହୋଇ ନାହିଁ ।

Digitized by srujanika@gmail.com

କଲିକତାରେ ଜନରବ ହୋଇଅଛି ଯେବେ ରକ୍ଷଣଶୀଳ-ଦଳ ମନ୍ତ୍ରିତ୍ୱ ଲାଭ କରିବେ, ତେବେ ଲର୍ଡ଼ଲ୍ୟାନ୍ସ ଡାଉନ ଭାରତସଚିବ ନିଯୁକ୍ତ ହେବେ । ଏକଥା ଶୁଣି ପ୍ରକୃତରେ ଅଚମ୍ଭା ହେବ । ତେବେ ଉଦାର ଏବଂ ରକ୍ଷଣଶୀଳଗଣ ମଧ୍ୟରେ ଘାତପ୍ରତିଘାତ ଚାଲିଅଛି । ସେମାନେ ଆଗାମି ସାଧାରଣ ନିର୍ବାଚନରେ ପରାଜିତ ହେଲେ ଜାଣନ୍ତି ତାହା ଯୁଝା ଯୋଗ୍ୟ ଥାଇ ନ ପାରେ । ରକ୍ଷଣଶୀଳ ଗଣଙ୍କ ହସ୍ତରେ ଗବର୍ଣ୍ଣମେଣ୍ଟର ଭାର ପଡ଼ିଲେ ଲର୍ଡ଼ଲ୍ୟାନ୍ସ ଡାଉନ ଯେ ଭାରତର ସଚିବ ହେବେ, ତାହା ଅବା କିଏ କହିପାରେ !

ଲର୍ଡ଼ ସେଣ୍ଡହାଷ୍ଟ ବୋମ୍ବାଇର ଗବର୍ଣ୍ଣର ନିଯୁକ୍ତ ହୋଇଅଛନ୍ତି । ଏହାଙ୍କ ପିତା ସର ଜନିଲସ୍ ମ୍ୟାନ୍ସଫିଲ୍ଡ ବଙ୍ଗଳାର ସୈନ୍ୟଦଳର ପ୍ରଧାନ ସେନାପତି ଥିଲେ । ସେ ଶିଖଯୁଦ୍ଧରେ ଓ ସିପାହୀ ବିଦ୍ରୋହ ସମୟରେ ଆପଣାର ଗୌରବ ପ୍ରକାଶ କରିଥିଲେ । ଏହାଙ୍କ ମାତା ସେବକସ୍ତବକର କାର୍ଯ୍ୟରେ ପରମ ଅନୁରାଗ ପ୍ରକାଶ କରିଥାନ୍ତି । ଲର୍ଡ଼ ସେଣ୍ଡହାଷ୍ଟ ଗ୍ଲାଡ଼ଷ୍ଟୋନଙ୍କ ଅଧୀନରେ ଯୁଦ୍ଧ ବିଭାଗରେ ସହକାରୀ ସଚିବ ଥିଲେ ସ୍ୱାର୍ଥରେ ଏହାଙ୍କର ଅନୁରାଗ ଅଛି ବୋଲି ଶୁଣାଯାଏ ।

ଜଣେ ହିନ୍ଦୁ ମହିଳା ହାଇକୋର୍ଟ ପ୍ରଥମ ମୁନସଫଙ୍କ ଅଦାଲତରେ ଏକ ଜମିଦାରୀ ମୋକଦ୍ଦମାରେ ଖଣ୍ଡିଏ ନ୍ୟାୟ-ପତ୍ରିକା ଦାଖଲ କରିଥିଲେ । ହାଇକୋର୍ଟ ତାହା ବୋଲି ପ୍ରକାଶ ପାଇବାରୁ ତାହା ସ୍ୱତନ୍ତ୍ର ହସ୍ତରେ ଅର୍ପିତ ହୋଇଅଛି ।

କଲିକତା ଜନଗଣଙ୍କ ଏବଂ ବୋମ୍ବାଇଠାରୁ ଗୋଟିଏ ଷ୍ଟିମରରେ ପଡ଼ିଥିବା ଜଳୁଣ୍ଡାରୁ ପ୍ରାଣ ହରାଇଥିବାର ସମ୍ବାଦ ମିଳଇ ।

ବେଲଜିୟମର ଏକ ସମ୍ବାଦପତ୍ର ଅଗ୍ନି ବୃଦ୍ଧି କରିବାର ଏକ ପ୍ରଶସ୍ତ ଉପାୟ ଉଦ୍ଭାବନ କରିଅଛନ୍ତି । ସେ କହନ୍ତି ଜଣକାରି ଉପରେ ଟିକସ ବସାଇଲେ ଅନେକେ ବାଲ୍ୟ ବିବାହ ତେଜି ଜଣଦାତା ହେବେ । ମଜା କହେ । ଷ୍ଟିଲେ-କମାନେ ଏହାକୁ ଅନ୍ୟତ୍ର ଅବଲମ୍ବନ କରିବେ ପରା !

କଲିକତାଠାରେ ଗୋଟିଏ ଭାରତ ଅଗ୍ନିସେବକ କଳ୍ପ ୨ ପୋଡ଼ି ଯାଇ ମଲା ପଡ଼ିବାର ସମ୍ବାଦ ମିଳଇ । ଜଣେ ନବଜାତ ଶିଶୁକୁ ଛଡ଼ିବା କଦାପି ଉଚିତ ନୁହଇ ।

ଚାଟଗ୍ରାମ ଜଜ ଏକ ଫୌଜଦାରି ମୋକଦ୍ଦମାରେ ନିଷ୍ପତ୍ତି ହୋଇଥିବା ବିଷୟ ପାଠକମାନଙ୍କୁ ଜଣାଅଛି । ଜଣେ ଦେଶୀୟ ଡାକ୍ତର ତାଙ୍କ ନାମରେ କଲିକତାର ୫ ୫୦୦୦ ଟଙ୍କାର ଜମାଖର୍ଚ୍ଚ ଲେଖାଇ ନେଇଥିବାର ଅପରାଧରେ ୨ ମାସ ଜେଲ ହେଉଥିଲେ । ବନ୍ଧୁ-ଭଦ୍ର ଲୋକମାନେ ସେଥିରୁ ନିର୍ଦ୍ଦୋଷୀ ହେବାର ଆଶା କରୁଅଛନ୍ତି । ତାଙ୍କ ସମ୍ମାନରକ୍ଷା ହେବା ବଡ଼ ଅନିଶ୍ଚିତ ବିଷୟ ଅଟଇ । ଦରଖାସ୍ତରେ ନୂତନ ମୋକଦ୍ଦମାରେ ଡାକ୍ତରଙ୍କୁ ଏଥିରୁ ନିସ୍ତାର କରିବା ପାଇଁ ଆଶୋ ଅଛନ୍ତି ବୋଲି ନ ପାରେ ।

ଜାପାନମାନେ ଜାପାନ ଓ କୋରିଆ ମଧ୍ୟରେ ଅଧିକ ଜାହାଜ ଦିବା ଅଧିକା କରିବାର ବନ୍ଦୋବସ୍ତ କରି ଲୋ-ଶିମା ନାମକ ଜାନିବ ସ୍ଥେବକୁ କୋମ୍ପାନୀ ଦେଇ ଏକ ଧାର କରାଇବା ନ ଗଣ ପ୍ରେରଣ କରିଅଛନ୍ତି । ଚୀନ ବାଦର କାର୍ଯ୍ୟ ଅନ୍ତ ହେବାର ଯୋଗାଡ଼ ଲଗିଅଛି ।

କଲିକତାର ସୁରେନ୍ଦ୍ରନାଥ ନାମକ ଜଣେ ବ୍ୟକ୍ତି-ମାନଙ୍କରେ ତାହାର କନ୍ୟା ୫ ୫୦୦ ଟା ଠକାଇ ନେଇଥିବା ଅପରାଧରେ ଫୌଜଦାରୀରେ ନାମଲ ଦାଏର କରିଥିବାର ସମ୍ବାଦ ମିଳଇ । କଥିତ ଅଛି ଯେ କନ୍ୟା ଶାସ୍ତ୍ରରେ ଆଉ ଚାରି ଜିବନରେ ସମସ୍ତ ଜମାକରି ୫ ୫୦୦ ଟା ପର୍ଯ୍ୟନ୍ତ ଖର୍ଚ୍ଚ କରିଥିଲା । କନ୍ୟା ସେ ଟଙ୍କା ମାଗିବାରୁ ପିତା ନାସ୍ତି କଲେନ୍ତି ମାମଲା ଫୌଜଦାରୀରେ ଅଗତ ହେଲା । ଏଭଳି ପିତା ମଧ୍ୟ ଅଛନ୍ତି !

ଅମେରିକାର ସଭାପତି ସେଠା ମହାସମିତିକୁ ଲେଖିଅଛନ୍ତି ଯେ ଜାପାନ ଯେଉଁ ଉନ୍ନତି ସାଧନ କରୁଅଛି ଏବଂ ସ୍ୱାଧୀନତା ଲାଭ କରିବା ନିମିତ୍ତ ଯେଉଁ ଚେଷ୍ଟା କରୁଅଛି ତାହା ଅତ୍ୟନ୍ତ ପ୍ରଶଂସନୀୟ ଅଟଇ । ବାସ୍ତବରେ ଜାପାନର ଆଶାତୀତ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଅପୂର୍ବ ବିଷୟ ଯେ ସମୁଦାୟ ଉନ୍ନତି ଏହି ୨୫ ବର୍ଷ ମଧ୍ୟରେ ।

ଦକ୍ଷିଣ ଭାଗରେ ମାଲ୍ଦେଭର ଉପକୂଳ ଭୂମିକମ୍ପ ଅନୁଭୂତ ହୋଇଥିବାର ସମ୍ବାଦ ମିଳଇ । ଏଥିରେ ୭୮୬ ଲୋକ ହତ ଏବଂ ୭ ୫୬୦ ଣ ଲୋକ ପୀଡ଼ାପ୍ରାପ୍ତ ହୋଇଅଛନ୍ତି ।

ଗତ ଗଣନା ଚୀନ ରାଜ୍ୟରେ ଅଷ୍ଟ୍ରେଲିଆର ପାଚଶିଆ-ଦ୍ୱୀପ ଶେଷ ହେଲା । ସେ ଦ୍ୱୀପକୁ ଆସିଥିବା ପଶୁମାନଙ୍କରେ ଗୋ ମହିଷାଦି ୪୨୦୦୦, ଓଟ ୨୦୦୦, ଘୋଡ଼ା ୨୫୦୦ ଏବଂ ଭେଡ଼ା ୧୫୦୦୦ ଥିଲା ଏବଂ ଏହିସ୍ଥାନ ମଧ୍ୟରେ ପାଖ ଦଶପଣ ବର୍ଦ୍ଧିତ ହୋଇଥିଲା ।

## ଟେଲିଗ୍ରାଫଯୋଗ-ସମ୍ବାଦ ।

ଗତ ସୋମବାର ରାତ୍ରି ବେଳ ଉତ୍ତର ଶୀତ ପଡ଼ିଅଛି । ଗଞ୍ଜାମର ପାରଦ ଅତ୍ୟନ୍ତ ହୋଇଅଛି । ଶୀତଋତୁର ଶୁନ୍ଦର ମେ ୧୨।୮ ନ ଗତରେ ଦର୍ଶିତ ହେଉଅଛି ।

ଏଥିମଧ୍ୟରେ ଷ୍ଟେସନମଧ୍ୟରେ ବହୁଲୋକ ଦେଖାଦେଇ ଦୃଢ଼ ଏକଜଣ ଲୋକଙ୍କ ମୁଣ୍ଡମୁଣ୍ଡରେ ପଡ଼ି କରିଅଛି ।

ସ୍କୁଲ ଷ୍ଟେସନ ଓ ମୋଫସଲମାନଙ୍କରେ ଟୀକାଦିଅ କାର୍ଯ୍ୟ ଆରମ୍ଭ ହୋଇଅଛି ।

ଅଗତ ପ୍ରବେଶିକା ପରୀକ୍ଷା ସମାପ୍ତ ଏ ବର୍ଷ ଏଠାରୁ ହାଇସ୍କୁଲରୁ ୫ ୭ ଣ ଛାତ୍ର ମନୋନୀତ ହୋଇ ଅଛନ୍ତି ।

ଗତ ବୁଧବାରଠାରୁ ଏଠା ହାଇସ୍କୁଲ ଗୃହରେ ଛାତ୍ର-ବୃତ୍ତିମାନଙ୍କ ପରୀକ୍ଷା ଆରମ୍ଭ ହୋଇଅଛି ଓ ଷ୍ଟେସନ ବାବୁ ରାଜକୁମାର ସେନ୍ ତତ୍ତ୍ୱାବଧାନରେ ଏଠାରେ ପର ଅଧ୍ୟକ୍ଷ ରୂପରେ ଅଛନ୍ତି । ହାଇସ୍କୁଲର ବାର୍ଷିକ ପରୀକ୍ଷା ଆସନ୍ତା ସପ୍ତାହରେ ଆରମ୍ଭ ହେବ ।

ଏଠା ଜଜବେକ ନଲଙ୍କ ମଲବରର ଏଥି ପୂର୍ବେ ଟେଷ୍ଟ ଅମଲଚିହ୍ନାର ଅବସ୍ଥା ହୋଇଥିଲା ତାହା ଅବଧି ପାଇ ନ ଗଲା । ମ୍ୟୁନିସିପାଲ କାର୍ଯ୍ୟ ଅତି ବେବନ୍ଦୋବସ୍ତ ଭଲୁଥିଲା । ଏଥର ଲୋକମାନଙ୍କର ସୁବିଧା ହେଉଥିବା ସ୍ଥଳରେ ସ୍ୱତନ୍ତ୍ର ମାନେଜିଂ କମିଟୀ ଏକ ହଜାର ମାସିକ ୧ ୫୦ ଟା ବେତନରେ ନିଯୁକ୍ତ କରିଅଛନ୍ତି । ଆଶା କରୁ ଏଣିକି କାର୍ଯ୍ୟ ସୁଚାରୁରୂପେ ନିର୍ବାହ ହେବ ।

ଗତ ବଡ଼ଦିନ ବନ୍ଦ ଉପଲକ୍ଷେ ଏଠାକାର ବନ୍ଦୋବସ୍ତ ଅମଲମାନେ ଡାକଦେବଙ୍କ ମନ୍ଦିରରେ ଗୋଟିଏ ଭୋଜ କରିଥିଲେ । ଓ ତାହାର ପରଦିନ ଏଠାକାର ଫୌଜଦାରୀ

ଓ ଦେୱାନୀ ଅଦାଲତ ଓ ମ୍ୟୁନିସିପାଲିଟୀ ଓ ଅନ୍ୟାନ୍ୟ ଅଫିସର ଅମଲମାନେ ମିଳି ଏଠା ହାଇସ୍କୁଲ ଗୃହରେ ଗୋଟିଏ ପାର୍ଟି କରିଥିଲେ ଓ ଗୋଟିଏ ଭୋଜ କରିଥିଲେ । କଲିକତାର ଆସିଥିବା ଗାୟକମାନେ ୫ ୫୦୦ ଣ ଅଧିକ ଉଦ୍ଦେଶ୍ୟ ଅତ୍ୟନ୍ତ ଆମୋଦ ପ୍ରମୋଦ କରିଥିଲେ ଏବଂ ଭୋଜନ କରିଥିଲେ ।

ଏଠାକାର ସବଡିଭିଜନ ଷ୍ଟେସନ ଶୀଘ୍ର ଏକ ଖଣ୍ଡ ଅବଗତ ଦେଇଅଛନ୍ତି ଯେ ବହୁତ ହେବାରୁ ତାହାଙ୍କ ସ୍ଥାନରେ ଶ୍ରୀବାବୁ ନୀଳମଣି ଦାସ ଏଠାକୁ ଆସି ଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାର ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ଦୟାକରି ଗତକ ଲେଖାଟି ପତ୍ରିକାର ଏକ ପାର୍ଶ୍ୱରେ ମୋହର ନିମ୍ନଲିଖିତ ବିଷୟଟିକୁ ସ୍ଥାନ ଦାନ କରି ବାଧିତ କରିବା ହେବେ ।

କଟକ ଜିଲ୍ଲାର ଅନ୍ତର୍ଗତ ସମ୍ପତ୍ତିଶାଳୀ ଗଡ଼ଜମିଦାର ଶ୍ରୀ ବାବୁ ଦ୍ୱାରିକାନାଥ ମିତ୍ର ମହାଶୟ କଟକ ସହରରେ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାଦିନ ଦରିଦ୍ର ଲୋକମାନଙ୍କୁ ଶୀତବସ୍ତ୍ର ବିତରଣ କରୁଥିବା ବିଷୟ ପ୍ରାୟ କାହାକୁ ଅବିଦିତ ନାହିଁ । ତାଙ୍କର ରସୁଲପୁର ଜମିଦାରୀ-ମଧ୍ୟରେ କେବଳ ଦରିଦ୍ର ଲୋକମାନଙ୍କୁ ପୂର୍ବୋକ୍ତ ନିର୍ଦ୍ଦିଷ୍ଟ ଦିବସରେ ଶୀତବସ୍ତ୍ର ବିତରଣ କରୁଥିବାର ବିଷୟ ତାଙ୍କର ପ୍ରଧାନ କର୍ମଚାରୀ ଶ୍ରୀଯୁକ୍ତ ବାବୁ ଚନ୍ଦ୍ରଭାନୁ ଦାସ ମହାଶୟଙ୍କଠାରୁ ଶୁଣିଅଛୁଁ । ଧର୍ମଶାଳ ତାଲୁକରେ ତାଙ୍କର ଅଂଶ ଥିବାରୁ ଏ ଅଞ୍ଚଳରେ ମଧ୍ୟ ଗତ ତିନିବର୍ଷ ହେଲା ଶୀତବସ୍ତ୍ର ବଣ୍ଟନ କରୁଅଛନ୍ତି । ମାତ୍ର ସେହିମାନେ ତାଙ୍କ ନିଜ ଜମିଦାରୀ ମଧ୍ୟରେ ରହନ୍ତି ଅସମର୍ଥ ଅନ୍ଧ ଓ ଅଶ୍ରୟହୀନ ହୋଇଥିବେ କେବଳ ସେହି ଲୋକମାନଙ୍କୁ ଶୀତବସ୍ତ୍ର ଦଅଯିବାର ପ୍ରସ୍ତାବ (ତାଙ୍କର କର୍ମଚାରୀ ମହାଶୟ) କରିଥିବାରୁ ଏବର୍ଷ ଅନେକ ପରିମାଣରେ ବସ୍ତ୍ର ବିତରିତ ହୋଇ ପାରି ନାହିଁ ଏବଂ ଶୀତକାଳ ଅର୍ଦ୍ଧେକ ଅତିବାହିତ ହୋଇଅଛି । ଏଣୁ କରି ଦାତାଙ୍କର ମାନସ ପୂର୍ଣ୍ଣ ହୋଇ ପାରୁ ନାହିଁ । ଅତଏବ ମୁଁ ଆଶା କରେଁ ଯେ ଜମିଦାର ମହାଶୟ ତାଙ୍କର ନିଜର ଓ ଅନ୍ୟାନ୍ୟ ଜମିଦାରୀ ଉପସ୍ଥିତ ଦରିଦ୍ର ଲୋକମାନଙ୍କ ବସ୍ତ୍ର ବିତରଣ କରିବାର (କର୍ମଚାରୀ ମହାଶୟଙ୍କ)

Split by PDF Splitter

Digitized by srujanika@gmail.com

ଅଦେଶ ପ୍ରଦାନ କଲେ ଶୀତଗ୍ରସ୍ତ, ଅନାଥ, ଗରିବମାନେ ଉକ୍ତ ପରିମାଣରେ ଶୀତକଷ୍ଟରୁ ବଞ୍ଚିତ ହେବେ । ଇତି ।

ଆପଣଙ୍କର ଏକାନ୍ତ ବଶମ୍ବଦ
୧୭।୧୨।୯୪ } ଗିରିଧାରୀ ତ୍ରିପାଠୀ
ହେଡ୍‌ମାଷ୍ଟର କୋରଇ
କୋରଇ } ମିଡ଼ିଲ ଇଙ୍ଗଲିସ୍ସ୍କୁଲ

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଗୋପୀମୋହନ ବଳ ନରସିଂହପୁର | ଟ ୩।୦ |
| ଚୌଧୁରୀ ବୈଦ୍ୟନାଥ ବସ୍ତୁରୁ ମହାପାତ୍ର କେଡ଼ା | ଟ ୩।୦ |
| ବାବୁ ଗୋପୀନାଥ ତ୍ରିପାଠୀ ଜୟପୁର | ଟ ୨।୦ |
| ବାବୁ ଧର୍ମସିଂହ ମହାନ୍ତ ବୌଦ | ଟ ୩।୦ |
| " ତ୍ରିଲୋଚନ ମିଶ୍ର ତନନଜର | ଟ ୨।୦ |
| " ଲକ୍ଷ୍ମଣ ସରଳ କଟକ | ଟ ୨।୦ |

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦିଅଯାଉଅଛି ଯେ ଓଡ଼ିଶା ଟ୍ରଙ୍କ ରୋଡ଼ କେନାଲ "ଚତୁର୍ଥ ଏ ରେଞ୍ଜ" ଅର୍ଥାତ୍ ଜାମକୁଣ୍ଡାଠାରୁ ପାଣ୍ଡିପଡ଼ା ପର୍ଯ୍ୟନ୍ତ ତଥା ପାଣ୍ଡିପଡ଼ାଠାରୁ ଜାମକୁଣ୍ଡା ପର୍ଯ୍ୟନ୍ତ ମ ୧୦୦ ମଣ ବୋଝାଇ ବୋଟର ଲଗ ମାହାସୁଲ ଏକ ଟ ୧/ ଏକଅଣା ହିସାବେ ସନ ୧୮୯୫ ମସିହା ଜନୋୟାରୀମାସ ତା ୧ ଋଖଠାରୁ ନିଆଯିବ, ମାତ୍ର ଫେରନ୍ତି ବୋଟର ମାହାସୁଲ ନିଆଯିବ ନାହିଁ ଓ ମଧ ଜାମକୁଣ୍ଡାଠାରୁ ଗିର୍ଯ୍ୟାଁଖାଇ ତଥା ଗିର୍ଯ୍ୟାଁଖାଇଠାରୁ ଜାମକୁଣ୍ଡାଯାଏ ପୂର୍ବ ମାହାସୁଲ ଏକ ଟ ୬ଅଣା ହିସାବରେ ନିଆଯିବ । ଇତି । ୨୨।୧୨।୯୪

C. A. WHIT
*Executive Engineer,*
Balasore Division.

## ବିଜ୍ଞାପନ ।

କଟକ "ଅଲୋଚନା" ସଭାର ସାମ୍ୱତ୍ସରିକ ଅଧିବେଶନ ଚଳିତମାସ ତା ୭ ଋଖ ସୋମବାର ସନ୍ଧ୍ୟା ୭ ଟା ସମୟରେ କଟକ ନର୍ମାଲ୍‌ସ୍କୁଲଗୃହରେ ହେବ । ଶ୍ରୀଯୁକ୍ତ ବାବୁ ଗୋପାଳବଲ୍ଲଭଦାସ ଏମ୍, ଏ, ସଭାପତିର ଅସନ ଗ୍ରହଣ କରିବେ । ଉତ୍କଳସାହିତ୍ୟାନୁରାଗୀ ମହୋଦୟମାନେ କୃପାପୂର୍ବକ ଉପସ୍ଥିତ ହେବେ ଏହି ବିନୀତ ପ୍ରାର୍ଥନା ।

ଶ୍ରୀ ଚନ୍ଦ୍ରମୋହନ ମହାରଣା
"ଅଲୋଚନା" ସଭାର ସମ୍ପାଦକ ।

## A COMPLETE KEY
To
Lethbridge's Easy Selection
[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK The 22nd November 1894 } Akshoy Kumar Ghose and Hara chand Ghose

## ସଙ୍ଗୀତସର୍ବସାର !-

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।
ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।
ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲ, ଖେମଟା, ଟପା, ଠମରୀପ୍ରଭୃତି ସ୍ୱରତାଳ-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଲା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତଥା ବୁକ୍‌ସେଲର ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ସଂଗୀତସାର

ନୂତନ ନୂତନ ନୂତନ
ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।୵ ଚାରିଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ ବାଛିବାଛି ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲ ସଙ୍ଗୀତ ସବୁ ବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ଉଷାବତୀ ହରଣ ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିର ବ୍ୟାଖ୍ୟା, ଓ ଆଟଲସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଫରାସ, ରେସମୀ ଓଗେର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ଦାମ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି, ଏତଦ୍ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ଜଣି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାନ୍ଧାଦରଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଳାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ତପସିଲ ।

| ଜିନସର ନାମ | ମୂଲ୍ୟ |
|---|---|
| ଅଷ୍ଟମେଷ୍ଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନେଳ ପେନସିଲ | ଗୋ ୧ ଟ ୦ ।୵୬ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ।୵ |
| ନକସା କାଗଜ | ଦ ୧ ଟ ୦ ।୵ |
| ଫୁଲସକେପ କାଗଜ ସରୁଖା | ଦ ୧ ଟ ୦ ।୵ |
| ଏକଲ ରୁଲବାଲା | ଦ ୧ ଟ ୦ ।୵ |
| ଏକଲ ନକ୍ସା | ଦ ୧ ଟ ୦ ।୵ |
| ଫାନସୀନୋଟପେପର ଓ ଲିଫାଫା | ଦ ୧ ଟ ୨ । |

Split by PDF Splitter
Digitized by srujanika@gmail.com

Split by PDF Splitter



| | | |
|---|---|---|
| ଡାକ୍ତାଖଣ୍ଡ ସରସ | ଦ ୧ | ଟ ୦ ୵ |
| ଏକଳ ମଧ୍ୟମ | ଦ ୧ | ଟ ୦ ୵ |
| ଲଫାଫା ସରସା ସ୧୦୦ ଟ୦୵ | ଗୋ ୨୫ | ଟ୦୵ |
| ଏକଳ ମଧ୍ୟମ ସ୧୦୦ ଟ ୦ ୵ | ଗୋ ୨୫ | ଟ୦ ୵ |
| ବାଲିକାଗଜ ୧୬ ପଣ | ଦ ୧ | ଟ ୦ ୵ |
| ଶୀହାଇ | ବୋ ୧ | ଟ ୦ ୵ |
| ଏକଳ ସ୍ୱର୍ଣ୍ଣ ଏହାକୁ ଅଧ- ବୋତଲ ଜଳରେ ପକାଇ ଫୁଟନ୍ତ ପରେ ଛାଙ୍କି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଶ୍ରୁଲ | ଟ ୦ ୵ |
| ସୀଲନ୍ଟ ପେନସୀଲ | ବ ୧ | ଟ ୦ ୵ |
| ରବର | ଖ ୧ | ଟ ୦ ୵ |
| ହଂସପକ୍ଷୀ କଲମ | ଶୋ ୨୫ | ଟ ୦ ୵ |
| ଲୁହା କଲମ (ନବ) ସରସା | ଡ଼ ୧ | ଟ ୦ ୵ |
| ଏକଳ ଛିଦ୍ରା | ଡ଼ ୧ | ଟ ୦ ୧୯ |
| ଏକଳ୍ କଡ଼ିମାସନବୋଳମ | ଗୋ ୧ | ଟ ୦ ୵ |
| କାଠକୁଅର ଗ୍ଲାକୁଣି ସହିତ (ଢଙ୍ଗାକାଲ୍) | ଗୋ ୧ | ଟ ୦ । |
| ଏକଳ ସାଧାରଣ | ଗୋ ୧ | ଟ ୦ ୵ |
| କଳାଫିତା ସରସା | ଖ ୧ | ଟ ୦ ୵ |
| ବୋଲସ୍ୱାର ବେଗ ନୈର୍ଜପରିତ | ଗୋ ୧ | ଟ ୦ ୵ |
| ମନକେଶ | ଗୋ ୧ | ଟ ୦ ୵ |
| ମୁଗୁନିପଥରର ଫଗ୍ଥିଳ୍ଡା ଓ ରୁପେଳିକଳଯାବାଲ | ଗୋ ୧ | ଟ ୨ । |
| ଲେଟବେଣ୍ଡର | ଗୋ ୧ | ଟ ୧୯ |
| ମେଳସର ଅଏଲ | ଗୋ ୧ | ଟ ୦ ୵ |
| ଷାବୁଲ ସରସା | ଖ ୧ | ଟ ୦ ୵ |
| ଫଲଦାନୀ | ଗୋ ୧ | ଟ ୧ ୵ |
| ଦେବାଳଗିର ପ୍ତାଳୟା | ଗୋ ୨ | ଟ ୪ । |
| ଏକଳ ଏକତାଳଥ | ଗୋ ୧ | ଟ ୨ |
| ଟେବଲ | ଗୋ ୧ | ଟ ୨ |
| ଅସ୍ତ୍ରେନ୍ଟ | ଗୋ ୧ | ଟ ୵ ୬ |
| ଲାସ | ଡ ୧ | ଟ ୦ ୵ |
| ସାଳପଗଡ଼ୀ | ଗୋ ୧ | ଟ ୫ ୧ |
| ବଜାରଖାଁ ସଙ୍ଗ ତଗ୍ | ଗ ୧ | |

ପିତଳାର୍ ଏହାକୁ କୌଣସି ଖାତରେ ଲଗି କାଅଁରେ ଛରଳାଇ କୋପା ଛଳର ଫାଟରେ ଲଗାଇ ଦେଲେ ଯାଣି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଅରୁଣୋଦୟ ଦର କମ୍ପାନୀ

ହଜାରେ ଟଙ୍କା ପୁରସ୍କାର ।

BISHAHARI·

ବିଷହରି ।

ହତାଶ ହୁଅ ନାହିଁ ।

ଡ଼ାକ୍ତର,ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦକଳଦୋଷର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ଦ ୧୫ ରେ ଓ ପ୍ରମେହ ଦ ୩ ରେ ନିଶ୍ଚୟ ଆରୋଗ୍ୟ ହୁଅନ୍ତି । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ । ପାରଦ ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଔଷଧର ଟ ୧ ଙ୍କା, ଲେପନଘୃତର ଟ ୧ ଙ୍କା, କୁଷ୍ଠରୋଗର ଘୃତ ଟ ୪ ଙ୍କା, ପ୍ୟା ଃ ଓ ଡ଼ାଃ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ କଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଂଗପଟ୍ଟୀ, ଚନାବଜାର କଲିକତା"

କଟକର ଏଜେଣ୍ଟ
ଜାନ୍ ଏଲ୍, ଏନ୍, ନାଥଙ୍କ
ଇମ୍ପେରିୟଲ ମେଡିକାଲହଲ ।
କଟକ ଓଡ଼ିଶା

ଭାରତରେ ନୂତନ ! ଖ୍ୱାରତରେ ନୂତନ !!
ଭାରତରେ ନୂତନ !!!

ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

"ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନକରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷା କର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୍ ରୋଗୀ ଓ ଯେଉଁମାନଙ୍କ ବର୍ତ୍ତ୍ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଅଥବା ଯେଉଁମାନେ ଜୀବନ ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟତା ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲଗାତେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା,କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦୵ ଅଣା ଡାକମାସୁଲ ଟ ୧ ଅଣା

ଷ୍ଟିଭର ଏକମାତ୍ର ଏଜେଣ୍ଟ ।
ଜେ, ପି, ରାୟ
ନ ୬୫ ନମ୍ବର କେନିଙ୍ଗ ଲେନ
କଲିକତା ।

ଉତ୍କଳଦୀପିକାର୍,ବିଜ୍ଞାପନ ଛପାଇବାର୍ ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭ ଟ ୬୧
ପୂର୍ଣ୍ଣ ଏକ ସ୍ତମ୍ଭ ଟ ୩୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର୍,କଟକ ବଲବାଜାର ଅନ୍ତର୍ଗତ ଉତ୍କଳ ଧର୍ମପ୍ରକାଶକ ଯନ୍ତ୍ରାଳୟରେ ମୁଦ୍ରାଙ୍କିତ ହୋଇ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ଖ
ସଂ ୨ ସଂଖ୍ୟା
ତା. ୧୨ ଉଣ -ବେ ଜାନୁଆରୀ ସନ ୧୮୯୫ ହିଜ୍ରୀ । ୧୨ ଶ ୧ ଜନାଦ ୧୨ ୧୯୦୧ ସାଲ ଶନିବାର ।
ଅଗ୍ରିମ ବାର୍ଷିକ ମୂଲ୍ୟ ୨୲୦
ଡାକଦେୟ ।୦

ଲସ୍ମାଗଡ଼କୁ ଯାଇଥିବା ବୈଦେଶିକ ପୁଲିସଦଳ-ମଧ୍ୟରୁ ୬୫ ଜଣ ଜଙ୍ଗଲପୁରରେ ଥିଲେ ମଧ୍ୟ ଗତ ମଙ୍ଗଳବାର ଏ ନଗରକୁ ଫେରି ଆସିଲେ । ସେମାନେ ଲସ୍ମାଗଡ଼ବିଦ୍ରୋହୀଙ୍କ ମଧ୍ୟରୁ କେତେଜଣଙ୍କୁ ଅସ୍ତ୍ରସହିତ ବନ୍ଦୀକରି ଏ-ଠାକୁ ଧରି ଆଣିଥିଲେ । ବିଦ୍ରୋହୀମାନଙ୍କ ସମ୍ପୂର୍ଣ୍ଣ ଶେଷ ହୋଇ ନାହିଁ ।

—o—

ନାଟୋରର ରାଜା ଜଗଦିନ୍ଦ୍ର ଏବଂ ରାମ-ସୁତ ଯୋଗାଇ ନେଇଥିବା ଅଭିଯୋଗରେ ଜଗସାହିର ଡେପୁଟିଙ୍କ ଅଦାଲତରେ ଅପରାଧୀ ସାବ୍ୟସ୍ତ ହୋଇ ମାସେ କାରାବାସ ଏବଂ ୨୫ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଥିଲେ । ହାଇକୋର୍ଟରେ ଅପିଲ କରିବାରୁ ଅପିଲ ନିଷ୍ପତ୍ତି ପର୍ଯ୍ୟନ୍ତ ଜାମିନରେ ରହିବାର ଅନୁମତି ପାଇ ଅଛନ୍ତି ।

———

ଭୂତଭୟାକୁ ସମ୍ବାଦ ଆସିଅଛି ଯେ ଇଂ-ସ୍ତିବେଳା ଦେଖି ଭୂତମାନେ ଘର ଛାଡ଼ି ଜଙ୍ଗଲକୁ ପଳାଇ ଅଛନ୍ତି । ସମ୍ପୂର୍ଣ୍ଣ ଜ-ଙ୍ଗଲକୁ ଯିବାକୁ କେହି ବାହାରୁ ନାହାନ୍ତି ମାତ୍ର ଶୁଦ୍ଧ ଯିବାକୁ କେହି ବାହାର ଇଂରାଜସରକାରରେ ଏକ ସ୍ଥିତରେ ବାହାର ହୋଇ ନାହାନ୍ତି । ଏଥିରେ ବ୍ରିଟିଶ୍ କରିବାକୁ ଗଲେ ନାହାନ୍ତି । ଏଥିରେ କେତେଜଣ ସିପାହୀ ସୈନ୍ୟ ଅବାଡ ହୋଇ ଅଛନ୍ତି ଭଲେଶ ଗୀଡିହେବୁ କଙ୍ଗରେଗରେ ଅନେକ ସୈନ୍ୟ ପୀଡ଼ିତ ଅଛନ୍ତି ।

———o———

ଆଗାମି ମାର୍ଚ୍ଚମାସ ତା ୨୭ ଓ ୭ ଉଷ-ମାନଙ୍କରେ କଲିକତା ବିଶ୍ୱବିଦ୍ୟାଳୟର ସର୍ବ-ସ୍ବତରେ ଉଚ୍ଚାଲର ପରୀକ୍ଷା ଗୃହୀତ ହେବ ଏବ ସେହି ତାରଖ ମାନଙ୍କରେ କଲିକତା, ପଟନା, ଢାକା, ଗୌହାଟୀ ଏବ ସିଲହଟରେ ମୁକ୍ତାର-ପରୀକ୍ଷା ଗୃହୀତ ହେବ। ପରୀକ୍ଷାର୍ଥିମାନେ କାଗଜ ସିହାଇ ଇତ୍ୟାଦି ପରୀକ୍ଷା ସ୍ଥାନରେ ପାଇବେ ମାତ୍ର କଲମ ଆପଣାସଙ୍ଗରେ ନେଇଯିବେ ।

———

ବିଲାତରୁ ଆସିଥିବା ଚଳିତମାସ ତା ୪ ଘ-ଷର ତାରସମ୍ବାଦରୁ ପ୍ରକାଶ ଯେ ଚୀନ ଦୂତମା-ନେ ଅନୁ ବଣ୍ଡଦଳରେ ସନ୍ଧିର ବନ୍ଦୋବସ୍ତ କରିବା କାରଣ ଜାପାନକୁ ଯାତ୍ରା କରିବେ । ଏଥିମଧ୍ୟରେ ମାଞ୍ଚୁରିରେ ଥିବା ଚୀନ-ସୈନ୍ୟମା-ନେ ଜେନେରଲ ସଙ୍ଗଙ୍କ ଅଧୀନରେ ଯୁଦ୍ଧକୌ-ଶଳରେ ଅନେକ ଅଗ୍ରସର ହୋଇଅଛନ୍ତି ଏବ ଦୃଢ଼ ନଗର ଅବଧି ଚୀନସେନାଙ୍କ ଅଧିକାରରେ ଅଛି ।

———

ଅମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖି ଅଛନ୍ତି ବ ଚଳତ ଜାନୁଏରି ମାସ ତାଂ-ରଖଠାରୁ ଏଠାରେ ଲଙ୍ଗହାଉସ ଆଇନ ଜାରି ହୋଇଅଛି, ମାତ୍ର ପଣ୍ଡା ଓ ଦୋକାନୀ-ମାନେ ଏକ ଯୋଗ ହୋଇ ଏପର୍ଯ୍ୟନ୍ତ କେହି ପାଶ ନ କରିବାରୁ ବିଦେଶୀ ମାମଲତକାର-ପ୍ରଭୃତିଙ୍କର କଷ୍ଟର ସୀମା ନାହିଁ ବସାଘର ଅଭାବରୁ ଅନେକ ଲୋକ ଏ ଦାରୁଣ ଶୀତ-ରେ ବୃକ୍ଷମୂଳରେ ପଡ଼ିରହି ରାତ୍ର କଟାଉ-ଅଛନ୍ତି ଏବ ଅନ୍ୟ କେହି ମା ୬ଙ୍କ ଇଲ ଅନ୍ତର ଷ୍ଟାମ୍ପ ବାବାରେ ଗ୍ରାମମଧ୍ୟରେ ଯାଇ ବସା କରି ରହୁଅଛନ୍ତି । ଏଠାକାର ପଣ୍ଡା ଓ ଦୋକାନୀମାନେ ଆପଣା ପିଣ୍ଡାରେ ସୁଦ୍ଧା କାହା-ରକୁ ବସାଇ ଦେଉ ନାହାନ୍ତି । ଏଥି-ମଧ୍ୟରେ ଏକଜଣ ଦୋକାନୀ ଓ ଏକଜଣ ପଣ୍ଡା ଲଙ୍ଗହାଉସଆଇନ ଲଙ୍ଘନ କରିଥିବା ଅପରାଧରେ ଅଭିଯୁକ୍ତ ହୋଇଅଛନ୍ତି । ମିଉନି-ସିପାଲିଟୀର ଏ ବିଷୟରେ ମନୋଯୋଗୀ ହୋଇ ଲୋକଙ୍କ କଷ୍ଟ ଦୂର କରିବା ଉଚିତ । ବଡ଼ା-ଘର-ସ୍ୱାମିମାନେ ଗତ ସୋମବାର ଅପରାହ୍ନ-ରେ ସଦାବର୍ତ୍ତ ମଠଠାରେ ଏକ ସଭା କରି ଗବର୍ଣ୍ଣମେଣ୍ଟରେ ଆବେଦନ ପତ୍ର ଦେବାର ସ୍ଥିର କରିଅଛନ୍ତି । ଏଥିର ବିବରଣ ମାନ ପ୍ରକାଶିତ ହେବ ।

———

ଅମ୍ଭେମାନେ ଅତ୍ୟନ୍ତ ଦୁଃଖରେ ସହିତ ଅବଗତହେଲୁଁ ଯେ ମହୀସୁରର ମହାରାଜା ଗତମାସ ଶେଷଭାଗରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୂରଙ୍କ ସଙ୍ଗେ ସାକ୍ଷାତକରିବା କାରଣ କଲିକତାକୁ ଆସି ଡିସେମ୍ବରମାସ ତା ୨୮ ରିଖରେ ଇହ ସଂସାରରୁ ପ୍ରସ୍ଥାନ କଲେ । ମୃତ୍ୟୁର କେତେଦିନ ପୂର୍ବରୁ ଏମନ୍ତ ଅସାଧ୍ୟ କଣ୍ଠରୋଗ ତାହାଙ୍କୁ ଆକ୍ରମଣ କଲା ଯେ କୌଣସି ଚିକିତ୍ସା ମାନିଲା ନାହିଁ । ମହାରାଜା ୧୮ଶ ବୟସରେ ସାବାଳକ ହୋଇ ରାଜ୍ୟଭାର ଗ୍ରହଣ ପୂର୍ବକ ୧୩ବର୍ଷ ମାତ୍ର ଭୋଗକରି ୩୨ ବର୍ଷରେ ଦେହ ତ୍ୟାଗ କଲେ ମାତ୍ର ଏହି ଅଳ୍ପ ସମୟ ମଧ୍ୟରେ ସେ ସୁଶାସକର ଯେଉଁ ଅସାମାନ୍ୟ ଯୋଗ୍ୟତା ଏବଂ ଗୁଣ ବଳ ଦେଖାଇଥିଲେ ତହିଁପାଇଁ ତାହାଙ୍କ ଅକାଳମୃତ୍ୟୁ ଅଧିକତର ପରିତାପର ବିଷୟ ହୋଇଅଛି । ଇଂରେଜର ଆଦର୍ଶରେ ମହାରାଜା ଆପଣା ରାଜ୍ୟରେ ପ୍ରତିନିଧି ପ୍ରଣାଳୀ ପ୍ରଚଳିତ କରି ଗୋଟିଏ ନୂତନ ଶାସନକୌଶଳ ଦେଖାଇଯାଇ ଅଛନ୍ତି । ମହାରାଣୀ ମଧ୍ୟ ମହାରାଜାଙ୍କ ପରି ଦେଶହିତକର କାର୍ଯ୍ୟରେ ଅନୁରାଗୀ ହୋଇ ନିଜ ଜାତୀୟ ବାଳିକାଙ୍କ ଶିକ୍ଷା ନିମନ୍ତେ ଗୋଟିଏ ବୃହତ୍ ବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ମହାରାଣୀ ଏବଂ ଦେୱାନ ମହାରାଜାଙ୍କ ସଙ୍ଗରେ କଲିକତାକୁ ଆସିଥିଲେ । କାଳୀଘାଟରେ ଶବ ସଂସ୍କାର କରାଇସାରି ବଣ୍ଡବଙ୍କାର ଦରିଦ୍ର ଲୋକଙ୍କୁ ଏବଂ ୨୫ଶ୍ର କମ୍ବଳ ଓ ନଗଦ ଏକ ଟଙ୍କା ଦାନକରି ସ୍ୱଦେଶକୁ ପ୍ରତ୍ୟାଗମନ କଲେ । ମହାରାଜାଙ୍କ ଯୋଡିଏ ପୁତ୍ର ଓ ଚାରୋଟି କନ୍ୟା ବର୍ତ୍ତମାନ ଅଛନ୍ତି । ଜ୍ୟେଷ୍ଠପୁତ୍ରର ବୟସ ଦଶବର୍ଷ ପରମେଶ୍ୱର ଶୋକାକୁଳା ମହାରାଣୀ ଏବଂ ତାହାଙ୍କ ପୁତ୍ର କନ୍ୟାଙ୍କୁ ସାନ୍ତ୍ୱନା ପ୍ରଦାନ ଏବଂ ମହାରାଜାଙ୍କ ଆତ୍ମାର ଶାନ୍ତି ବିଧାନ କରନ୍ତୁ

---

ଜଳନ୍ଧରର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ଏକ ତାରସମ୍ବାଦରୁ ଜଣାଯାଏ ଯେ ମୁଲ୍ଲା ପାବିନ୍ଦା ନାମକ ଏକବ୍ୟକ୍ତି ଏକସ୍ଥାନରେ ଏକ ସଭା କରି ସେଠାରୁ ସମାଗତ ଜନ ହଜାର ଅଫଗାନିମାନଙ୍କୁ ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ଧର୍ମଯୁଦ୍ଧ କରିବା କାରଣ ଅନୁରୋଧ କରିଥିଲେ । ସେ ଯୁକ୍ତି ସଭାରେ ଯେଉଁ ବକ୍ତୃତା କରିଥିଲେ ତହିଁର ସଂକ୍ଷେପ ମର୍ମ ଏହି ଯେ "ହେ ଅଫଗାନମାନେ ତୁମ୍ଭମାନଙ୍କ ପୂର୍ବପୁରୁଷମାନେ ଯେମନ୍ତ ଅସାଧାରଣ ସାହସ ପ୍ରକାଶ ପୂର୍ବକ ସିନ୍ଧୁଦେଶରେ ହିନ୍ଦୁମାନଙ୍କୁ ପରାସ୍ତ କରିଥିଲେ ତାହା ତୁମ୍ଭମାନଙ୍କର ସ୍ମରଣ ଥାଉ ବର୍ତ୍ତମାନ ଇଂରେଜମାନେ ଭିନ୍ନଧର୍ମୀ ଥାଇ ଆମ୍ଭମାନଙ୍କ ରାଜ୍ୟ ଆକ୍ରମଣ କରିବା ସ୍ଥଳେ ସେମନ୍ତ ସାହସ ପ୍ରକାଶ ପୂର୍ବକ ସେମାନଙ୍କୁ ହତ କରିବା କର୍ତ୍ତବ୍ୟ । ଏଥିରେ ମୃତ୍ୟୁର ଭୟ କରିବା କାପୁରୁଷତା ଏବଂ କୋରାନର ବିରୁଦ୍ଧ ଅଟେ । ତୁମ୍ଭେମାନେ ଜାଣ ଯେ ମୃତ୍ୟୁ କାହାରିକୁ ଛାଡ଼େ ନାହିଁ । ଯେଉଁ କାଳ ଯାହା କପାଳରେ ମୃତ୍ୟୁ ଘଟିବାର ଅଛି ସେ ଘରେ ଶୋଇଥିଲେ ମଧ୍ୟ ମରିବ । ଅତଏବ ଯେବେ ତୁମ୍ଭମାନଙ୍କର ମୃତ୍ୟୁ ନିକଟରେ ହେବାର ଅଛି ତେବେ ଧର୍ମଯୁଦ୍ଧରେ ପ୍ରାଣ ଦିଅ ଯେ ସ୍ୱର୍ଗ ଲାଭ ହେବ । ଅତଏବ ମୃତ୍ୟୁକୁ ନ ଡରି ଜେହାଦ ( ଧର୍ମଯୁଦ୍ଧ )ରେ ପ୍ରବୃତ୍ତ ହୁଅ" । ଲକ୍ଷିତ ହୁଏ ଯେ ଏଥି ଉତ୍ତରରୁ ମୁଲ୍ଲାସାହେବ ଆପଣା ଶିଷ୍ୟମାନଙ୍କୁ ଜେହାଦ ପ୍ରସ୍ତୁତ ନିମନ୍ତେ ଗ୍ରାମଅଞ୍ଚଳେ ପଠାଇ ଦେଇ ଅଛନ୍ତି । ଏଥିରୁ ଦେଖାଯାଏ ଯେ ଅଫଗାନମାନେ ସହଜରେ ବଶୀଭୂତ ହେବାର ପାତ୍ର ନୁହନ୍ତି ।

---

ଭାରତୀୟ ବ୍ୟବସ୍ଥାପକ ସଭାରେ ସନ ୧୮୯୪ ସାଲର ଅ ୧୬ ଓ ୧୭ ଆଇନମାନ ବିଧିବଦ୍ଧ ହୋଇ ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୂରଙ୍କ ଅନୁମୋଦନ ମତେ ସନ ୧୮୯୪ ସାଲ ଡିସେମ୍ବର ମାସ ତା ୨୭ ରିଖରୁ ଜାରିହୋଇ ଅଛି । ପ୍ରଥମ ଲିଖିତ ୧୬ ଆଇନଦ୍ୱାରା ସମୁଦ୍ରଘାଟେ ବିଦେଶରୁ ଆମଦାନୀ ଦ୍ରବ୍ୟର ମାସୁଲ ବିଷୟକ ପୂର୍ବ ଆଇନ ସଂଶୋଧିତ ହୋଇ କପାସୂତା ଓ ଲୁଗାଉପରେ ଶତକଡ଼ା ୫ ଟଙ୍କା ଲେଖାଏଁ ମାସୁଲ ବସିଅଛି । ଗତବର୍ଷ ଆରମ୍ଭରେ ସରକାରଙ୍କ ଆର୍ଥିକ କଷ୍ଟ ଦୂର କରିବା ଉଦ୍ଦେଶରେ ନାନାପ୍ରକାର ଦ୍ରବ୍ୟ ଉପରେ ମାସୁଲ ବସିଥିବା ପ୍ରତ୍ୟେକେ କପାସୂତା ଓ ଲୁଗା ମାସୁଲରୁ ଛାଡ଼ ହୋଇଥିବାରୁ ଭାରତବାସିଙ୍କର ବଡ଼ ଅସନ୍ତୋଷ ହୋଇଥିଲା । ଏହି ଆଇନଦ୍ୱାରା ତାହା ଘୁଞ୍ଚିଗଲା । ମାତ୍ର ଏଥି ସଙ୍ଗରେ ଯେଉଁ ଅ ୧୭ ଆଇନ ଜାରି ହୋଇଅଛି ତଦ୍ଦ୍ୱାରା ଏଦେଶର କଳମାନଙ୍କରେ ପ୍ରସ୍ତୁତ ହେଉଥିବା ନ ୨୦ ନମ୍ବର ପର୍ଯ୍ୟନ୍ତ ସୂତା ଛାଡ଼ ହୋଇ ତହିଁଉପର ନମ୍ବରର ସୂତା ଓ ତହିଁରେ ପ୍ରସ୍ତୁତ ହେବା ଲୁଗାଉପରେ ବିଦେଶରୁ ଆମଦାନୀ ହେବା ସୂତା ଓ ଲୁଗାତୁଲ୍ୟ ମାସୁଲ ବସିଅଛି । ଏ ଆଇନର ବିରୁଦ୍ଧ ସମ୍ବନ୍ଧରେ ବ୍ୟବସ୍ଥାପକ ସଭାରେ ଘୋର ତର୍କ ବିତର୍କ ହୋଇଥିଲା ଏବଂ ବେସରକାରୀ ସଭ୍ୟମାନେ ଏ ଆଇନ ଅନ୍ୟାଯ୍ୟ ଥିବାର କହି ଅନ୍ତତଃ ନ ୨୪ ନମ୍ବର ପର୍ଯ୍ୟନ୍ତ ଛାଡ଼ ହେବାର ପ୍ରସ୍ତାବ କରିଥିଲେ ମାତ୍ର ତାହା ସଫଳ ହେଲା ନାହିଁ । ଯାହାହେଉ ଆଇନରେ ଗବର୍ଣ୍ଣର ଜେନରଲଙ୍କୁ ଅଧିକାର ଦିଆଯାଇ ଅଛି ଯେ ସେ ଆବଶ୍ୟକ ବିବେଚନା କଲେ କୌଣସି ସମୟରେ ବିଶେଷ ବିଜ୍ଞାପନ ପ୍ରଚାର ଦ୍ୱାରା ନ ୨୪ ନମ୍ବର ପର୍ଯ୍ୟନ୍ତ ସୂତା ଛାଡ଼ ହୋଇପାରିବେ ।

---

କାୟସ୍ଥ ସମିତିର ଅଷ୍ଟମ ଅଧିବେଶନ ଗତ ଡିସେମ୍ବର ମାସ ତା ୨୮ ରିଖରେ ବନାରସ ସହରସ୍ଥିତ ଏକ ବୃହତ୍ ପଟଘରେ ହୋଇଥିଲା । ସଭାମଣ୍ଡପ ସାମିଆନା ଦ୍ୱାରା ବଡ଼ ସୁନ୍ଦର ରୂପେ ସଜିତ ହୋଇ ଥିଲା ଏବଂ ଚତୁଃପାର୍ଶ୍ୱରେ ପ୍ରତିନିଧିମାନଙ୍କ ବାସାଘରମାନ ଏକ ବୃହତ୍ ଅଟ୍ଟାଳିକାରେ ନିରୂପିତ ହୋଇ ଥିଲା । ଅନ୍ୟୂନ ଦୁଇଶତ ପ୍ରତିନିଧି ଏବଂ ୨୦୦ ଦର୍ଶକ ସଭାରେ ଉପସ୍ଥିତ ହୋଇ ଥିଲେ ଏବଂ ବନାରସର କମିଶନର ଶ୍ରୀଯୁକ୍ତ ସ୍ମିଥ୍ ଏବଂ ଜଜ ଶ୍ରୀଯୁକ୍ତ ଡେଭିସ ପ୍ରଭୃତି ସାହେବମାନେ ସଭାରେ ପଦାର୍ପଣ କରି ପୁଷ୍ପମାଳା ଦ୍ୱାରା ମଣ୍ଡିତ ହୋଇ ଥିଲେ । ସଭାପତି ମାନ୍ୟବର ବାବୁ ଶ୍ରୀ ରାମବାହାଦୁର ସୁଦୀର୍ଘ ଏବଂ ମନୋହର ବକ୍ତୃତା ଦ୍ୱାରା ବୁଝାଇଦେଲେ କୌଣସି ରାଜନୈତିକ ଆନ୍ଦୋଳନ ଏ ସଭାର ଉଦ୍ଦେଶ୍ୟ ନୁହେ କାୟସ୍ଥମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର କାୟସ୍ଥମାନଙ୍କର ଜୀବନ ନିର୍ବାହର ଉପାୟ ଉଦ୍ଭାବନ ଏବଂ ସାମାଜିକ ସଂସ୍କାର ଏ ସଭାର ମୋଟ ଉଦ୍ଦେଶ୍ୟ, କାୟସ୍ଥମାନଙ୍କର ପୈତୃକ ଜୀବିକା ଏକମାତ୍ର ଲେଖା ପଢ଼ି ବୃତ୍ତି । ଇଂରେଜ ଗବର୍ଣ୍ଣମେଣ୍ଟଙ୍କ ଶାସନ ପଦ୍ଧତିରେ ସମସ୍ତ ପାଠକ ଲେଖା ପଢ଼ି ଶିଖିଲେ ଏବଂ ଯେ ଲେଖି ପଢ଼ି ପାରନ୍ତି ସେ ଆପଣା ପୈତୃକ ବ୍ୟବସାୟ ଗତ ସ୍ୱତନ୍ତ୍ର କଲେ । ସୁତରାଂ କାୟସ୍ଥମାନଙ୍କ ଜୀବିକା ଦଶଜଣ ବାଣ୍ଟି ନେବାରୁ କାୟସ୍ଥଜାତି ମଧ୍ୟରେ ଦରିଦ୍ରତା ବିସ୍ତାର ହେଉଅଛି ଏବଂ କଳହସୃଷ୍ଟି ହେଉ ଅଛି । ସକଳ ସ୍ଥାନରେ ଏଥିର ଚହଳ

Split by PDF Splitter
Digitized by srujanika@gmail.com

ଚେଷ୍ଟା ହେବା ଉଚିତ । ମାତ୍ର ଏ ନଗରର ତାମ୍ବୁଲି ଓ କରଣ ସମାଜ ମହାଜନମାନଙ୍କର ଅଭିଭୂତ ଅଛନ୍ତି ।

—※—

ଗତ ସୋମବାର ସନ୍ଧ୍ୟା ୫ ଘଣ୍ଟା ସମୟରେ ଏ ନଗର ନରମାଲ ସ୍କୁଲରେ କଟକ ଅଲୋଚନା ସଭାର ପ୍ରଥମ ବାର୍ଷିକ ଅଧିବେଶନ ହୋଇଥିଲା । ଅନେକ ଗୁଡ଼ିଏ ଭଦ୍ରଲୋକ ସମବେତ ହୋଇଥିଲେ । ବାବୁ ଗୋପାଳଚନ୍ଦ୍ର ଦାସ ସଭାପତି ପଦରେ ବରିତ ହୋଇ କାର୍ଯ୍ୟାରମ୍ଭ କରନ୍ତେ ବାବୁ ମଧୁସୂଦନ ରାଓ ବାର୍ଷିକ ବିବରଣୀ ପାଠକଲେ । ତହିଁରୁ ଜଣାଗଲା ଯେ ସନ ୧୮୯୩ ସାଲର ଶେଷ ଭାଗରେ ଏହି ସଭା ସ୍ଥାପିତ ହୋଇ ଏପର୍ଯ୍ୟନ୍ତ ଉପଯୁକ୍ତରୂପେ ଚାଲି ଆସୁଅଛି । ମାତୃଭାଷାର ପୁଷ୍ଟିସାଧନ ଏ ସଭାର ଅଭିପ୍ରାୟ ଏବଂ ମାତୃଭାଷା ଶିକ୍ଷାର ସଙ୍କୋଚ ନିବାରଣ ଏହି ନର୍ମାଲ ସ୍କୁଲ ହେବାରୁ ଏଥିର ଶିକ୍ଷକ ଓ ଛାତ୍ରମାନେ ଏ ସଭାର ପ୍ରଧାନ ସଭ୍ୟ ଏବଂ ଉତ୍ସାହଦାତା ଅଟନ୍ତି । ଟ୍ରେନିଂ ସ୍କୁଲର କେତେକ ଶିକ୍ଷକ ଓ ଛାତ୍ର ଏବଂ କଲେଜିଏଟ ସ୍କୁଲର କେତେକଜଣ ଛାତ୍ର ମଧ୍ୟ ଏହାର ସଭ୍ୟ ଅଟନ୍ତି, ସଭ୍ୟସଂଖ୍ୟା ପଚାଶରୁ ଊର୍ଦ୍ଧ୍ୱ ଅଟେ ଏବଂ ଗତ ବର୍ଷରେ ୧୯ ଥର ଅଧିବେଶନ ହୋଇଥିଲା । ପୁସ୍ତକ ପାଠ ଓ ଅଲୋଚନା ପ୍ରବନ୍ଧ ରଚନା ପାଠ ଓ ବକ୍ତୃତା ପ୍ରଦାନ ଏ ସଭାର କାର୍ଯ୍ୟ ଅଟେ । ବହୁଦୁଃସ୍ଥ ଛାତ୍ରମାନଙ୍କୁ ବେତନ ଓ ପୁସ୍ତକ ଯୋଗାଇ ସ୍କୁଲରେ ପଢ଼ାଇବା ନିମନ୍ତେ ଏ ସଭାର ଗୋଟିଏ ଶାଖା ସ୍ଥାପିତ ହୋଇଅଛି । ସେହି ଶାଖାର ଉଦ୍ୟମରେ ଅଠମଲ୍ଲିକର ମହାରାଜାଙ୍କଠାରୁ ଟ ୧୦୦ ଟଙ୍କା ଓ ଖଲ୍ଲିକୋଟର ରାଜାଙ୍କଠାରୁ ଟ ୫୦ ଟଙ୍କା ଦାନ ଏବଂ ସଭ୍ୟମାନଙ୍କଠାରୁ ଟ ୪୧ ଟଙ୍କା ହେବା ସଂଗୃହୀତ ହୋଇଥିଲା ତହିଁମଧ୍ୟରୁ ଛାତ୍ର ବେତନାଦିରେ ଟ ୧୬୧ ଟଙ୍କା ବ୍ୟୟ ହୋଇ ଅବଶିଷ୍ଟ ଟ ୨୯ ଟଙ୍କା କେତେ ଏ ଅଣା ଜମା ଅଛି । ବାବୁ ମଧୁସୂଦନ ରାଓ ଏ ସଭାର ସମ୍ପାଦକ ଏବଂ ବାବୁ ଚନ୍ଦ୍ରମୋହନ ମହାରଣା ସହକାରୀସମ୍ପାଦକ ଅଟନ୍ତି । ରିପୋର୍ଟ ପାଠାନ୍ତେ ବାବୁ ଜଗନ୍ନାଥଙ୍କର ତାହା ଗୃହୀତ ହେବାର ପ୍ରସ୍ତାବ କଲେ ଏବଂ ସର୍ବସମ୍ମତେ ଅନୁମୋଦନ ହେଲା ଉତ୍ତାରୁ ସଭାପତି ମହାଶୟ ମାତୃଭାଷାର ମହିମା ଏବଂ ତହିଁପ୍ରତି ଅନୁରାଗୀ ହେବା ବିଷୟରେ ଗୋଟିଏ ସୁନ୍ଦର ବକ୍ତୃତା ପ୍ରଦାନ କରି ସମସ୍ତ ବ୍ୟକ୍ତିମାନଙ୍କୁ ଆନନ୍ଦିତ କରିଥିଲେ । ପରିଶେଷରେ ବାବୁ ସଦାଶିବ [illegible], ବାବୁ ଫକୀରମୋହନ ସେନାପତି ପ୍ରଭୃତି ସଭାର ଶୁଭଅଭିପ୍ରାୟ ଏବଂ ମାତୃଭାଷାର ଉନ୍ନତିସାଧନର କର୍ତ୍ତବ୍ୟତା ବିଷୟରେ ବକ୍ତୃତା କଲାନ୍ତରୁ ସଭା ଭଙ୍ଗ ହେଲା । ଆମ୍ଭେମାନେ ଆଶା କରୁଁ କି ଏହି ବାର୍ଷିକ ସଭାର ସନ୍ତୋଷଜନକ ଫଳଦ୍ୱାରା ସଭ୍ୟମାନେ ଉତ୍ସାହିତ ହୋଇ ଆଗାମୀ ବର୍ଷ ଅଧିକ ସୁଫଳ ଦେଖାଇବାକୁ ସମର୍ଥ ହେବେ ।

---

## ଜାତୀୟ ମହାସମିତିର ଅଧିବେଶନ ।

ଏବର୍ଷ ଫସଲ ପରେ ବୃଷ୍ଟି ହେଉ ନଥିବେ ଅବଶ୍ୟ ଗ୍ରହଣ ତଭ ଦଶ କମ ଗିବାର ଭରସା କରୁଥିଲେ । ମଧ୍ୟ ସମୟରେ ସାଧାରଣ ଭୂଷଣ ହିସାବରେ ୨୦ ୧୦୦ ୫ ଭ ପର୍ଯ୍ୟନ୍ତ ଖର୍ଚ୍ଚ ଯାଉଥିଲା । କିନ୍ତୁ ତାହାଙ୍କ ଅର୍ଥ କିଛି ପରିମାଣରେ ସ୍ୱଳ୍ପ ନେଇ ଗାଇବାନ୍ତୁ ଗ୍ରହଣ ଦର ପୂର୍ବାପେକ୍ଷା କଷ୍ଟ ତଡ଼ା ହୋଇ ଗଲାଣି । ଏହି ଲୋକଙ୍କ ମନରେ ରହଣ ଚିନ୍ତା ହେବାର ଅଣା ଉଦ୍ଭବ ହୋଇଅଛି ।

ମଧ୍ୟ ସୁଲଭ ହେବାର ଅଣା ଉଦ୍ଭବ ହୋଇଅଛି ।

"ଅଳକାର ଏଠାରେ କାହା ଦଲାଇତ ଅନ୍ତୁ ଘଟିଅଛି ପରିମାଣରେ ଚିନ୍ତ ଅଛି । ବର୍ତ୍ତମାନରେ ସାହୁ ଗଲା ହୋଇ ହେଉ ପାଞ୍ଚ ଛଅପଇସା ଦରରେ ବିକ୍ରୀ ହେଉଅଛନ୍ତି

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ପରମ ମାନନୀୟ ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ଉଦାର ଚରିତେଷୁ

ମହାନୁଭବ !

ଭବଦୀୟ ସର୍ବଜନପ୍ରିୟ ପତ୍ରିକାର ଏକ ପାର୍ଶ୍ୱରେ ମୋହର ନିମ୍ନଲିଖିତ ବିଷୟଟିକୁ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଏହିକ ଅତି ସୁଖର କଥା ଅରଣ୍ୟ ଓ ଅନ୍ନୁନ୍ନତ ଜଳଥା ଅଟେ ଏପରି ସ୍ଥଳରେ ଏ ନଗରରେ ଗୋଟିଏ ମାତ୍ର ଅପର ପ୍ରାଇମେରି ସ୍କୁଲ ଅବସ୍ଥିତ ଥିବାରୁ ଏଠା ବାସିନ୍ଦାମାନେ ସମସ୍ତେ ମୂର୍ଖାବସ୍ଥାରେ ଆଉ ସୁବା ସ୍କୁଲରେ ପଢ଼ାଶୁଣା କରିବାର ଶ୍ରଦ୍ଧା ଦେଖୁ ନାହିଁ । କାରଣ ବିଦ୍ୟାଳୟରେ କ ଉପକାର ହୁଏ ତାହା ସେମାନଙ୍କ ଜ୍ଞାନ ଜନ୍ମି ନ ଥିବା ଓ ଏ ଇଲକାରୁ ୨୦ଜଣ ଲୋକ ଉକ୍ତ ବିଷୟେ ଫଲଭୋଗୀ ହୋଇ ନ ଥିବାରୁ ଏପରି ପଢ଼ାଶୁଣାରେ ଅମନୋଯୋଗୀ ହେଉ ଅଛନ୍ତି ।

ପୁନଶ୍ଚ ଗତ ସନ ୧୮୯୪ ମସିହାରେ ଏ ସ୍କୁଲରୁ ଗୋଟିଏ ମାତ୍ର ଛାତ୍ର ପରୀକ୍ଷା ଦେଇଥିଲା । ଉକ୍ଷିପ୍ତ ବାଳକ ପରୀକ୍ଷୋତ୍ତୀର୍ଣ୍ଣ ହୋଇଥିବା ଗଜେଟ୍ରୀ ସମ୍ବାଦ ପତ୍ରିକାରେ ଉଲ୍ଲେଖ ହୋଇ ଅଛି । ବାଳକଟି ନିତାନ୍ତ ଗରିବ ଅନନ୍ତର ଉଚ୍ଚ ବିଦ୍ୟାଳୟରେ ପଢ଼ାଶୁଣା କରି ଉନ୍ନତି ଲାଭ କରିବାର କୌଣସି ଉପାୟ ନାହିଁ । ଅତଏବ ଶିକ୍ଷାବିଭାଗୀୟ ମହାମାନ୍ୟ ଇନ୍ସ ମହୋଦୟଙ୍କୁ ଏକାନ୍ତ ଅନୁରୋଧ ଯେ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଟିକୁ ଗୋଟିଏ ଅନୁଗ୍ରହ ବୃତ୍ତି ପ୍ରଦାନ କଲେ ବାଳକଟି ଉନ୍ନତି ଲାଭ କରିପାରିବ ଏବଂ ଏ ଅନୁନ୍ନତ ଇଲାକାର ଲୋକେ ଉଦ୍ଧାର ହୋଇ ପଢ଼ାଶୁଣା ପ୍ରତି ଯତ୍ନଶୀଳ ହେବେ । ନିବେଦନ ଇତି ।

ଅପଣଙ୍କର ଏକାନ୍ତ ବଶମ୍ବଦ

ତା ୮।୧।୯୫ } ଶ୍ରୀକାଳୀଚରଣପୃଷ୍ଟିସେଣ୍ଟାର । କ । ସୁବନ୍ଦା ଏବଂ ସୁବନ୍ଦା ନିଳଗଡ଼ } ଜଣେ ମେମ୍ବର ସୁବନ୍ଦାସ୍କୁଲ

---

ମହାଶୟ ?

୧ । ଯାଜପୁରରେ ଲଜିଂହାଉସ ଏକ ଜାରି ହୋଇ ଥିବାରୁ ଉକ୍ତ ଏକ୍ଟର ଅପକାରିତା ସମ୍ବନ୍ଧରେ ଏଠାକାର ସଭାର ନିର୍ଦ୍ଧାରଣପତ୍ର ଆପଣଙ୍କ ନିକଟକୁ ପଠାଇ ପ୍ରାର୍ଥନା ଯେ ଆପଣ ଉକ୍ତ ନିର୍ଦ୍ଧାରଣପତ୍ର ସହିତ ଆପଣଙ୍କ ମନ୍ତବ୍ୟ ଦୀପିକାରେ ପ୍ରକାଶ କରି ସଭାକୁ ବାଧିତ କରିବେ ।

ଗତ ଜାନୁୟାରୀ ମାସ ତା ୭ ଦିନ ସୋମବାର ଦିବା ଦ୍ୱିପ୍ରହର ଘ ୨ ଟା ସମୟରେ ଯାଜପୁର ସଦାବର୍ତ୍ତ ମଠରେ ଟେକ୍ସଦାତାମାନେ ଗୋଟିଏ ସଭା କରିଥିଲେ, ତହିଁରେ ବାବୁ ଦୁର୍ଗାଚରଣ ମାନସିଂହ ଉକିଲ ସଭାପତିର ଆସନ ଗ୍ରହଣ କରିଥିଲେ; ତହିଁରେ ନିମ୍ନଲିଖିତ ନିର୍ଦ୍ଧାରଣମାନ ଧାର୍ଯ୍ୟ ହୋଇଥିଲା ।

୧ । ନିଜଇତି । ଓ କଟକ ମଧ୍ୟରେ ସନ ୧୮-୭୧ ସାଲ ଠାରୁ ଷ୍ଟିମାର ଗମନାଗମନର ସୁବିଧା ହୋଇ ଥିବାରୁ ପୁରୀ ତୀର୍ଥ ଦର୍ଶନାଭିଳାଷି ଯାତ୍ରିମାନେ ସେହି ପଥରେ ପୁରୀ ଯାତାୟାତ କରୁଥିବାରୁ ଜଗନ୍ନାଥସଡ଼କର ଯେ ଶାଖା ରାସ୍ତା ବାଲେଶ୍ୱରଜିଲା ଅନ୍ତର୍ଗତ ଛତାବରନ୍ଧାରଠାରୁ ଯାଜପୁର ପର୍ଯ୍ୟନ୍ତ ଥିଲା, ତାହା ଅନେକ ଦିନରୁ ମରାମତି ଅଭାବରେ ଗମନାଗମନର ଅଯୋଗ୍ୟ ହୋଇ ଯାଇ ଅଛି । ଏଣୁ ତହୁଁ ପୂର୍ବାପେକ୍ଷା ଅତିଅଳ୍ପ ସଂଖ୍ୟକ ତୀର୍ଥକାମୀ ଯାତ୍ରୀ ତୀର୍ଥକୁ ଆସୁଥିବା ଓ ଯାଜପୁରର ସାଧାରଣ ସ୍ୱାସ୍ଥ୍ୟ ଉତ୍ତମ ଥିବା ଏବଂ ସଂକ୍ରାମକରୋଗର ବିଶେଷ ପ୍ରାବଲ୍ୟ ନ ଥିବା ଦୃଷ୍ଟିରେ ଅତ୍ର ସଭା ବିବେଚନା କରନ୍ତି ଯେ ବର୍ତ୍ତମାନ ଯାଜପୁରରେ ପୁରୀ ଲଜିଂହାଉସ ଏକ୍ଟ ଅର୍ଥାତ୍ ଯାତ୍ରିବାସ ଗୃହ ବିଷୟକ ଆଇନ ପ୍ରଚଳିତ କରିବାର କୌଣସି ପ୍ରୟୋଜନ ଦେଖାଯାଉ ନାହିଁ ଓ ଉକ୍ତ ଆଇନ ପ୍ରଚଳିତ ହେଲେ ସହରବାସିମାନଙ୍କ ପ୍ରତି ଅନାବଶ୍ୟକ କ୍ଷତିକାରକ ହେବ ।

୨ । ତୀର୍ଥକାମୀ ଯାତ୍ରିମାନେ ସ୍ୱ ସ୍ୱ ପଣ୍ଡାମାନଙ୍କ ଗୃହ ବ୍ୟତୀତ ଅନ୍ୟତ୍ର ବାସ କରନ୍ତି ନାହିଁ । ଓ ସେଥି ନିକାଶ ସେମାନଙ୍କୁ କିଛି ମାତ୍ର ଭଡ଼ା ଦେବାକୁ ହୁଏ ନାହିଁ ଓ ତୀର୍ଥକାମୀ ଯାତ୍ରିମାନଙ୍କଠାରୁ ବାସଗୃହର ଭଡା ନେବାର ପ୍ରଥା ପଣ୍ଡାମାନଙ୍କ ମଧ୍ୟରେ ପ୍ରଚଳିତ ନାହିଁ ଓ ଏ ପ୍ରକାର ଭଡ଼ା ଆଦାୟ କରିବା ନୀତି ଓ ଧର୍ମ ବିରୁଦ୍ଧ ଅଟେ । ଅତଏବ ଉକ୍ତ ଆଇନ ପ୍ରଚଳିତହେଲେ ଅତ୍ରସଭା ବିବେଚନା କରନ୍ତି ଯେ ବହୁକାଳରୁ ପ୍ରଚଳିତ ନିୟମ ଓ ସାଧାରଣ ଲୋକମାନଙ୍କର ଧର୍ମଭାବ ପ୍ରତି ବାଧାଜନକ ହେବ ଏବଂ ଆଇନର ଦ ୧୦ ଧାରା ଲିଖିତ ଉଦାରଣ ପ୍ରଭୃତି କାର୍ଯ୍ୟମାନ କଷ୍ଟଜନକ ହେବ ।

୩ । ବର୍ଷମଧ୍ୟରେ ସମସ୍ତ ସମୟରେ ଏ ନଗରକୁ ତୀର୍ଥକାମୀ ଯାତ୍ରୀ ଆସନ୍ତି ନାହିଁ । ବରଂ ଏକ ସ୍ତବରେ ବର୍ଷ ମଧ୍ୟରେ ଦୁଇ ଏକଦିନ ଯାତ୍ରିରୁ ଅଧିକ ରହନ୍ତି ନାହିଁ; ଓ ସାଧାରଣତଃ ଏକଦିନରୁ ଅଧିକ ରହନ୍ତି ନାହିଁ । ସୁତରାଂ ଅତ୍ର ସଭା ବିବେଚନା କରନ୍ତି ଯେ ଲାଇସେନ୍ସ ଫିସ ଆଦାୟ ଦ୍ୱାରା ଲୋକମାନଙ୍କୁ ଉତ୍ପୀଡ଼ିତ କରିବା ଉଚିତ ନୁହେ ।

୪ । ଉପରୋକ୍ତ କାରଣମାନଙ୍କରୁ ଅତ୍ର ସଭା ବିବେଚନା କରନ୍ତି ଯେ ବର୍ତ୍ତମାନ ଏ ନଗରରେ ଉପରୋକ୍ତ ଆଇନ ପ୍ରଚଳିତ କରିବାର କୌଣସି ପ୍ରୟୋଜନ ନାହିଁ ଓ ଉଚିତ ନୁହେ ।

୫ । ଉପରୋକ୍ତ ନିର୍ଦ୍ଧାରଣ ଏ ସଭାପ୍ରଧାନଙ୍କ ସ ଭାପତିଙ୍କ ହସ୍ତଖତରେ ବଙ୍ଗଦେଶର ମହାମାନ୍ୟ

Split by PDF Splitter
Digitized by srujanika@gmail.com

Split by PDF Splitter



ଲେପ୍ଟନେଣ୍ଟ ଗବର୍ଣ୍ଣର ସାହେବଙ୍କ ନିକଟାର୍ଥେ ପ୍ରେରଣ କରାଯାଉ ।

ତା ୭।୧।୯୬ } ଶ୍ରୀ ଗୌରଶ୍ୟାମ ପଣ୍ଡା
ସେକ୍ରେଟରୀ
ଯାଜପୁର

ମହାଶୟ !

ଓଡ଼ିଶାର ଉଦାସୀନ ଅବସ୍ଥା ଶୋଚନୀୟ ହେବାର ଚତୁର୍ଦ୍ଦିଗରେ ଝଙ୍କାରିତ ହେଉଅଛି । କିନ୍ତୁ ସୂର୍ଯ୍ୟଙ୍କ ପ୍ରଭା ରଜନୀର ଅନ୍ଧକାରକୁ ହଟାଇ ନ ଦେଇ ଦୃଷ୍ଟିପଥରେ ଆସିବା ପର୍ଯ୍ୟନ୍ତ ବିଶ୍ରାମ ପାଉ ନାହିଁ । ପରସ୍ପରର ସାହାଯ୍ୟ ବିନା ସାଧାରଣ ହିତ ସାଧିତ ହୁଏ ଏହା ସମସ୍ତେ ସ୍ୱୀକାର କରିବେ । ଓଡ଼ିଶା ବିଂଶବର୍ଷ ପୂର୍ବରେ ଯେପରି ସାଧାରଣ କାର୍ଯ୍ୟରେ ଉତ୍ସୁକ ଥିଲା ଅଳ୍ପ ଶିକ୍ଷିତଲୋକଙ୍କ ସଂଖ୍ୟା ଅପେକ୍ଷା ଚତୁର୍ଗୁଣ ହେଲେ ସୁଦ୍ଧା ଫଳ ହେଉ ନାହିଁ । ଏଥିର ଅବଶ୍ୟ କିଛି ଗୂଢ଼କାରଣ ଅଛି । ପୂର୍ବେ ଦୁଇଜଣ ଶିକ୍ଷିତଲୋକ ମିଶି ସାଧାରଣ କାର୍ଯ୍ୟ ସମ୍ପନ୍ନ କରୁଥିଲେ । ମାତ୍ର ଆଜିକାଲି କୌଣସି ସାଧାରଣ ହିତକର କାର୍ଯ୍ୟର ଅନୁଷ୍ଠାନ ଦୃଷ୍ଟିପଥରେ ପଡ଼ୁଛି କି ? କାଲି ଦୁଇଜଣ ଶିକ୍ଷିତ ମିଶି ଅକସ୍ମାତ୍ କୀର୍ତ୍ତି ସ୍ଥାପନ କରିଗଲେ ଅନ୍ୟ ଶହେଜଣ ମିଶି କୌଣସି କୀର୍ତ୍ତି ସ୍ଥାପନ କରିବା କଥା ଛେଣିବ ଆଉ ସେ କୀର୍ତ୍ତି ରକ୍ଷା କରିବାସକାଶେ ମଧ୍ୟ ବଦ୍ଧପରିକର ହେଉ ନାହାନ୍ତି । ଏଥିରେ ଦୋଷ କାହାର ? କାଲି ଜଣେ ଶିକ୍ଷିତ ଯୁବକ ଉତ୍ସାହୀ ସୁନ୍ଦରଦେଶରେ ନ୍ୟସ୍ତ କରି ସମାନ ଅସମାନ ଜ୍ଞାନୀ ଅଜ୍ଞାନୀମାନଙ୍କର ଦ୍ୱାରସ୍ଥ ହୋଇ ସାଧାରଣ ହିତୋଦ୍ଦେଶ୍ୟରେ କିଛି ଟଙ୍କାର ପାଣ୍ଠି ଓ ସ୍ୱୀୟ ସମ୍ପତ୍ତି ପ୍ରଦାନ କରି ବିଦ୍ୟାଳୟ ସ୍ଥାପନ କରିଗଲେ ଅନ୍ୟ ଶତ ଶତ ଶିକ୍ଷିତଲୋକ ଥିଲେ ସୁଦ୍ଧା ପାଣ୍ଠିକୁ ରକ୍ଷାକରିବାର ପ୍ରୟାସୀ ହେବାକଥା ଛେଣିବ ଆଉ ପାଣ୍ଠି ଖାଇଦେବା କଥା କର୍ଣ୍ଣଗୋଚର ହେଉଅଛି ଏବଂ ସମସ୍ତେ ଆଖି ଫେରି ମୁଖ ବିସ୍ତାର ପୂର୍ବକ ଅନାଇ ଯେଉଁଆଡ଼େ ଭୁଲିହୋଇ ବହିଅଛନ୍ତି । କାଲି ଜଣେ ଶିକ୍ଷିତ ସ୍ୱୀୟ ତୋଷାଗାରରୁ ବଂଶସହସ୍ର ମୁଦ୍ରା ପ୍ରଦାନ କରି ଭବିଷ୍ୟତ ଉନ୍ନତିର ପଥ ପରିଷ୍କାର କରିବାର ଉପାୟ ବାନ୍ଧି ଦେଇଗଲେ କିନ୍ତୁ ଅନ୍ୟ ଉଦ୍ଦେଶ୍ୟ ସାଧିତ ହେବା ନ ହେବାର କାରଣ କେବେ କେହି ଅନୁସନ୍ଧାନ କରୁଅଛନ୍ତି କି ? ଜଣେ ଅଷ୍ଟସହସ୍ର ମୁଦ୍ରାପ୍ରଦାନ କରି ଓଡ଼ିଶାରି ଉଦ୍ୟାନର ଅଭାବ ମୋଚନ ପୂର୍ବକ ଛାତ୍ରମାନଙ୍କର ଅବସ୍ଥାନ ଗୃହ ପ୍ରସ୍ତୁତ କରିଦେଲେ କିନ୍ତୁ ଅନ୍ୟ ତାହା ସମ୍ପୂର୍ଣ୍ଣରୂପେ ଶୂନ୍ୟ ହେଉଅଛି କି ନାହିଁ କେହି ସେଥିର ତତ୍ତ୍ୱ ନେଉଅଛନ୍ତି କି ?

ଏସବୁର କାରଣ କାହାରିକୁ ଅବିଦିତ ନାହିଁ ଏରୂପ ନୁହେଁ କିନ୍ତୁ କେହି କାହାରିକୁ କହିବାକୁ ଯାହାନ୍ତି ନାହିଁ । ମୂଷାମାନଙ୍କର କମିଟୀରେ ସ୍ଥିର ହେଲା ବିଲେଇ ବେକରେ ଘଣ୍ଟା ଦେଲେ ବିଲେଇ ଆସିବା ଜଣାପଡ଼ିବ କିନ୍ତୁ ବିଲେଇ ବେକରେ ଘଣ୍ଟା ଦେବ କିଏ ? ସମସ୍ତଙ୍କ ମନମଧ୍ୟରେ କାରଣଟି ନୃତ୍ୟ କରୁଅଛି କିନ୍ତୁ ତାହାରକୁ ବାହାରୁଛି କିଏ ? କଥାଟା ଏହିପରି ବୋଧ ହେଉଅଛି । ମୁଁ କହେଁ ଏହା ମୂଷା ବିଲେଇର ବ୍ୟାପାର ନୁହେଁ । ଏ କାର୍ଯ୍ୟ ଭିନ୍ନପ୍ରକାର । ଏଥିରେ ସମାନ ସମାନର କଥା ହେଉଅଛି । ତେବେ ସାନବଡ଼ ହେଲେଣ ବଂଶର କଥା । ତଥାପି ସମାନ ସମାନ କହିବାରେ ଦୋଷ ଯେନାଯାଇ ନ ପାରେ ଦୁଇଭଉଣୀର ସୌହାର୍ଦ୍ଦ୍ୟରେ ଗୃହର ଲକ୍ଷ୍ମୀ ସାଧନ ହୁଏ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟ ସ୍ୱଦୟା ପ୍ରକାଶ କରନ୍ତି । କାରଣଟା କାହାରି ମନମଧ୍ୟରୁ କିଛି କାହାରକଣି ମାତ୍ର ଅସମ୍ପୂର୍ଣ୍ଣଭାବରେ ରହିଅଛି । ପ୍ରସ୍ତାବକାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରେ ଜନ୍ମଦାତାଙ୍କୁ ଦର୍ଶକ ଅଧିକ କଷ୍ଟ ଅନୁଭବ କଲାପ୍ରାୟ କଥାଟା କଷ୍ଟକର ହୋଇଅଛି । ଲେଖକକୁ କେହି ଦୋଷୀ କରିପାରନ୍ତି ମାତ୍ର ଆମ୍ଭର ଦୋଷ ନାହିଁ । ଅତି ଲେମ୍ବୁ ଚିପୁଡ଼ିଲେ ପିତା— ଏହା ସମସ୍ତେ ଜାଣନ୍ତି ମାତ୍ର ଲେମ୍ବୁକୁ ଅତି ଚିପୁଡ଼ିବାକୁ କେହି ଛାଡ଼ନ୍ତି କି ? ତଥାପି ଦୋଷଟା କାହାର ? ଅମ୍ଭେ କହୁଁ ଲେମ୍ବୁର ଦୋଷ, କାହିଁକନା ଲେମ୍ବୁ କେତେଦୂର ବା କେତେବେଳ ପର୍ଯ୍ୟନ୍ତ ଚିପୁଡ଼ିଥିଲେ ପିତା ହେବ ନାହିଁ ତହିଁର ସୀମା ସ୍ଥିର କରିବା କଠିନ ।

ଗତ ଇନ୍ଦ୍ରଧନୁ ଭା'ଗ ନମ୍ବର ପୃଷ୍ଠାରେ ଲେଖାଅଛି ।

× × ×

ଶୁଣିଲେ ବଙ୍ଗ ଭଉଣୀ, ଯୋଷିଲ ଯତନେ ଅଣେ
ଉଳସ୍ୱେ ତୋ ହେଲେଣି କମଳା

× × × × × ×

ଓଡ଼ିଶାର ବର୍ତ୍ତମାନ ଦୁର୍ଦ୍ଦଶାର କାରଣ ଉପରୋକ୍ତ ପଦ୍ୟରେ ସ୍ପଷ୍ଟ ଭାବରେ ରହିଅଛି କେବଳ ଭାଇ ଭାଇ ଶତ ହେଲେ ପୁଣ ନ ଛାଡ଼ି ଜଣାପଡ଼ିବ । ଅବଶ୍ୟ କେତେକାର କଷ୍ଟ ସମୟରେ ଭାଇବନ୍ଧୁମାନେ ଏପାଖ ସେପାଖ ହେଉଥାନ୍ତି ଉପରୋକ୍ତ ପଦ୍ୟର ବ୍ୟାଖ୍ୟା ମଧ୍ୟ କେତେକ ପରିମାଣରେ ତଦନୁରୂପ ହୋଇଅଛି କିନ୍ତୁ ପ୍ରସବ ବେଦନା କଷ୍ଟକର ଜାତକର ଫଳ ପ୍ରସବ ପକ୍ଷରେ ଉପାୟ କରୁଅଛି ହଠାତ୍ କିଏ କର୍ଣ୍ଣରେ ଫୁଙ୍କିଦେଲା ।

"ନଗଣ ସ୍ୟାତ୍ତସ୍ତୋ ଗଚ୍ଛେଦ୍‌କାର୍ଯ୍ୟେ ବିଦ୍ୱେ ସନ୍ଂ ଫଳଂ ଯଦ କାର୍ଯ୍ୟ ଦପତ୍ତିଃ ସ୍ୟାତ୍ ମୂଷଲସ୍ତମ୍ଭ ହନ୍ୟତେ" ।

ଅତଏବ କମଳା ହୋଇ ଏବେ "ଶ୍ରୀ ଗୋବରଗଣେଶ" ଙ୍କୁ କୃତାଞ୍ଜଳିପୁଟେ ପ୍ରଣାମ କରି ପ୍ରାର୍ଥନା କରୁଅଛୁ ଆଉ ସହି ହେଉ ନାହିଁ କେତେ କଷ୍ଟ ପାଇଲଣି ଆଉ ଗୋବର ଗୁଡ଼ାକ ଘଟନା ଯାହା ଘଟିଛି ତାକୁ ଛଡ଼ାଇ ଦେଇ ସ୍ୱାଭାବିକରୂପର ପ୍ରତିମୂର୍ତ୍ତି ସ୍ଥାପନ କର ଯଥା ଅମ୍ଭେମାନେ ମୂର୍ତ୍ତି ଦର୍ଶନ କରି କଷ୍ଟରୁ ଅବ୍ୟାହତି ପାଉଁ ଭଗିନୀଦ୍ୱୟର ସଦ୍ଭାବ ବୃଦ୍ଧି ହେଉ ଯାହା ତ୍ରିଂଶବର୍ଷ ପୂର୍ବରେ ହୋଇଥିଲା ଅନ୍ତ ଶିକ୍ଷାର ଉନ୍ନତି ଯେପରି ହୋଇଅଛି ସାଧାରଣ ହିତକର କାର୍ଯ୍ୟ ମଧ୍ୟ ତଦନୁପାତରେ ହେଉ; ସାନବଡ଼ ଜ୍ଞାନ ନ କରି ସାନବଡ଼କୁ ପ୍ରଣିପାତ ବଡ଼ ସାନକୁ ଆଦର କରୁ ତୁମ୍ଭେ ମଧ୍ୟସ୍ଥଳରେ ଗଣେଶ ମୂର୍ତ୍ତି ସ୍ଥାପନ କରି ତାହାର ସୁଦୀର୍ଘ ଶୁଣ୍ଡ ପେଟକୁ ଅର୍ପିଥାଅ—ଶାନ୍ତିବାର ପ୍ରଦାନଦ୍ୱାରା ଗୋବର ବିଲୋପ ପ୍ରାପ୍ତ ହେଉ ।

ଶାନ୍ତି ଶାନ୍ତି ଶାନ୍ତି ନାମ କର କରରେ ଜପନ
ପରଶାନ୍ତି ପଲେ ଶାନ୍ତି ଶାନ୍ତି ହେଲେ ତାର ମନ ।
ମନେ ଶାନ୍ତି ଜାଣେ ଶାନ୍ତି ଯଦି ଶାନ୍ତି ସେବୁ ଜନ ।
ଶାନ୍ତିଶାନ୍ତି ମିଳନରେ ଶାନ୍ତିପିନା ସୁଶୋଭନ ॥

ଜଣେ ଶାନ୍ତିପ୍ରିୟ ।

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ରମାନାଥ ସିଂହ କଟକ | ଟ ୩ ୲ |
| " ରଘୁନାଥ ଘୋଷ ବାଲେଶ୍ୱର | ଟ ୩ ୲ |
| " ଏସ ପାଟଣା କଟକ | ଟ ୩ ୲ |
| " ଅଦନାଥ ସୁବର୍ଣ୍ଣ ଭାଗ୍ଲାନ | ଟ ୩ ୲ |
| " ଗୋବିନ୍ଦ ଦାସ ବାରପାଟଣା | ଟ ୨ ୲ |
| " ରାମଚନ୍ଦ୍ର ବାହୁବଳେନ୍ଦ୍ର ବୋଧ | ଟ ୩ ୲ |
| " ହୃଦାନନ୍ଦ ଭଞ୍ଜ | ଟ ୩ ୲ |
| " ବିଶ୍ୱନାଥ ହରିଚନ୍ଦନ | ଟ ୩ ୲ |

# ବିଜ୍ଞାପନ ।

## NOTICE

Is hereby given that the Taldunda and Machgong Canal will be closed to traffic for annuals

Digitized by srujanika@gmail.com

Split by PDF Splitter



repairs from 16—4—95 to 31—5—95. Boats rafts &c. should be removed from the above canals on or before the 15th April 1895.

Shashi Sekher Banerjee
*Accountant*
*For Executive Engineer*
Mahanady Division.

---

ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

ଦାମ୍ପତ୍ୟଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା

ମୋଫସଲରେ ଡାକମାସୁଲ ଟ ୦ /

---

ବିଜ୍ଞାପନ ।

ନୂତନ ନୂତନ ନୂତନ

କନକଶ୍ରୀ ଭଉତନ

ସତ୍ୟକାଳ୍ପନିକ ଉପନ୍ୟାସ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି

ମୂଲ୍ୟ ଟ ୦/ ଏକଅଣା ମାତ୍ର

ଅନ୍ୟାନ୍ୟ ପୁସ୍ତକମାନ ପ୍ରସ୍ତୁତ ଅଛି

---

## WANTED

A junior assistant accountant for the Mourbhanj Raj Treasury on a salary of Rs. 30 rising to Rs. 40 by annual increment. Applicants must have a thorough knowledge of English Oriyah and Bengali, and well versed in accounts branch. Applications together with testimonials to be forwarded to H. H. The Maharaja Mourbhanj not later than 31st January, 1895.

Baripada, 7th Jany 1895.

By order
F. D'Elhouse,
*Accoutant.*

---

## WANTED

Twenty passed Surveyors on a salary of Rs. 20 each for settlement work in Mourbhanj. Applications with testimonials to be forwarded to H. H. The Maharaja Mourbhanj not later than the 31st of this month.

Baripada 7—1—95.

By order
F. D'Elhouse,
*Accountant.*

---

A
## COMPLETE KEY
To
Lethbridge's Easy Selection
[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK The22nd November 1894 — Akshoy Kumar Ghose and Hara chand Ghose

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଧ୍ରୁପଦ ପ୍ରଭୃତି ସୁମଧୁର-ସ୍ୱରର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଲା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ତମ୍ବାକୁ ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ଛଅଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କର କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲା ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ଉଷାବତୀ ହରଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

---

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ ।

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚଟ୍ଟଗ୍ରାମ, ଢାକା, ରେଶମୀ ଓ ଟେଗର ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଏହା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାମ ଦେଖି ତହିଁ ଉପରେ ମୁନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର କାହାଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ତପସିଲ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସୀଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦ ୵୧୫ |
| ଉତ୍କଳ ପେନସୀଲ | ଦ ୧ ଟ ୦ ।୵ |
| ନକସା କାଗଜ | ଦ ୧ ଟ ୦ ।୵ |
| ଫୁଲସକେପ କାଗଜ ଖାତା | ଦ ୧ ଟ ୦ ୵୬ |
| ଏକଳ ରୁଲବାଳ | ଦ ୧ ଟ ୦ ୵୨ |
| ଏକଳ ତରସା | ଦ ୧ ଟ ୦ ୵୦ |
| ଫାନସୀନୋଟପେପର ଓ ଲଫାଫା | ଦ ୧ ଟ ୨ । |

Digitized by srujanika@gmail.com

| | |
|---|---|
| ଜାବଜାଲତ ସରସା | ଦ ୧ ଟ ୭ ✓ |
| ଏକ୍ରଡ ମଧ୍ୟମ | ଦ ୧ ଟ ୦ / |
| ଲଫାଫା ସରସା ସ୧୦୦ଟ୦।/ | ଗୋ ୨୫ ଟ୦/ |
| ଏକ୍ରଡ ମଧ୍ୟମ ସ୧୦୦ ଟ ୦ ।/ | ଗୋ ୨୫ ଟ୦ ୯ |
| ବାଲିକାଗଜ ୧୬ ପଣ | ଦ ୧ ଟ ୦ ✓ |
| ଶୀଦାଜ | ବୋ ୧ ଟ ୦ ।/ |
| ଏକ୍ରଡ ଗୁଣ୍ଡି ଏହାକୁ ଅଧ- | |
| ଘୋଟକ ଜଳରେ ଷକାଇ | |
| ଫୁଟଦଡ ପରେ ଛାଙ୍କି | |
| ନେଲେ ଉତ୍ତମ ସିହାଇ | |
| ପ୍ରସ୍ତୁତ ହେବ | ବ ୧ ଶ୍ରକ ଟ ୦ ✓୨ |
| ଶୀଲ୍‌ଟ ପେନ୍‌ସୀଲ | ବ ୧ ଟ ୦ ।/ |
| ରବର | ଷ ୧ ଟ ୦ ।/ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।/ |
| ଲୁହା କଲମ (ନିବ) ସରସା | ଡ଼ ୧ ଟ ୦ ✓ |
| ଏକ୍ରଡ ଛିରସା | ଡ଼ ୧ ଟ ୦ ୧୯ |
| ଏକନ୍ ଡକ୍ଟରମାଗନକୋନମ | ଗୋ୧ ଟ ୦ ୧୬ |
| କାଡବୃଷିଲ ଡାଲୁଣି ସହିତ (ଉଭୟଣାବାଲା) | ଗୋ ୧ ଟ ୦ । |
| ଏକ୍ରଡ ସାଧାରଣ | ଗୋ ୧ ଟ ୦✓୨ |
| ଡୁଭାଫିତା ସରସା | ଘ ୧ ଟ ୦।/ |
| ହୋଲ୍ଡ୍ୟାର ଦେଗ ଗୁଳିସହିତ | ଗୋ ୧ ଟ ୦।/ |
| ମନିବେଗ | ଗୋ ୧ ଟ ୦ ✓ |
| ମୁଣ୍ଡକପଥରର ଫସିଲ୍‌ଡା ଓ | |
| ବୃଦେଇନକଷାବାଲି | ଗୋ ୧ ଟ ୨। |
| ଲେଟେକଣ୍ଡର | ଗୋ ୧ ଟ ୧୯ |
| ନେକସର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରସା | ଷ ୧ ଟ ୦ /୧ |
| ଫୁଲଦାନି | ଗୋ ୧ ଟ ୧✓ |
| ହେଜାଲବିତ ୨ଡାଲସ୍ୟା | ଗୋ ୨ ଟ ।୦ |
| ଏକ୍ରଡ ଏକଡାଲିଅ | ଗୋ ୧ ଟ ୨ |
| ଷ୍ଟେଜ | ଗୋ ୧ ଟ ୨ |
| ଆର୍ଚ୍ଚସେଟ | ଗୋ ୧ ଟ ✓ ୨ |
| ଗ୍ଲାସ | ଦ ୧ ଟ ୦ /୦ |
| ସାନପଗଡ଼ୀ | ଗୋ ୧ ଟ ୫ ୧ |
| ବନାରସୀ ସର୍ ଜ୍ଞାଷ | ଗ ୧ |
| ଯତଣାରଏହାକୁ କୌଣସି | |
| ସ୍ଥାନରେ ରଖି ଛଅଁରେ | |
| ଲଗାଇ ବୋଧା ଛାରର | |
| ଶୀତରେ ଲଗାଇ ଦେଲେ | |
| ଘାଣି ସଞ୍ଚାରର ବନ୍ଦ ହେବ | ଗେ ୧ ଟ ୦ |

କଟକ } ଅଭିନବଷ୍ଟ ହର
ଚୌଧୁରୀ ବଜାର } କମ୍ପାନୀ

ହଜାରେ ଟଙ୍କା ପୁରସ୍କାର ।

# BISHAHARI

# ବିଷହରି ।

## ହତାଶ ହୁଅ ନାହିଁ ।

ଡାକ୍ତର,ଶ୍ରୀ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତରୋଗ ଅବ୍ୟର୍ଥ ମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ଦ ୧୫ ରେ ଓ ପ୍ରମେହ ଦ ୩ ରେ ନିଶ୍ଚୟ ଆରୋଗ୍ୟ ହୁଅଇ । ଏଥିରେ କୁଷ୍ଠ ଆରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସୁଖାଦ୍ୟକର ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ । ପାରଦ ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁ । ମୂଲ୍ୟ—ସେବନ ଔଷଧର ଟ ୧ ଙ୍କା, ଲେପନତୈଳର ଟ ୧ ଙ୍କା, କୁଷ୍ଠରୋଗର ଘୃତ ଟ ୪ ଙ୍କା, ପ୍ୟାକ ଓ ଡାକ ଟ ୦ ।✓ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ କଷ୍ଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଭାବଜାର, ଚିତ୍ପୁର ରୋଡ଼ କଲିକତା"

କଟକର ଏଜେଣ୍ଟ
ବାବୁ ଏଲ୍, ଏନ୍, ନାଥ୍‌ଙ୍କ
ଇମ୍ପେରିୟଲ ମେଡିକାଲହଲ ।
କଟକ ଓଡ଼ିଶା

---

ଶୁଣିବାରେ ନୂତନ ! ଦେଖିବାରେ ନୂତନ !!
ଖାଇବାରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

# "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଭାରତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରୋଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂରିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଅକାଳ ବୃଦ୍ଧ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଅରେ ଏହି ମହୌଷଧ ସେବନ କରନ୍ତୁ, ଶୀଘ୍ର ଆରୋଗ୍ୟ ଲାଭ କରିବେ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର୨ ରୋଗୀ ଓ ଯେଉଁମାନଙ୍କୁ ବଡ଼ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଅଥବା ଯେଉଁମାନେ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟତା ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରସାୟନିକ ପରୀକ୍ଷା ଦ୍ୱାରା ସ୍ଥିର କରିଅଛନ୍ତି ଯେ, "ଗନରୋଡାଇନ" ପରି ଶ୍ରେଷ୍ଠ ନିଶ୍ଚିତ ମେହରୋଗନାଶକ ଔଷଧ ଅଉ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପୁରୁଷତ୍ୱହାନି, ସ୍ୱପ୍ନଦୋଷ, ଧାତୁ ତରଳତା, ପରିସ୍ରାବରେ ଅସହ୍ୟ ଜ୍ୱାଳା, ମୁହାଁରେ ଦାଗଲଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହ୍ରାସତା, ପ୍ରସ୍ରାବ ଟୋପାଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଙ୍କା ପ୍ୟାକିଂ ଟ ୦✓ଅଣା ଡାକମାସୁଲ ଟ ୦। ଅଣା ।

ଭାରତର ଏକମାତ୍ର ଏଜେଣ୍ଟ ।
ପେ, ଶି, ରାଓ
ନଂ ୪୫ ମର୍ କେଟ୍ରିଲର ଲେନ
କଲିକତା ।

---

ଉତ୍କଳଦୀପିକାର,ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା।—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ✓
ଅଧସ୍ତମ୍ଭକୁ ଟ ୨୯
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଦର ଟ ୦ ୫ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମଥର ଦେଖା ଓ ତୃତୀୟଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହିତ କଟକ ଉତ୍କଳବାଣୀ ଦ୍ୱାରା କଟକ ଦେଇଗୁଆଲ ବଜାରରେ ମୁଦ୍ରିତ ଓ ପ୍ରକାଶିତ ହେଉ

Split by PDF Splitter
Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୩୦ ଖ | ସ ୪ ସଂଖ୍ୟା

ତା ୨୬ ଅଙ୍କ ମାହେ ଜାନୁଆରୀ ସନ ୧୮୯୫ ମସିହା । ଦି । ତା ୧୪ ଜ ମାଘ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୷
ପଶ୍ଚାଦ୍ଦେୟ ଟ ୩୷

ଅମ୍ଭମାନଙ୍କର ମାନ୍ୟବର କଲେକ୍ଟର ଶ୍ରୀଯୁକ୍ତ ଜି, ଷ୍ଟିଭେନ୍ସନ ସାହେବ ଓ ଯାଜପୁର ପରିଦର୍ଶନ କରି ଗତ ସୋମବାରରେ କଟକ ସଦର ହେଡ଼କ୍ୱାଟରରେ ଉପସ୍ଥିତ ହୋଇଥିଲେ । ସାହେବ ମହୋଦୟ ଶୀଘ୍ର ଛୁଟି ନେଇ ଯିବାହେତୁରୁ ତାଙ୍କର ଜାଗାରୁ ... ଉଚ୍ଚପଦ ହେବାକୁ ଆଶା ହୋଇଅଛି ।

---

ବେଜବାଡ଼ାଠାରୁ କଟକ ପର୍ଯ୍ୟନ୍ତ ଯେଉଁ ରେଲ ବାଟ ପୂର୍ବ ଉପକୂଳ ରେଲବାଟ ମଧ୍ୟରେ ନିର୍ମିତ ହେବାର ପ୍ରସ୍ତାବ ହୋଇଅଛି ସେଥି ନିମିତ୍ତ ଅମ୍ଭମାନଙ୍କର ଭାରତସ୍ଥ ଷ୍ଟେଟସେକ୍ରେଟାରୀ ଟ ୫୫୦୦୬୭୯୪ ଙ୍କା ମଞ୍ଜୁର କରିଅଛନ୍ତି । ଏହି ରେଲ ବାଟ ଲମ୍ବରେ ମା ୫୫୪ ମାଇଲ ଅଟଇ ଏବଂ ଏଥିରେ ପୁରୀଠାକୁ ଯାଉଥିବା ଶାଖା ରେଲବାଟ ମା ୨୯ ମାଇଲ ରହୁଅଛି ।

---

କଟକ କଲେକ୍ଟରୀର ଉତ୍ତର ଉଦାହରଣରେ ସେଠା ଲଡ଼ି-ମୋହରରମାନେ ଲୁପ୍ତ ଥିବାର ପ୍ରକାଶ ପାଇଥିଲା କିନ୍ତୁ ଜଣେ ଖୋଡ଼ସେଷ-ପ୍ରକାଶ ମୋହରର ଶ୍ରୀନାଥମହାନ୍ତି ଉକ୍ତ ଅପରାଧରେ ସଂଶ୍ଳିଷ୍ଟ ଥିବାର ସମ୍ଭବ ହେବାରୁ ତାଙ୍କୁ କଲେକ୍ଟର ସାହେବ ଗତ ବୁଧବାରଦିବସ ସସ୍ପେଣ୍ଡ କରିଅଛନ୍ତି ଓ ଉକ୍ତ ଶୀଘ୍ର ତଦାରଖର ଭାର ଖଜଣାଖାନାର ଡେପୁଟୀକଲେକ୍ଟରଙ୍କ ଉପରେ ନ୍ୟସ୍ତ କରିଅଛନ୍ତି ।

---

ଜଣେ ବ୍ରାହ୍ମଣ ଅଲ୍ଲାହାବାଦ ହାଇକୋର୍ଟର ମିଃ ଜଷ୍ଟିସ୍ ବାନୁର୍ଯ୍ୟାଙ୍କ ନିକଟରେ ଉଚିତ ଷ୍ଟାମ୍ପ ପ୍ରଦତ୍ତ ଦରଖାସ୍ତଦ୍ୱାରା ସମୁଦାୟ ହିନ୍ଦୁସ୍ଥାନକୁ ମୌରସି ସମ୍ପତ୍ତି ବୋଲି ଦାବି କରିଅଛି । ସେ ପୌରାଣିକ ପର୍ଶୁରାମଙ୍କର ଉତ୍ତରବଂଶ ଶତାବ୍ଦୀର ବଂଶ ଅଟନ୍ତି । ପର୍ଶୁରାମ କ୍ଷତ୍ରିୟମାନଙ୍କୁ ଦଳନ କରି ସମୁଦାୟ ହିନ୍ଦୁସ୍ଥାନ ଅଧିକାର କରିଥିଲେ ସୁତରାଂ ତାଙ୍କର ବଂଶଜଙ୍କର ସମୁଦାୟ ଭାରତରେ ଦାବି ଅଛି । ଦରଖାସ୍ତ ମଞ୍ଜୁର ନୁହେ ।

---

କଟକ ରେଭେନସାକଲେଜର ପ୍ରିନ୍ସିପାଲ ମିଃ ହଲୱାର୍ଡ଼ ଶୀଘ୍ର ଛୁଟି ନେଇ ବିଲାତ ଗମନ କରିବେ ଓ ତାଙ୍କ ସ୍ଥାନରେ ପ୍ରେସିଡ଼େନ୍ସି କଲେଜର ଅଧ୍ୟାପକ ବାବୁ ନୀଳକାନ୍ତ ମଜୁମଦାର ଏଠାକୁ ଆସିବେ । ଏହିରୂପ ଜନରବ ଉଠିଅଛି । ହଲବାର୍ଡ଼ ସାହେବ ଜଣେ ଶିକ୍ଷିତ ଉପଯୁକ୍ତ କର୍ମଶୀଳ ଲୋକ ଅଟନ୍ତି ଅଳ୍ପକାଳ ଏଠାରେ ରହିଥିବାରୁ ତାଙ୍କର ଶିକ୍ଷାର ଫଳ ବହୁ ପ୍ରକାଶ ପାଇପାରିନାହିଁ । ସାହେବ ମହୋଦୟ ସ୍କୁଲର ଶାସନକାର୍ଯ୍ୟରେ ଅତ୍ୟନ୍ତରୂପେ କଡ଼ା ଥିଲେ ସତ୍ୟ ମାତ୍ର ବାଳକମାନଙ୍କ ସହିତ ସଦ୍ଭାବ ଏବଂ ସଦାଳାପ ରଖିଥିଲେ ।

---

ଅଲ୍ଲାହାବାଦ ହାଇକୋର୍ଟ ଅଧୀନସ୍ଥ ବନାରସ ସେସନ୍ସ ଜଜସାହେବଙ୍କ ଅଦାଲତରେ ଏକ ଆସାମୀର ବକ୍ତୃତା ତାହା ଅନୁପସ୍ଥିତରେ ହୋଇ ଫାଶିଦଣ୍ଡର ଆଦେଶ ହୋଇଅଛି । ଏ ସମ୍ବାଦ ପ୍ରକାଶ ହେବା ପରେ ଜଣାଯାଇ ଅଛି ସେ ଜଜସାହେବ ଇଂରାଜ ନ ହୋଇ ଜଣେ ମୁସଲମାନ ଅଟନ୍ତି । ସେ ଯାହା ହେଉ ଇଂରାଜ ଶାସନାଧୀନରେ ଅଦ୍ୟାପି ଏପରି କଥାମାନ ଯାହା ଶୁଣା ଯାଉଅଛି ତାହା ଅତ୍ୟାଶ୍ଚର୍ଯ୍ୟର ବିଷୟ ଅଟଇ । ହାଇକୋର୍ଟରେ ଏ ବିଷୟ ବହୁତରେ ଅପିଲ ହେବାରୁ ବିଶେଷ ତୀବ୍ର ସମାଲୋଚନା କରି ଜଜଙ୍କର ଦୃଷ୍ଟି ଫୌଜଦାରୀ କାର୍ଯ୍ୟବିଧି ପ୍ରତି ଆକର୍ଷିତ କରିଅଛନ୍ତି ।

---

ଚୀନ ଜାପାନ ଯୁଦ୍ଧ ସମ୍ବନ୍ଧରେ ଏ ସପ୍ତାହରେ ଯେ ସମ୍ବାଦ ମିଳିଅଛି ତହିଁରୁ ପ୍ରକାଶ ଯେ ଜାପାନୀମାନେ ଚୀନବନ୍ଦର ୱାଇହାଇୱେର ଆକ୍ରମଣ ପୂର୍ବକ ୩ ୪ ଘଣ୍ଟାକାଳ ତୁମୁଳ ଯୁଦ୍ଧ କରିବାରୁ ଚୀନାମାନଙ୍କୁ ହଟାଇଦେଇ ଏହି ନଗର ଆକ୍ରମଣ କଲେ । ଚୀନାମାନେ ପଳାଇ ଯିବାରୁ ଜାପାନୀମାନେ ସେମାନଙ୍କୁ ... ଗୋଡ଼ାଇ ଯାଇଥିଲେ । ଜାପାନୀମାନେ ପୋର୍ଟଆର୍ଥରୁ ଅଗ୍ରସର ହେଉ ଅଛନ୍ତି ଏବଂ କଥିତ ଅଛି ଯେ ଚୀନ-ସମ୍ରାଜ୍ୟର ହୃଦୟ ସ୍ୱରୂପ ପ୍ରାଚୀର ନିକଟରେ ଶେଷ ଏବଂ ତୁମୁଳ ଯୁଦ୍ଧ ହେବ । ୱାଇହାଇ-ଯୁଦ୍ଧରେ ଚୀନାମାନେ ୨୦୦ ଜଣ ଲୋକ ହରାଇ ଅଛନ୍ତି । ଜାପାନର ମୃତ୍ୟୁସଂଖ୍ୟା ଅଳ୍ପ ଜଣାପଡ଼ି ନାହିଁ ।

---

Digitized by srujanika@gmail.com

ଜଗଥର ପଣ୍ଡିତମାନଙ୍କ ବାର୍ଷିକ ବୈଠକ ବଡ଼ଦିନ ଛୁଟୀ-ଅବସରରେ ଜଗଥ ଡେଃ କଲେକ୍ଟର ବାବୁ ମହେନ୍ଦ୍ରନାଥ ଭଟ୍ଟାଚାର୍ଯ୍ୟଙ୍କ ଗୃହରେ ହୋଇଥିଲା । ବୈଠକରେ ଜଗଥର ଓ ତହିଁ ପାର୍ଶ୍ୱସ୍ଥ ପଲ୍ଲୀଗ୍ରାମର ପଣ୍ଡିତମାନେ ଓ ଢାକା, ତ୍ରିପୁରା, ଶ୍ରୀହଟ୍ଟ, କଲିକତା ଓ ଅନ୍ୟାନ୍ୟ ସଂସ୍କୃତଶିକ୍ଷାର କେନ୍ଦ୍ରମାନଙ୍କରୁ ପଣ୍ଡିତମାନେ ଏକତ୍ରୀଭୂତ ହୋଇଥିଲେ । ହିନ୍ଦୁ ଜ୍ୟୋତିଷଶାସ୍ତ୍ର, ହିନ୍ଦୁ ଆଇନ ଓ ଧର୍ମନୀତି ଅଧିକ ତର୍କ ବିତର୍କ ହେବା ଉତ୍ତାରେ ଜଗଥ ମାଜିଷ୍ଟ୍ରେଟ ଓ ବଙ୍ଗପ୍ରଦେଶର ସ୍ୱାସ୍ଥ୍ୟପ୍ରଦାୟକ କମିଶ୍ୱରମାନଙ୍କ ପ୍ରାର୍ଥନାନୁସାରେ ଗୋବସନ୍ତ ଟୀକା ଦଅଯିବା ବିଷୟର ତର୍କ ଉପସ୍ଥିତ ହୋଇଥିଲା । ଅନେକ ତର୍କ ବିତର୍କ ହେବା ଉତ୍ତାରେ ମୀମାଂସା ହେଲା ଗାଭୀମାନଙ୍କୁ ଗୋ-ବସନ୍ତରୁ ରକ୍ଷା ନିମନ୍ତେ ଗୋ-ଟୀକା ପ୍ରଦାନରେ ଓ ମନୁଷ୍ୟମାନଙ୍କୁ ଗୋଗଡ଼ ଟୀକାପ୍ରଦାନରେ କୌଣସି ଧର୍ମହାନିର ଆପତ୍ତି ନାହିଁ ।

---

ନୟାଗଡର ମେଳିଆମାନଙ୍କ ବିଚାର କରିବା ନିମନ୍ତେ ଅଃ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ବାବୁ ସ୍ୱାମୀଚନ୍ଦ୍ର ନାୟକ ବହୁଦିବସ ହେଲା ନୟାଗଡ଼ ଗମନ କରିଅଛନ୍ତି । ବାବୁ ମହୋଦୟ ସେଠାରେ ବହୁକାଳ ଅବସ୍ଥାନ କରି ଧୀରଚିତ୍ତ ସ୍ଥିର ବୁଦ୍ଧିରେ ମେଳିଆମାନଙ୍କ ବିଚାରରେ ବ୍ୟସ୍ତ ଅଛନ୍ତି । ବିଚାର କାର୍ଯ୍ୟ ଅତୀବ ସନ୍ତୋଷକର । ବାବୁ ମହୋଦୟ ଅନେକଗୁଡ଼ିଏ ଲୋକଙ୍କୁ ଶାସ୍ତି ପ୍ରଦାନ କଲେଣି ଓ ତ ୧୨ ଜଣକୁ ଫାଶି ଦଣ୍ଡ ଓ ୩୪ ଜଣକୁ ଯାବଜ୍ଜୀବନ ପର୍ଯ୍ୟନ୍ତ କଏଦର ଦଣ୍ଡ ପ୍ରଦାନ କରିଅଛନ୍ତି । କିନ୍ତୁ ନୟାଗଡର ପ୍ରଧାନ ମେଳିଆ ଅର୍ଜୁନ ପାଇକର ଧରା ପଡ଼ି ନ ଥିଲା ବର୍ତ୍ତମାନ ଆମ୍ଭେମାନେ ସମ୍ବାଦ ପାଇଅଛୁଁ ଯେ ଅର୍ଜୁନ ପାଇକର ଗତ ସୋମବାର ଦିବସ ଧରା ପଡ଼ିଅଛି ଓ ଗତ ମଙ୍ଗଳବାରରେ ତାହାର ବିଚାର ହୋଇ ସ୍ଥିର । ଗତ ବୁଧବାର ଦିବସ ଏଠା ଜେଲଖାନାକୁ ତ ୩୧ ଜଣ ଦଣ୍ଡପ୍ରାପ୍ତ ମେଳିଆ ଆସିଅଛନ୍ତି । ଦୁଇଜଣ ଗୋରା କର୍ମଚାରୀ ଓ ଅନେକ ଦେଶୀ ପୋଲିସ ଓ ସିପାହିଙ୍କ ଦ୍ୱାରା ସେମାନେ ଆନୀତ ହୋଇଥିଲେ । ଆମ୍ଭେମାନେ ଶୁଣିଲୁଁ ଗଡ ନୟାଗଡ଼ରୁ ତ ୩୨ ଜଣ କଏଦୀ ଆଣି ହେଉଥିଲେ ପଥ ମଧ୍ୟରେ ଜଣେ ପଳାୟନ କରିଅଛି । ଅନେକ ସଙ୍ଗୀନ ସିପାହି ବନ୍ଦୁକଙ୍କ ପହରାରେ ଥିବା କଏଦୀର ପଳାୟଯିବା ଅସୀମ ସାହସିକତାର କାର୍ଯ୍ୟ ହୋଇଅଛି । ଯେଉଁମାନଙ୍କୁ ଫାଶିଦଣ୍ଡର ଆଦେଶ ହୋଇଅଛି ସେମାନଙ୍କୁ ଗଡ ନୟାଗଡ଼ରେ ଫାଶି ଦଅଯିବାର କଥା ଶୁଣା ହେଉଅଛି ଦୁର୍ଦାନ୍ତ ଲୋକମାନଙ୍କ ଶିକ୍ଷା ନିମନ୍ତେ ଏରୂପ ଆଦେଶ ମନ୍ଦ ନୁହେ ।

---

## ଇନ୍ଦ୍ରଧନୁ ।

ଇନ୍ଦ୍ରଧନୁ ସାହିତ୍ୟ ସମରକ୍ଷେତ୍ରରେ ଉପଗତ ହୋଇ ବର୍ଷାଧିକ କାଳ ଭୂମଳ ଯୁଦ୍ଧ କରି ଶତ୍ରୁପକ୍ଷକୁ ପରାଭବ କରାଇ ବର୍ତ୍ତମାନ ନୂତନ ଆକାର ଧାରଣ ପୂର୍ବକ ଉତ୍କଳ ସାହିତ୍ୟାନୁରାଗୀମାନଙ୍କ ସମକ୍ଷରେ ଉପନୀତ ହୋଇଅଛି । ଆଗେ ଇନ୍ଦ୍ରଧନୁ ସମ୍ବାଦପତ୍ର ସ୍ୱରୂପ ଲମ୍ବ କାଗଜରେ ଛପା ହେଉଥିଲା ମାତ୍ର ଗତ ସପ୍ତାହରେ ଯେଉଁ ଇନ୍ଦ୍ରଧନୁ ବାହାରିଅଛି ତାହା ପୁସ୍ତକାକାରରେ ମୁଦ୍ରିତ ହୋଇ ଅଛି । ଓଡ଼ିଶାରେ ଅଦ୍ୟାପି ସାହିତ୍ୟ ସମାଲୋଚକ ସାମୟିକ ପତ୍ରର ଅବଶ୍ୟକତା ରହିଅଛି ଏବଂ ଇନ୍ଦ୍ରଧନୁ ପୁସ୍ତକାକାରରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇ ଥିବାରୁ ଅନୁମାନ ହେଉଅଛି ଯେ ଏଥିର ଲେଖକମାନେ ତାହାକୁ ସାହିତ୍ୟସମାଲୋଚକ ପତ୍ର ସ୍ୱରୂପ ରଖିବାକୁ ଇଚ୍ଛାନ୍ତି । ବର୍ଷାଧିକ ଅତୀତ ହେବା ସଙ୍ଗେ ସଙ୍ଗେ ଇନ୍ଦ୍ରଧନୁ ସାହିତ୍ୟକ୍ଷେତ୍ରରୁ ଅନ୍ତର୍ଦ୍ଧାନ ହେବାର କଥା ମାତ୍ର ତାହା ନ ହୋଇ ଯେତେବେଳେ ଉକ୍ତ ଉଦ୍ଦେଶ୍ୟ ସାଧନାର୍ଥ ତାହା ଆମ୍ଭମାନଙ୍କ ସମକ୍ଷରେ ଉପଗତ ହୋଇଅଛି ସେତେବେଳେ ଆମ୍ଭେମାନେ ତାହାକୁ ସାଦରେ ଅଭ୍ୟର୍ଥନା କରୁଅଛୁଁ ଓ ତାହାର ଦୀର୍ଘାୟୁ କାମନା କରୁଅଛୁଁ । ବର୍ତ୍ତମାନ ଏଥିର ଯେଉଁ ସଂଖ୍ୟା ବାହାରିଅଛି ତହିଁରେ ପାଠୋପଯୋଗୀ ପ୍ରବନ୍ଧମାନ ପ୍ରକାଶିତ ହୋଇ ଅଛି । କବିତାମାନ ମଧ୍ୟ ଉତ୍ତମ ହୋଇଅଛି ଏବଂ ଯେତେବେଳେ ଅନେକ ଗୁଡ଼ିଏ ଶିକ୍ଷିତ ଲୋକ ଏଥିର ଲେଖକ ପଦରେ ବରିତ ହୋଇ ଅଛନ୍ତି ସେତେବେଳେ ସେ ଏକା କ୍ରମଶଃ ଉନ୍ନତମାର୍ଗରେ ଗମନ କରି ଲୋକଙ୍କର ମନୋରଞ୍ଜନ କରିବ ତହିଁରେ ସନ୍ଦେହ ନାହିଁ । ତେବେ ଆଉ ଏହାକୁ ଅସାମୟିକ ରୂପେ ରଖିବାର ତାତ୍ପର୍ଯ୍ୟ କଣ ? ଆମ୍ଭମାନଙ୍କ ମତରେ ଏହାକୁ ମାସିକ ପତ୍ରିକା ରୂପରେ ପରିଣତ କରି ଭଲ ଭଲ ପ୍ରବନ୍ଧମାନ ପ୍ରକାଶ ପୂର୍ବକ ଏଥିର ଲେଖକମାନେ ପତ୍ରିକାକୁ ସମସ୍ତଙ୍କର ପ୍ରୀତିକର କରାଇ ଓଡ଼ିଶାର ଏନ ମଧ୍ୟରୁ ଅଭାବ ଦୂରୀଭୂତ କରିବା ପକ୍ଷେ ଯତ୍ନଶୀଳ ହେଉନ୍ତୁ । ଏହି ପୂର୍ବେ ଉତ୍କଳମଧୁପ ଓ ପ୍ରଦୀପ ନାମକ ସାମୟିକ ସାହିତ୍ୟସମାଲୋଚକ ପତ୍ରମାନ ଓଡ଼ିଶାରେ ଅଳ୍ପଦିନ ମାତ୍ର ଖେଳାଇ ଅନ୍ତର୍ଦ୍ଧାନ ହୋଇଅଛି । ତତ୍ପୂର୍ବେ ବହୁଅର୍ଥବ୍ୟୟରେ ମୟୂରଭଞ୍ଜର ଜୀବନ ମହାରାଜାଙ୍କ ଯତ୍ନରେ "ଉତ୍କଳପ୍ରଭା" ଉତ୍କଳସାହିତ୍ୟ ଗଗନରେ ଅଭ୍ୟୁଦିତ ହୋଇ ସୃଜକମାନଙ୍କ ଦୋଷରେ ବର୍ତ୍ତମାନ ଘନ ଘଟାରେ ଲୁପ୍ତ ରହିଅଛି । ଏମନ୍ତ ସମୟରେ ଇନ୍ଦ୍ରଧନୁର ଆବିର୍ଭାବ ଅବଶ୍ୟ ଆନନ୍ଦ ସୂଚକ ଅଟଇ । ମାତ୍ର ଆମ୍ଭେମାନେ ପୁନଃ ପୁନର ସୃଜକମାନଙ୍କୁ ସାବଧାନ କରାଇ ଦେଉଅଛୁଁ ଯେପରି ସେମାନେ ଏହିକା ଖଣ୍ଡିକୁ ସାର୍ବକାଳ ବଞ୍ଚାଇ ରଖିବା ପକ୍ଷେ ଯତ୍ନମାତ୍ର ତ୍ରୁଟି ନ କରିବେ । ଉତ୍କଳର ସାହିତ୍ୟାନୁରାଗୀ ବ୍ୟକ୍ତିବର୍ଗଙ୍କୁ ମଧ୍ୟ ଆମ୍ଭମାନଙ୍କର ଅନୁରୋଧ ଯେ ସେମାନେ ଉତ୍ସାହରେ ଏଥିର ଗ୍ରାହକ ହୋଇ ଆପଣା ଦେଶର ଉନ୍ନତି ସାଧନ କରନ୍ତୁ ।

---

## ଭର୍ଣ୍ଣାକ୍ୟୁଲର ଓ ଅପରପ୍ରାଇମେରି ପରୀକ୍ଷାର ଫଳ ।

ଭର୍ଣ୍ଣାକ୍ୟୁଲର ପରୀକ୍ଷା—ଗତବର୍ଷ ତ ୧୧୯ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ତ ୧୩୭ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଅଛନ୍ତି କିନ୍ତୁ ଗତ ପୂର୍ବ ବର୍ଷରେ ତ ୧୭୫ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ । ଗତବର୍ଷରେ ୧ମ ଶ୍ରେଣୀରେ ତ ୩୬ ଜଣ, ୨ୟରେ ତ ୭୦ ଜଣ ଓ ୩ୟରେ ତ ୧୩ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ, ଏବର୍ଷ ୧ମ ଶ୍ରେଣୀରେ ତ ୨୮ ଜଣ, ୨ୟରେ ତ ୫୪ ଜଣ ଓ ୩ୟରେ ତ ୫୫ ଜଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ପୂର୍ବ ବର୍ଷାପେକ୍ଷା ସଂଖ୍ୟାରେ ଫଳ ଭଲ ହୋଇଥିଲେହେଁ ପାରଦର୍ଶିତାନୁସାରେ ଫଳ ଉତ୍ତମ ହୋଇ ନାହିଁ ୧ମ ଓ ୨ୟ ଶ୍ରେଣୀର ସଂଖ୍ୟା ପୂର୍ବ ବର୍ଷାପେକ୍ଷା ମନ୍ଦ ଓ ଗତ ପୂର୍ବବର୍ଷାପେକ୍ଷା ସଂଖ୍ୟାରେ ଓ ପାରଦର୍ଶିତାରେ ମଧ୍ୟ ଫଳ ମନ୍ଦ ହୋଇ ଅଛି ସୁତରାଂ ଏବର୍ଷର ଫଳକୁ ଆମ୍ଭେମାନେ ଉତ୍ତମ କହିପାରୁ ନାହିଁ । ଜିଲ୍ଲା ଅନୁସାରେ ଫଳ ବିଚାର କରିବାକୁ ଗଲେ କଟକର ଫଳ ସର୍ବୋତ୍ତମ ହୋଇଅଛି କଟକରେ ତ ୫୦ ଜଣ, ପୁରୀରେ ତ ୩୧ ଜଣ, ବାଲେଶ୍ୱରରେ ତ ୨୬ ଜଣ ଓ ଗଡ଼ଜାତରେ ତ ୩୦ ଜଣ ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି । ଗତବର୍ଷରେ କଟକରେ ତ ୨୯ ଜଣ,

Split by PDF Splitter
Digitized by srujanika@gmail.com

Split by PDF Splitter



ସ୍ଥାନରେ ୫ ୨୩ ଜଣ, ବାଲେଶ୍ୱରରେ ୫ ୩୪ ଜଣ ଓ ସମ୍ବଲପୁରରେ ୫ ୪୪ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଗତ ବର୍ଷର ଫଳ ତୁଳନାରେ କଟକଜିଲ୍ଲାରେ ଦ୍ୱିଗୁଣ ସଂଖ୍ୟା ଛାତ୍ର ଉତ୍ତୀର୍ଣ୍ଣ ହେବା ସେହି ଜିଲ୍ଲାପକ୍ଷେ ଶୋଭା ପାଉଅଛି । ଅନ୍ୟାନ୍ୟ ଜିଲ୍ଲାର ଫଳ ମଧ୍ୟ ସଂଖ୍ୟାରେ କିଛି ବୃଦ୍ଧି ହୋଇଅଛି କିନ୍ତୁ ଆଶାନୁରୂପ ହୋଇ ନାହିଁ ।

ପାରିତୋଷିକାନୁସାରେ କଟକ ମଡ଼େଲସ୍କୁଲ ୧ମ ସ୍ଥାନ ଅଧିକାର କରିଥିବା ଓ ୨ୟ ଓ ୩ୟ ସ୍ଥାନକୁ ଟ୍ରେନିଂ କାଲେଜ ବିଦ୍ୟାଳୟର ଉଚ୍ଚଶ୍ରେଣୀ ଛାତ୍ରୀ ପାଇବା ଅତି ଆହ୍ଲାଦର ବିଷୟ, ଛାତ୍ରୀମାନଙ୍କର ଉଚ୍ଚ ସ୍ଥାନ ଅଧିକାରରେ ଅବଶ୍ୟ ଛାତ୍ରମାନେ ଓ ସେମାନଙ୍କର ଶିକ୍ଷକମାନେ ଲଜ୍ଜିତ ହୋଇ ପରବର୍ଷମାନଙ୍କରେ ଛାତ୍ର ସ୍କୁଲମାନେ ଉତ୍ତମ ଫଳ ଦର୍ଶାଇବାପାଇଁ ଉତ୍ସାହିତ ହେବେ କିନ୍ତୁ ଆଗତ ଫଳରୁ ଜଣାଯାଉଅଛି ଛାତ୍ରୀମାନେ ବୃତ୍ତିରେ ଛାତ୍ରମାନଙ୍କଠାରୁ କୌଣସି ପ୍ରକାରରେ ନ୍ୟୂନ ନୁହନ୍ତି କଟକ ମହାଶୟପୁର ସ୍କୁଲର ଛାତ୍ର ୪ର୍ଥସ୍ଥାନ ଓ ଗଞ୍ଜାମର ଇଚ୍ଛାପୁର ୫ମସ୍ଥାନ ଅଧିକାର କରିଅଛି । ପୁରୀ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ପୁରୀ ଜିଲ୍ଲା ମଧ୍ୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଥିବା ଛାତ୍ର ସାଧାରଣ ତାଲିକାମଧ୍ୟରେ ୯ମ ସ୍ଥାନ ଓ ବାଲେଶ୍ୱରର ଛାତ୍ର ୧୧ଶ ସ୍ଥାନ ପାଇଅଛି । ସାଧାରଣ ଫଳରୁ ବୋଧ ହେଉଅଛି ଗଡ଼ଜାତ କ୍ରମଶଃ ଉନ୍ନତିପଥରେ ଅଗ୍ରସର ହେଉଅଛି ଓ ସମସ୍ତ ସ୍ରୋତରେ ଅନ୍ୟାନ୍ୟ ଜିଲ୍ଲା ସହିତରେ ସମକକ୍ଷ ହେବାକୁ ସକ୍ଷମ ହେବ ।

ଅପର ପ୍ରାଇମେରୀ ପରୀକ୍ଷା ।

ଗତବର୍ଷରେ ୧ମ ଶ୍ରେଣୀରେ ୫ ୧୧୫ ଜଣ, ୨ୟରେ ୫ ୧୬୧ ଜଣ ଓ ୩ୟରେ ୫ ୯୬ ଜଣ ମୋଟରେ ୫ ୩୭୨ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ ଏବର୍ଷ ୧ମ ଶ୍ରେଣୀରେ ୫ ୬୮ ଜଣ, ୨ୟରେ ୫ ୩୮ ଜଣ ଓ ୩ୟରେ ୫ ୮୧ ଜଣ ମୋଟରେ ୫ ୨୨୫ ଜଣ ଉତ୍ତୀର୍ଣ୍ଣତା ଲାଭ କରି ଅଛନ୍ତି ଗତ ବର୍ଷାପେକ୍ଷା ମୋଟ ସଂଖ୍ୟା ଫଳ ମନ୍ଦ ହୋଇଅଛି କିନ୍ତୁ ଗତପୂର୍ବ ବର୍ଷରେ ଏତଦପେକ୍ଷା ଫଳ ମନ୍ଦ ହୋଇ ଥିଲା ମୋଟ ୫ ୨୦୯ ଜଣ ଉତ୍ତୀର୍ଣ୍ଣ ହୋଇ ଥିଲେ ସୁତରାଂ ଗତବର୍ଷର ଫଳ ଅସ୍ୱାଭାବିକ ପ୍ରକାରରେ ଉତ୍ତମ ହୋଇଥିବାର ବୋଧ ହେଉଅଛି ମାତ୍ର ଦେଶର ଉନ୍ନତି ଓ ଶିକ୍ଷିତ ଲୋକଙ୍କ ସଂଖ୍ୟା ଉତ୍ତରୋତ୍ତର ବୃଦ୍ଧି ହେଉଅଛିବା ପ୍ରତ୍ୟକ୍ଷ ସାମାନ୍ୟ ଉଚ୍ଚ ପ୍ରାଇମେରୀ ପରୀକ୍ଷାର ମୋଟ ସଂଖ୍ୟା ଫଳରେ ଅସନ୍ତୋଷ ହେବାର କଥା ଓ ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ସାଧାରଣ ଶିକ୍ଷା ପ୍ରତି ବିଶେଷ ଦୃଷ୍ଟି ଥାଏ । ଏପରି ସ୍ଥଳରେ ଫଳ ମନ୍ଦ ହେବାରେ ଶିକ୍ଷା ପ୍ରତି ଶିକ୍ଷାବିଭାଗର କର୍ତ୍ତୃପକ୍ଷମାନଙ୍କର ବିଶେଷ ଦୃଷ୍ଟି ନ ଥିବା ଏକ କାରଣ ହୋଇପାରେ । ଅମ୍ଭେମାନେ ଆଶା କରୁଁ ଏଥିର କାରଣ ଅନୁସନ୍ଧାନ କରି ଆଗାମୀ ବର୍ଷରେ ଫଳ ଯେପରି ଉତ୍ତମ ହୁଏ ତହିଁପ୍ରତି ଦୃଷ୍ଟି କରିବେ ।

———

ସ୍ୱରୁଚି ଓ ସ୍ୱୀକାର ।

ଗତମାସ ତା ୨ ରଖର ସମ୍ବଲପୁରହିତୈଷିଣୀ ପତ୍ରିକାରେ କଟକର ଏକ ବେନାମୀ ସ୍ୱରୁଚି ଓ ସ୍ୱୀକାର ସମ୍ବନ୍ଧ ପ୍ରେରିତପତ୍ର ପ୍ରକାଶିତ ହୋଇଅଛି । ଏଠା କଲେକ୍ଟରୀ ସିରସ୍ତାଦାର ବାବୁ ଜଗନ୍ମୋହନ ଲାଲ ପେନସନ୍ ପେଇ କାର୍ଯ୍ୟରୁ ଅବସର ଗ୍ରହଣ କଲାରୁ ତାଙ୍କୁ ବିଦାୟ ଦେବା କାରଣ ଯେଉଁ ସଭାଇଶ ହୋଇଥିଲା ତହିଁରେ ପେନସନ୍ ପ୍ରାପ୍ତ ଡେପୋଟିମେଜେଷ୍ଟର ବାବୁ ଜଗନ୍ମୋହନ ସ୍ୱୟଂ ଉପସ୍ଥିତ ହେବା ସମୟରେ ବାଇ ନାଚଟା ବନ୍ଦ ହୋଇଥିବା ବିଷୟ ପାପିକାରେ ଲେଖା ନ ଥିବାର ଅବଗତ ହୋଇ ପତ୍ରପ୍ରେରକ ମହାଶୟ ଅମ୍ଭମାନଙ୍କ ପ୍ରତି ସାଧମତ ଗାଳି ବର୍ଷଣ କରିଅଛନ୍ତି ଏବଂ ପତ୍ରିକାର ସମ୍ପାଦକ ମହାଶୟ ମଧ୍ୟ ସେ ପତ୍ରିକୁ ଅପଣା ପତ୍ରିକାର ଏକ ପ୍ରଧାନ ସ୍ଥାନ ଅର୍ପଣ କରିଅଛନ୍ତି । ପତ୍ରର ଶେଷଭାଗରେ ବନ୍ଧନୀରେ ଯେ କେତେଗୁଡ଼ିଏ କଥା ଲେଖାଅଛି ତହିଁରୁ ପ୍ରକାଶ ଯେ ଲେଖକ ଯାହା ଲେଖିଅଛନ୍ତି ତାହା ସେ ସ୍ୱଚକ୍ଷୁ କରି ଜାଣନ୍ତି ମାତ୍ର ଜଗନ୍ମୋହନ ବାବୁଙ୍କଠାରୁ ଶୁଣି ଲେଖିଅଛନ୍ତି । କେଉଁ ଲେଖର ଉକ୍ତିରେ ପତ୍ରପ୍ରେରକ ଲେଖା ହୋଇଅଛି ସେପରି ଉକ୍ତିରେ ଲେଖିବା କାରଣ ଜଗନ୍ମୋହନ ବାବୁ କହି ଅଛନ୍ତି କି ନା ଅମ୍ଭେମାନେ ନ ଜାଣୁ । ତଥାପି ଅମ୍ଭେମାନେ ଏତିକି କହି ପାରୁଁ ଯେ ଲେଖକ ଯାହା ଲେଖିଅଛନ୍ତି ତାହା ସମସ୍ତ ସତ୍ୟ ନୁହଇ । ଜଗନ୍ମୋହନ ବାବୁ ଯେ ମିଥ୍ୟା ସମ୍ବାଦ ଲେଖକଙ୍କୁ ଦେଇଥିବେ ଏହା ଅମ୍ଭେମାନେ ତିଳମାତ୍ର ବିଶ୍ୱାସ କରିପାରୁ ନାହୁଁ । କାରଣ ପତ୍ରିକାର ସମ୍ପାଦକ ଯେ ଉକ୍ତ ମଜଲିସରେ ଉପସ୍ଥିତ ନ ଥିଲେ ଏହା ସମସ୍ତେ ଜାଣନ୍ତି । ସମ୍ପାଦକ ସେଠାରେ ଉପସ୍ଥିତ ଥିବା ବିଷୟ ଲେଖକଙ୍କୁ କିଏ କହିଲା ଏହା ଅମ୍ଭମାନଙ୍କର ଜାଣିବାକୁ ବାକି ରହିଲା । ଅଥବା ଲେଖକଙ୍କର ପାପିକାର ସମ୍ପାଦକ ପ୍ରତି ବିଶେଷ ରାଗ ଥିବାରୁ ମନଇଚ୍ଛା କେତେ ଗାଳି ଦେଇଅଛନ୍ତି । ଜଗନ୍ମୋହନ ବାବୁଙ୍କ ସମ୍ବନ୍ଧରେ ମଧ୍ୟ ଲେଖକ ସୁବିଗ୍ରହ କରି ନ ଥିବାର ଜଣା ଯାଇଅଛି । କାରଣ ଲେଖକ ଲେଖିଅଛନ୍ତି ଯେ ନିମନ୍ତ୍ରଣପତ୍ରରେ ନୃତ୍ୟଗୀତାଦିର କଥା ଉଲ୍ଲେଖ ହୋଇଥିବାରୁ ବାଇ ନାଚର କଥା "ସ୍ୱଭାବତଃ" ଜଗନ୍ମୋହନ ବାବୁଙ୍କ ମନରେ ଉଦିତ ହେଲା । ଅମ୍ଭେମାନେ ଯେତେଦୂର ଜାଣୁଁ ଜଗନ୍ମୋହନ ବାବୁଙ୍କ ସ୍ୱଭାବ ଏତେ ମନ୍ଦ ନୁହେଁ ଯେ ନୃତ୍ୟଗୀତାଦିର କଥା ହେଲେ ବାଇନାଚ ସ୍ମୃତି ଅନ୍ୟ କିଛି ତାଙ୍କ ମନରେ ଉଦିତ ହେବ ନାହିଁ । ଅମ୍ଭେମାନେ ଜଗନ୍ମୋହନ ବାବୁଙ୍କୁ ବାଇନାଚର ନିତାନ୍ତ ବିରୋଧୀ ବୋଲି କହି ନ ପାରୁଁ । ତାହା ହୋଇଥିଲେ ସେ କଦାପି ଉକ୍ତ ମଜଲିସରେ ବାଇମାନେ ବିଦ୍ୟମାନ ଥିବା ସ୍ଥଳେ ବସି ନ ଥାନ୍ତେ । ସେତ ଏକେ ବୃଦ୍ଧ ଏବଂ ପୀଡ଼ିତ ମଧ୍ୟମ ଜଲସ ଅବରେ ଉପସ୍ଥିତ ହେବାପ୍ରତି ତାଙ୍କର କେତେ ଶ୍ରଦ୍ଧା ନ ଥାଏ । ଏପରିସ୍ଥଳେ ତାଙ୍କର ଇଚ୍ଛା କମ୍ବୁଦରେ ଅଥବା ମତବିରୋଧୀ କୌଣସି କାର୍ଯ୍ୟ ଦେଉଥିଲେ ସେତ ସେଠାକୁ ଆଦୌ ଯାଇ ନ ଥାନ୍ତେ ଦମ୍ପାଦ୍ରୁମନ୍ତେ ଯାଇଥିଲେ "ଚମତ୍କାର" ଫେରି ଆସିଥାନ୍ତେ । ବାଇନାଚ ଦେଖିବା ଯଦି ଗର୍ହିତ କାର୍ଯ୍ୟ ହୁଏ ତାଙ୍କ ସହିତ ଏବଂ ତାଙ୍କୁ ସମ୍ମୁଖୀନ ହୋଇ ଏକ ମଜଲିସରେ ଅନତିଦୂରରେ ବସିବା ମଧ୍ୟ ଗର୍ହିତ କାର୍ଯ୍ୟ ଅଟେ । ଯେବେ ଜଗନ୍ମୋହନ ବାବୁଙ୍କ ମତ ଯେଉଁ ଲେଖକ ସମ୍ପ୍ରଦାୟ କଥା ଲେଖିଥାନ୍ତି କେବେ ସେଥି ସକାଶେ ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ । ବାହାର ରୁପ୍ରକାଶକ ପ୍ରତି ଲକ୍ଷ୍ୟ କରି ସାଧାରଣ ପ୍ରସଙ୍ଗର ସମାଲୋଚନା କରିବା ଅଭିଜ୍ଞାନୁଯାୟୀ ଦଣ୍ଡନୀୟ ହେଲେହେଁ ଅମ୍ଭେମାନେ ଲେଖକଙ୍କର ପ୍ରଗଳ୍ଭତା ଉପେକ୍ଷା କରିବାକୁ ତିଳମାତ୍ର କୁଣ୍ଠିତ ନୋହୁଁ । ବାଇନାଚ ଅମ୍ଭମାନଙ୍କର ଚିରନ୍ତନ ପ୍ରଚଳିତ ପ୍ରଥା ଏବଂ ସେ ପ୍ରଥା ଚିରକାଳ ବିଦ୍ୟମାନ ଥାଇ ମୁଦ୍ରା ଅମ୍ଭମାନଙ୍କ ଦେଶରେ ସୁନୀତିପରାୟଣ ଲୋକମାନଙ୍କର ଅବୋଧିଅଭିପ୍ରାୟ ନାହିଁ ଏବଂ ଧର୍ମଶାସ୍ତ୍ର ଅନୁମୋଦିତ ବା ଧର୍ମବର୍ଜ୍ଜିତ ସେଥି ସକାଶେ ଉକ୍ତ

Digitized by srujanika@gmail.com

Split by PDF Splitter



ହୋଇ ନାହିଁ । ଅଜକାଲିର ଅଳ୍ପ ଶିକ୍ଷିତ ଅପରିଣାମଦର୍ଶୀ ସ୍ୱାଭ ଓ ସ୍ୱରୂଚର ଅବାହ୍ଲର ଧ୍ୱଂଜାଧାସ୍ର ମାଇ ଏବଂ ଲୁଚର ଅର୍ଥ ବୁଝି ନ ପାରି ନାନା କଥା କହୁ ଥାଉନ୍ତି ମାତ୍ର ଅମ୍ଭେମାନେ ତରଭାଳ ମଜଲିସରେ ବାଦ୍ଭାତ ହେଉଥିବାର ଦେଖି ଅସି ଯେଘର ତାହା ଅନୁମୋଦନ କରୁଅଛୁଁ ସେହିପର କରୁଥିବୁଁ । ସେଥିରେ କାହାର ମାଇ ବଗିଡ଼ିବାର ଅଦୌ ଭୟ ନାହିଁ । ଯେଉଁ ଲୋକର ମନ ତାହାକୁ ଦୂଷଇ ସେ କେବଳ ମନଭଥାଁ/ଙ୍ଗା କରନ । ଫଳତଃ ଜଗନ୍ନୋବନ ବାବୁ ମଜଲିସକୁ ଯିବା ସମୟରେ ବାଦ୍ଭାତ ବନ ହେବା ଜଣାଣ୍ଟା ଭେଡ଼େ ସୁରୁଚର ନ ଥିବାରୁ ଅମ୍ଭମାନଙ୍କର ପ୍ରବନ୍ଧ ଲେଖକ ତାହାକୁ ଉପେକ୍ଷା କରିଅଛନ୍ତି ଏବଂ ତାହା ସମୁଚିତ ହୋଇଅଛି ।

### ପ୍ରକାଣ୍ଡ ଠକ ।

ଅମ୍ଭମାନଙ୍କର ଯାଜପୁରସମ୍ବାଦଦାତା ଲେଖିଅଛନ୍ତି ମୟୂରଭଞ୍ଜର ମହାରାଜା ଯାଜପୁରକୁ ତୀର୍ଥ କରିବା ନିମନ୍ତେ ଆସିଥିବାବେଳେ କ ନାଗ, ଘୋଡ଼ା ସହିତ ମହା ସମାରୋହରେ ଗଲତ ଜାନୁଆରୀମାସ ତା ୨୨ ରଖେ ପହୁଞ୍ଚିବାର କହି ଏକଜଣ ଯୁବକ ଆପଣାକୁ ମହାରାଜାଙ୍କର ଦେୱାନ ବୋଲି ପରିଚୟ ଦେଇ ଏଠାକାର ଦୋକାନୀମାନଙ୍କଠାରେ ଏହିପରି ସ୍ପଷ୍ଟ କଲା ଯେ ମହାରାଜା ବଳ ବଳସହିତ ବର୍ତ୍ତମାନ କପିଲାସ ପାହାଡରେ ଶିକାର କରୁଅଛନ୍ତି ଅମ୍ଭେ ତାଙ୍କର ଅନୁଚରବର୍ଗଙ୍କର ରସଦ ଓ ମହାରାଜାଙ୍କର ରହିବା ନିମନ୍ତେ ଉତ୍ତମ କୋଠା ଦେଖି ସ୍ଥିର କରିବାକୁ ଆସିଅଛୁଁ ମଧ୍ୟ ବର୍ତ୍ତମାନ ଅବଶ୍ୟକୀୟ ଖର୍ଚ୍ଚ ନିମନ୍ତେ ଟଙ୍କା ଦେବା କାରଣ ଏଠାକାର ଡେପୁଟି ସବଡିଭିଜନ ମାଜିଷ୍ଟ୍ରେଟଙ୍କଠାରୁ ମହାରାଜା ପତ୍ରଦ୍ୱାରା ବରାତ ଦେଇଅଛନ୍ତି ଅମ୍ଭେ ସବଡିଭିଜନ ମାଜିଷ୍ଟ୍ରେଟଙ୍କ ସହିତ ସାକ୍ଷାତ କରିବାରେ ସେ ସମସ୍ତ ବିଷୟର ଭାର ଗ୍ରହଣକର ଅମୂଲ୍ୟ ସାହାଯ୍ୟ କରିବେ, କାରଣ ପୁଲିସକୁ ଆଦେଶ ଦେଇଅଛନ୍ତି ଏଣେ ମଧ୍ୟ ପୁଲିସଇନ୍ସପେକ୍ଟରଙ୍କୁ ଯାଇ ଏକଜଣ ହେଡ଼କନେଷ୍ଟବଲ ସହିତ ଦେଖାକର ସାହାଯ୍ୟ ଚାହିଁବା ଓ ମହାରାଜ ଏଠାରେ ପହୁଞ୍ଚିଲେ ତାଙ୍କଠାରେ କହି ହେଡ଼କନେଷ୍ଟବଲଙ୍କୁ ପ୍ରଚୁର ପରିମାଣରେ ପୁରସ୍କାର ଦେବାର ପ୍ରଲୋଭନ ଦେଖାଇ ସେ ସବଡିଭିଜନ ମାଜିଷ୍ଟ୍ରେଟଙ୍କ କୋଠୀକୁ ଯାଇଥିବା ଓ ମହାରାଜାଙ୍କର ତାଙ୍କଠାରୁ ସାହାଯ୍ୟଅର୍ଥ କରିବା କାରଣ ପତ୍ର ଅସିଥିବାର କହି ହେଡ଼କନେଷ୍ଟବଲଇ ବିଶ୍ୱାସ ଜନ୍ମାଇବାରୁ ସେ ପୁରସ୍କାର ପାଇବା ଲୋଭରେ ତାହାସହିତ ବଜାରକୁ ଯାଇ ସମସ୍ତ ଦୋକାନୀମାନଙ୍କୁ ପୂର୍ବୋକ୍ତ ହାଲ କହି ଦେୱାନ ଯେଉଁ ଦୋକାନରୁ ଯାହା ନେବାକୁ ଚାହିଁବେ ତାଙ୍କୁ ଦେବା ନିମନ୍ତେ କହି ଅସିବାରୁ ଦୋକାନୀମାନଙ୍କର ଦୃଢ଼ବିଶ୍ୱାସ ହେଲା । ତହୁଁ ସମସ୍ତ ଶ୍ରେଣୀର ଦୋକାନୀମାନେ ମହାରାଜାଙ୍କର ଆବଶ୍ୟକୀୟ ରସଦଆଦ ଯୋଗାଇ ଅଭ୍ୟର୍ଥନା କରିବା ଆଶାରେ ଦେୱାନଙ୍କର ମନ ରକ୍ଷା କରିବା ନିମନ୍ତେ ତତ୍ପର ହେଲେ ଏବଂ ଧନୁବନ୍ତନାମକ ଏକ ଲୁଗାଦୋକାନୀ ଦେୱାନଙ୍କୁ ଆପଣା ଦୋକାନରେ ରହିବାର ସ୍ଥାନ ଦେଇ ତତ୍ପର ଖାତିର କରିବାକୁ ଲାଗିଲେ ଦେୱାନବାବୁ ମହାରାଜାଙ୍କର ରହିବା ନିମନ୍ତେ ଯାଜପୁରସ୍ଥିତ ଶ୍ରୀଯୁକ୍ତ ବାବୁ ବ୍ରଜକିଶୋରଙ୍କର ଦୋକାନ କୋଠାକୁ ଉଚ୍ଚ ମୂଲ୍ୟରେ ଭଡ଼ା କର ଉକ୍ତ କୋଠାର ଦେଉଁଳରେ ପାଲ୍ଲ ଲୁଗା ମଡ଼ାଇକାର ନଗର ନଭ ଦେଇ ଅସିଲେ ଏବଂ ବଜାରର ସମସ୍ତ ଦୋକାନୀମାନଙ୍କୁ ସରୁ ଓ ମୋଟା ଚାଉଳ ଡାଲି ଗୋଲଆଳୁ ପିଆଜ ମସୁରୀ ଦାନା ଘୋଡ଼ାର ଦାନା ଅଦ ପ୍ରାୟ ଟ ୫୦୦୯ କାର ଉର୍ଦ୍ଧ୍ୱ ଅହାର୍ଯ୍ୟ ଦ୍ରବ୍ୟ ଓ ଟ ୨୦୦୦୯ କାର ଉର୍ଦ୍ଧ୍ୱ ଲୁଗାଦ ତାଲିକା ଦେବାରୁ ଦୋକାନୀମାନେ ଆପଣା୨ ଦୋକାନରେ ଉପଯୁକ୍ତ ପରିମାଣରେ ଜିନିଷ ଅମଦାନୀ କରିବା ନିମନ୍ତେ କଟକ ଓ କଲିକତାକୁ ଅର୍ଡ଼ର ଟେଲିଗ୍ରାମ ପଠାଇ ଦେଲେ । ବୈଦେହିଜଣ ବେକାର ଲୋକ ଦରୱାନ ଜମାଦାର ଓ ବରକନ୍ଦାଜ ସ୍ୱରୂପରେ ନୋକରି ହେବା ନିମନ୍ତେ ଦେୱାନଙ୍କ ଅନୁସରଣରେ ରହି ହୁକୁମ ତାମିଲ କରିବାକୁ ଲାଗିଲେ ଦେୱାନ ଅବଶ୍ୟକୀୟ ଖର୍ଚ୍ଚ ନିମନ୍ତେ ଦୋକାନୀମାନଙ୍କୁ ଆଦେଶ ଦେବା ମାତ୍ର କେହି ଟ ୧୯ କା ଓ କେହି ଟ ୨୯ ମୁଦ୍ରା ଦେବାକୁ ଲାଗିଲେ ସେ ଉକ୍ତ ଟଙ୍କା ନେଇ ବେଶ୍ୟାଳୟରେ ଆମୋଦ ପ୍ରମୋଦ କରିବାକୁ ଲାଗିଲେ । ସେ ପ୍ରଥମରେ ଲୁଗାଦୋକାନୀମାନଙ୍କ ଦୋକାନରୁ ସବୁ ରକମର ପଇସା ଲୁଗା ଆଣିକାଁଶ ବାଛି ରଖିଲେ ଓ ମହାରାଜାଙ୍କର ଜନ୍ମଭୂମି । ଜାନୁଆରୀ ମାସ ତା ୨୦ ରଖରେ ନେବ ବୋଲି ତାଙ୍କଠାରୁ ଟ ୧୦୦୯ କାର ଲୁଗା ପଠାଇବା ନିମନ୍ତେ କଥା ଅସିଥିବାରୁ ସେ ସେଠାକୁ ଲୁଗା ପଠାଇ ଦେଇ ପରେ ସବଡିଭିଜନ ମାଜିଷ୍ଟ୍ରେଟଙ୍କଠାରୁ ଟଙ୍କା ଅଣି ଦେବାକୁ କହିଲେ ମାତ୍ର ତାଙ୍କର କଥାରେ ଲୋକମାନଙ୍କର କ୍ରମଶଃ ସନ୍ଦେହ ହେବାରୁ ଧନୁବନ୍ତ ଦୋକାନୀ ଅଗ୍ରେ ଟଙ୍କା ନ ପାଇଲେ କମ୍ପା ସବଡିଭିଜନ ମାଜିଷ୍ଟ୍ରେଟ ତାକୁ ଲୁଗା ଦେବା ନିମନ୍ତେ ଆଦେଶ ନ ଦେଲେ ସେ ଲୁଗା ପଠିବ ନାହିଁ ବୋଲି କହିବାରେ ଦେୱାନ ଏକଥା ପୂର୍ବେ ସବଡିଭିଜନ ମାଜିଷ୍ଟ୍ରେଟଙ୍କ କୋଠୀକୁ ଯାଇଥିବା ଓ ସବଡିଭିଜନ ମାଜିଷ୍ଟ୍ରେଟ ଆସନ୍ତା କାଲି କଚେରୀବେଳେ ଟଙ୍କା ଦେବାକୁ କହିଥିବାର ବୋଲିବାରୁ ସେଠାରେ ସବଡିଭିଜନ ମାଜିଷ୍ଟ୍ରେଟଙ୍କର ଅର୍ଦ୍ଦଳୀ ତପସ୍ୱୀ ଓ କୋର୍ଟ ହେଡ଼ କନେଷ୍ଟବଲମାନେ ଥିବା ସେମାନେ ଦେୱାନଙ୍କ ଡେପୋଟୀ ବାବୁଙ୍କ କୋଠୀକୁ ଯାଇ ନ ଥିବାର କହିବାରେ ସମସ୍ତଙ୍କର ମନରେ ଅଧିକ ସନ୍ଦେହ ଜାତ ହେଲ ତହୁଁ କୋର୍ଟ ହେଡ଼ କନେଷ୍ଟବଲପ୍ରଭୃତ ଦେୱାନଙ୍କୁ ଡେପୋଟୀ ବାବୁଙ୍କ କୋଠୀକୁ ନେଇ ଅସି ପୂର୍ବୋକ୍ତ ସମସ୍ତ ହାଲ କହିବାରେ ଯେ ବାବୁ ଏ ବିଷୟ କିଛି ଜାଣୁ ନ ଥିବା ବା ମହାରାଜାଙ୍କର କୌଣସି ପତ୍ରାଦି ତାଙ୍କଠାକୁ ଅସି ନ ଥିବା ବ ଉପସ୍ଥିତ ଦେୱାନ ତାଙ୍କ ସହିତ ଦେଖା କର ନ ଥିବାର କହି ଉକ୍ତ ଦେୱାନଙ୍କୁ ସେ ରାତ୍ରରେ ପୁଲିଶ ଗାରଦରେ ହେପାଜତରେ ରଖାଇବାର ଆଦେଶ ଦେଲେ ଏବଂ ଏ ବିଷୟ ପୁଲିସଦ୍ୱାରା ତଦାରଖ ହେବାରେ ସେ ଏକଜଣ ଜୁଆଚ୍ଚୋର ଥିବାର ପ୍ରକାଶ ହେବାରୁ ବର୍ତ୍ତମାନ ତାହା ନାମରେ ଫୌଜଦାରୀ କାର୍ଯ୍ୟବିଧି ଅଇନର ଦ ୧୦୯ ଦ୍ଧା ଓ ଦଣ୍ଡବିଧି ଅଇନର ଦ ୪୧୭ ଦ୍ଧା ଅନୁସାରେ ମକଦମା ଦାୟର ହୋଇ ମକଦମା ବିଚାରାଧୀନ ଓ ଦେୱାନ ସାହେବ ହାଜତରେ ଅଛନ୍ତି । ଯେଉଁଲୋକ ସହର ମଧ୍ୟରେ ଏତେଲୋକଙ୍କ ଅକ୍ଷିରେ ଧୂଳି ଦେଇ ଠକାଇବାର ଚେଷ୍ଟା କରିଥିଲା ତାହାର ସାହସକୁ ଧନ୍ୟ ।

## ସାପ୍ତାହିକ ସମ୍ବାଦ ।

କଟକ କଲେକ୍ଟର ଶ୍ରୀ ଯୁକ୍ତ ମି, ବଙ୍କ୍‌ସ ବେଲ୍ୟପଦାଭିଷେକପତ୍ରଗ୍ରହଣାର୍ଥେ ପଲ୍ଲବ ବଦଃଗଲେ ।

Digitized by srujanika@gmail.com

ଗତତ ନୂତନ ବର୍ଷ ଦିନ ଅସ୍ମାନଙ୍କ ମେଜେଷ୍ଟ୍ରେଟ ମହୋଦୟଙ୍କ କୋଠିରେ ଏକ ବୃହତ୍ ଭୋଜ ହୋଇଥିଲା ।

ବାମଣ୍ଡା ସନଲମ୍ବୁରକ୍ଷ୍ଟ୍ରେଶିଣୀର ଜେନେରଲ ବାବୁ ଶ୍ରୀ ଗଣମଣି ବିଦ୍ୟାରତ୍ନ ମହାଶୟ ଦେଇଥିବା ୫ ୫୧ ଟଙ୍କା ବିଦାୟ ପରୀକ୍ଷୋତ୍ତୀର୍ଣ୍ଣ ସକଳ ଛାତ୍ରମାନଙ୍କ ଉତ୍ସାହବୃଦ୍ଧିରେ ବଣ୍ଟନ ଥିବାରୁ ଛାତ୍ରମାନଙ୍କ ତରଫରୁ ବଣ୍ଟାଯାଇଅଛି । ଏ ମହାଶୟଙ୍କ ଏ ସଦନୁଷ୍ଠାନକୁ ଶତ ଶତ ଧନ୍ୟବାଦ ଦେଉଅଛୁଁ ।

କଟକ ଟ୍ରେନିଂ ସ୍କୁଲର ପରୀକ୍ଷା କାର୍ଯ୍ୟ ସ୍କୁଲ ଇନସ୍ପେକ୍ଟର ବାବୁ ଶ୍ରୀ ଜଗନ୍ନାଥ ଦାସ ମହାଶୟ ଓ ସର୍କଲ ପଣ୍ଡିତ ମାନଙ୍କଦ୍ୱାରା ଶେଷ ହୋଇଅଛି ।

ଉପରବର୍ତ୍ତ କଟକ ମାଇନର ସ୍କୁଲ ପରୀକ୍ଷାର ଫଳ ଅନୁକ୍ରମ ହୋଇଅଛି । କେହି ଛାତ୍ର ଫେଲ ହୋଇ ନାହାନ୍ତି ଏ ବଡ଼ ଆନନ୍ଦର ବିଷୟ ଅଟଇ । ହେଡ଼ ମାଷ୍ଟର ବାବୁ ଶ୍ରୀ ଅକ୍ଷୟଚନ୍ଦ୍ର ଦାସ ମହାଶୟ ଅଧିକ ଯତ୍ନରୁ ସ୍କୁଲ ଦିନେ ଉନ୍ନତ ହେଉଅଛି । ଏ ସ୍କୁଲରୁ ଏବେ କଟକରେ ଗଣ୍ଡ ଏକ ୨ୟ ଶିକ୍ଷକ ଗଙ୍ଗାଧରଚରଣ ମହାପାତ୍ର ଅସିଅଛନ୍ତି । ଅତଏବ ଉପଯୁକ୍ତ ୨ୟ ଶିକ୍ଷକ ଆଉ ନ ଥିଲେ । ମୁକ୍ତକଣ୍ଠରେ ଶତ ଧନ୍ୟବାଦ ଦେଉଅଛୁଁ ।

ଗତ ମାଘମାସ ସ୍କୁଲ ତଳରେ ଅସ୍ମାନଙ୍କ ମାଇନରସ୍କୁଲ ଇତ୍ୟାଦି ଖୋଲ ସତ୍ତ୍ୱ ଏବଂ ତାହାର ବଦ୍ୟାଳୟର ଛାତ୍ରମାନଙ୍କ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ତାହା ଉଦ୍ଦେଶରେ ହୋଇଥିଲା । ପରନ୍ତୁ ସ୍କୁଲ ଗୃହ ତାହା ସୁସଜ୍ଜିତ କରାଯାଇଥିଲା ଏପରି ସୁସଜ୍ଜିତ ଥିଲା ଯେ ଦର୍ଶକମଣ୍ଡଳୀ ମୁଗ୍ଧ ହୋଇ ଯାଇଥିଲେ । ଅସ୍ମାନଙ୍କର ନାବାଳକ ମହାରାଜ ଶ୍ରୀ ଶ୍ରୀ ପ୍ରତାପଦେବ ଓ ନାଜିର ବାହାଦୁର ମହାପାତ୍ର ବାବୁ ଶ୍ରୀ ବଳମାଳି ସିଂହ ଓ ମେଜେଷ୍ଟ୍ରେଟ ବାବୁ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି ମହାଶୟ ଏବଂ ଅନ୍ୟାନ୍ୟ ଭଦ୍ରଲୋକମାନେ ଉପସ୍ଥିତ ଥିଲେ । ସଭାପତିର ଆସନ ମହାଜନ ମହାଶୟ ଅଧିକାର କରିଥିଲେ । ଶିକ୍ଷକ ମହାଶୟମାନେ ବାର୍ଷିକ ବିବରଣୀମାନ ପାଠ କରୁଥିବାକୁ ପରେ ଓ ଛାତ୍ରମାନଙ୍କ କଣ୍ଠ ନିନାଦିତ ଇଂରେଜୀ ଗଦ୍ୟ ଓ ପଦ୍ୟ ସଂସ୍କୃତ ଶ୍ଳୋକ ଓ ଓଡ଼ିଆ ଗୀତମାନ ଶ୍ରବଣ କରି ସଭ୍ୟବୃନ୍ଦମାନେ ମୋହିତ ହୋଇ ଗଲେ । ପୁରସ୍କାର ବଣ୍ଟନ ପରେ ମେଜେଷ୍ଟ୍ରେଟ ମହୋଦୟ ଓ ସଭାପତି ମହୋଦୟ ଛାତ୍ରମାନଙ୍କ ଉଦ୍ଦେଶରେ ସମୁଚିତ ବକ୍ତୃତା କରି ସମସ୍ତଙ୍କୁ ଅପ୍ୟାୟିତ କରିଥିଲେ । କୁଶୀ ଶୁଭଙ୍କର ପ୍ରତାପ ବାଳ ! ଓ ତତ୍ପରେ ସଭା ଭଙ୍ଗ ହେଲା ।

ଅସ୍ମାନଙ୍କର ମାହାଗଣ୍ଡା ସତୀ ମହୋଦୟା ମାଇନର ସ୍କୁଲ ଗୃହ, ଇତ୍ୟାଦି ଖୋଲ ସ୍ଥଳ ଏବଂ ତାହାର ବଦ୍ୟାଳୟର ଛାତ୍ରୀମାନଙ୍କ କାରଣ ବାର୍ଷିକ ଦଶ ମହଜଙ୍ଗଣାରୁ କବୋଏ ବୃହତ୍ ନିଷ୍କର ଭୂମି ପ୍ରଦାନ କରିଥିଲେ ସେମାନେ ତାଙ୍କୁ ଶତ ଶତ ଧନ୍ୟବାଦ ଓ ଜୟଗୋଲ ଦେଇ ସ୍ଥାନ ପରିତ୍ୟାଗ କରିଲେ । ଦୟାଶୀଳ ମହୋଦୟାଙ୍କ ଦୀର୍ଘ ମଙ୍ଗଳ କରନ୍ତୁ । ଏହିପରି ନାଥ ଅନେକ ଦାନ କରୁଅଛନ୍ତି ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହୋଦୟ ଛାମୁ ଉଦାର ଚରଣେଷୁ ।

ମହାଶୟ !

ନିମ୍ନଲିଖିତ ପଂକ୍ତି ମାନଙ୍କୁ ଅପଣଙ୍କ ପତ୍ରି-କାସ୍ଥ କରି ଅନୁଗୃହୀତ କରିବା ହେବେ ।

ଏହା ପୂର୍ବେ ଏପରି ଗୋଟିଏ ଜନରବ ଉଠିଥିଲା ଯେ, କଟକ ସର୍ଭେସ୍କୁଲ ଶୀଘ୍ର ଉଠିଯିବ । ମାତ୍ର କାହିଁକି ଏବଂ କେଉଁଠାରୁ ଯେ ଏପରି ଅମୂଳକ ଜନରବ ଉଦ୍ଭବ ହୋଇଥିଲା, ତାହାର ମୂଳଭିତ୍ତି ଦେଖାଯାଏ ନାହିଁ । କେବଳ ନହିଁରେ ବଙ୍ଗଳା ଗବର୍ଣ୍ଣମେଣ୍ଟ ବଙ୍ଗ ବେହାର ଓ ଓଡ଼ିଶାର ସର୍ଭେସ୍କୁଲ ସମୂହ ଦ୍ୱାରା ଦେଶର ଓ ଗବର୍ଣ୍ଣମେଣ୍ଟଙ୍କ କେଉଁ ଉପକାର ସାଧିତ ହେଉଅଛି ଏ ସମ୍ବନ୍ଧରେ ତଦନ୍ତ କରି ତାହା ଜଣାଇବା ନିମନ୍ତେ ସ୍କୁଲ ସମୂହର ଡାଇରେକ୍ଟର ମହୋଦୟଙ୍କ ପାଖୁ ଏକ ଆଦେଶ ଲିପି ପ୍ରେରଣ କରିଥିଲେ । ଗବର୍ଣ୍ଣମେଣ୍ଟଙ୍କର ଉକ୍ତ ଅଭିପ୍ରାୟାନୁସାରେ ଉକ୍ତ ବିଷୟ ତଦନ୍ତ କରିବା ନିମନ୍ତେ ମଦ୍‌ ମହମାନ୍ୟ ଡାଇରେକ୍ଟର ମହୋଦୟଙ୍କ ଠାରୁ ଏଠାକୁ ଖଣ୍ଡିଏ ପତ୍ର ଆସିଥିଲା । ବୋଧ ହୁଏ ଏହି ସୂତ୍ରେ ଉପର ଲିଖିତ ଜନରବର ସୃଷ୍ଟି ହୋଇଥିବ । ଏ ସମ୍ବନ୍ଧରେ ସ୍ଥାନୀୟ ତଦନ୍ତ ଦ୍ୱାରା ମାନନୀୟ ଡାଇରେକ୍ଟର ମହୋଦୟ ବିଶେଷ ପରୀକ୍ଷଣଦ୍ୱାରା ସନ୍ତୁଷ୍ଟ ଗବର୍ଣ୍ଣମେଣ୍ଟଙ୍କୁ ଯେଉଁ ରିପୋର୍ଟ ପ୍ରେରଣ କରିଥିଲେ, ସେଥିରେ ସେ ଅସ୍ମାନଙ୍କର ଏହି ବିଦ୍ୟାଳୟର ଉପକାରିତା ସ୍ୱୀକାର କରିଅଛନ୍ତି । ଉକ୍ତ ରିପୋର୍ଟ ପାଠ କରି ଗବର୍ଣ୍ଣମେଣ୍ଟ ସର୍ଭେସ୍କୁଲ ସମୂହ ଦ୍ୱାରା ଦେଶର ଓ ଗବର୍ଣ୍ଣମେଣ୍ଟଙ୍କର ବହୁ ଉପକାର ସାଧିତ ହେଉଥିବା ସମ୍ବାଦ ଅବଗତ ହୋଇ ଅନୁଗ୍ରହ ପୂର୍ବକ ସମ୍ମତି ଏବଂ ମନ୍ତବ୍ୟ ପ୍ରେରଣ କରି ଅଛନ୍ତି । ଉକ୍ତ ମନ୍ତବ୍ୟ ପାଠକରି ଜଣାଯାଉ ଅଛି ଯେ ସର୍ଭେସ୍କୁଲ ଉଠାଇ ଦେବାର କଥା ଦୂରେଥାଉ ବରଂ ଯତ୍ନରେ ଉକ୍ତ ସ୍କୁଲର କାର୍ଯ୍ୟକାରିତା ଉତ୍ତରୋତ୍ତର ବୃଦ୍ଧି ପ୍ରାପ୍ତ ହେବ ଏବଂ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନେ ନାନାବିଭାଗରେ ଯଥାସମ୍ଭବ କାର୍ଯ୍ୟ ପ୍ରାପ୍ତ ହେବେ ଏଣିକି ସେ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ସ୍ୱୟଂ ଚେଷ୍ଟିତ ହେବେବୋଲି ଆଶା ପ୍ରଦାନ କରି ଅଛନ୍ତି । ମାତ୍ର ଏହି ସ୍କୁଲର ଉତ୍ତୀର୍ଣ୍ଣ ଛାତ୍ରମାନେ ପ୍ରାପ୍ତ ହେଉ ନ ଥିବା ନାହାନ୍ତି । ସେମାନେ ଏହି ଜିଲ୍ଲାର ନାନା ଛାନ ବିଭାଗ ଅର୍ଥାତ୍ ଓଭରସିଅର, ସବ୍ ଓଭରସିଅର, ଡ୍ରାଫ୍‌ଟ୍‌ସମ୍ୟାନ ସଇନ୍‌ଜୋଟ ଅମୀନ ପ୍ରଭୃତି ହୋଇ ସୁଖରେ କାଳଯାପନ ଓ ସାଧାରଣରେ ସମ୍ମାନଭାଜନ ହୋଇ ଅଛନ୍ତି । ଭିନ୍ନ ଅନୁଚ ଅନେକ ଡିଷ୍ଟ୍ରିକ୍ଟବୋର୍ଡ, ଲୋକେଲ ବୋର୍ଡ ଏବ ରାଜା ମହାରାଜାମାନଙ୍କ ଅଧୀନରେ କାର୍ଯ୍ୟ କରି ଓଡ଼ିଶାର ଏବଂ ଅନ୍ୟତ୍ର ଅଧିକ ମେ:ଡ ଭଳ କରୁ ଅଛନ୍ତି, ମାତ୍ର କେହି ଦେଶୀୟ ଅମିନ୍ଙ୍କ କାର୍ଯ୍ୟ କରିବା ପାଇଁ ମନ ବଳାଉ ନାହାନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ଇଚ୍ଛା କରନ୍ତି ଯେ ଏଣିକି ଉକ୍ତ ସ୍ଥାନ ଉକ୍ତଶିକ୍ଷିତ ଛାତ୍ରମାନଙ୍କ କାମ୍ୟରେ ଅଛନ୍ତି ଏବଂ ଛାତ୍ର ଏପରି ଭାବରେ ଶିକ୍ଷା ପ୍ରାପ୍ତ ହେଉନ୍ତୁ ଯେ, ସେମାନେ ଆବଶ୍ୟକ ଗବର୍ଣ୍ଣମେଣ୍ଟଙ୍କ ବନ୍ଦୋବସ୍ତ ବିଭାଗରେ ଅମିନୀ କାର୍ଯ୍ୟ କରି ପାରିବେ । ପୂର୍ବେ କହୁଅଛୁଁ ଉକ୍ତ ଶିକ୍ଷିତ ଛାତ୍ରମାନେ ନାନାବିଧ କାର୍ଯ୍ୟରେ ନିଯୁକ୍ତ ହୋଇ ସୁଖରେ କାଳଯାପନ କରୁ ଅଛନ୍ତି, ମାତ୍ର ଗବର୍ଣ୍ଣମେଣ୍ଟ ଏଣିକି ନୂତନ କାର୍ଯ୍ୟପାଇଁ ନଖ ଅଉ ଗୋଟିଏ ପଥ ଫିଟାଇ ସାଧାରଣର ବିଶେଷତଃ ଓଡ଼ିଆବାସିଙ୍କର ବିଶେଷ ଉପକାର ସାଧନରେ ପ୍ରବୃତ୍ତ ହୋଇ ଅଛନ୍ତି । ଯେଉଁ ବାଳକମାନଙ୍କର ଅଭିଭାବକମାନେ ଇହ ପୂର୍ବେ ଏ ସ୍କୁଲଟି ଉଠିଯିବବୋଲି ସନ୍ଦିଗ୍ଧମନରେ ପିଲମାନଙ୍କୁ ଏ ସ୍କୁଲକୁ ନ ପଠାଇ ଅନ୍ୟତ୍ର ପଠାଇବାର ଚେଷ୍ଟା କରୁଥିଲେ ସେମାନଙ୍କ ପକ୍ଷେ ଏହା ଅଳ୍ପ ସୁଖ ସମ୍ବାଦ ନୁହେ । ଅମ୍ଭ-ମାନଙ୍କ ମତ ଯେ ଉକ୍ତ ବର୍ଷ ଛାତ୍ରମାନଙ୍କ ଯେପରି ଏହି ସ୍କୁଲରେ ଉପସ୍ଥିତ ହୋଇ ଶିକ୍ଷା ପ୍ରାପ୍ତ ହୁଅନ୍ତୁ ତଦ୍‌ବିଷୟରେ ପ୍ରତ୍ୟେକ ଓଡ଼ିଶା ବାସିଙ୍କର ଯତ୍ନ କରିବାର ଆବଶ୍ୟକ ।

ହେ ଉତ୍କଳ ବାସିଗଣ ଦେଖ ! ଏଥିଦ୍ୱାରା ଅମ୍ଭମାନଙ୍କର କେତେ ସୁବିଧା ହୋଇଅଛି । ବର୍ତ୍ତମାନ ଛାତ୍ରବୃତ୍ତି କିମ୍ବା ମାଇନର ପାସ୍ କରି ଦୁଇବର୍ଷ ମାତ୍ର କୌଣସି ଟେକ୍‌ନିକ ସ୍କୁଲରେ ଅଧ୍ୟୟନ କଲେ ଜୀବିକା ନିର୍ବାହୋପଯୋଗୀ କୌଣସି ସରକାରୀ କିମ୍ବା ବେସରକାରୀ କାର୍ଯ୍ୟ ପାଇବାର ସମ୍ଭାବନା ନାହିଁ । କିନ୍ତୁ ଉକ୍ତ ଦୁଇ ବର୍ଷକାଳ ସର୍ଭେସ୍କୁଲରେ ପଢ଼ି ଉତ୍ତୀର୍ଣ୍ଣ ହେଲେ ଜୀବିକା ନିର୍ବାହର କୌଣସି ନା କୌଣସି ଅବଲମ୍ବନ ନିଶ୍ଚୟ ହୋଇଥାଏ । ଅମ୍ଭେମାନେ ଦେଖୁଅଛୁଁ ଯେ ପ୍ରତିବର୍ଷ ସର୍ଭେସ୍କୁଲରୁ ଉତ୍ତୀର୍ଣ୍ଣ ଛାତ୍ରମାନେ କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି ଓ ହେଉ ଅଛନ୍ତି । ବିଶେଷତଃ ଯେଉଁମାନଙ୍କର ଇଂରାଜୀ ଭାଷାରେ ଜ୍ଞାନ ଅଛି ସେମାନେ ସର୍ଭେସ୍କୁଲରୁ ଉତ୍ତୀର୍ଣ୍ଣ ହେବାର ଅଳ୍ପଦିନ ମଧ୍ୟରେ ହିଁ କାର୍ଯ୍ୟ ପାଉଅଛନ୍ତି । ଇଂରାଜୀ ଜାଣି ନ ଥିବା ଛାତ୍ରମାନଙ୍କର ମଧ୍ୟ କାର୍ଯ୍ୟ ପାଇବା ବିଷୟରେ ବିଶେଷ ଅସୁବିଧା ହୋଇ ନାହିଁ ।

Digitized by srujanika@gmail.com

Split by PDF Splitter



ଇଂରାଜୀ ସ୍କୁଲ ଥିଲେ ଯେ କାର୍ଯ୍ୟ ପାଇବାର ସୁବିଧା ହୁଏ ତାହା ବୋଲିବା ବାହୁଲ୍ୟ କାରଣ ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ସମସ୍ତ ବିଭାଗରେ ଇଂରାଜୀ ପ୍ରଚଳିତ ହୋଇଅଛି। ଅତଏବ ଯେଉଁମାନେ ଇଂରାଜୀ ସ୍କୁଲର ୩ ୟ କିମ୍ବା ୪ ର୍ଥ ଶ୍ରେଣୀରେ ଅଧ୍ୟୟନ କରୁ ଅଛନ୍ତି ଭବିଷ୍ୟତରେ ଯଦି ସେମାନେ ଏଣ୍ଟ୍ରାନ୍ସ ଏଲ ଏ ଓ ବି ଏ ପ୍ରଭୃତି ଉଚ୍ଚତର ପରୀକ୍ଷା ଦେବାକୁ ଅସମର୍ଥ ହୁଅନ୍ତି ତେବେ ସେମାନେ ସମୟର ବୃଥା ଅପବ୍ୟବହାର ନ କରି କଟକ ସର୍ଭେସ୍କୁଲରେ ଅଧ୍ୟୟନ କଲେ ସେମାନଙ୍କର ଜୀବନର ଓ ଅର୍ଥର କଦାପି ଅପବ୍ୟୟ ହେବ ନାହିଁ। ଅତଏବ ହେ ଉତ୍କଳବାସୀ ବନ୍ଧୁଗଣ! ଏପରି ଅମୂଲ୍ୟ ସୁବିଧା ତ୍ୟାଗ ନ କରି ସଦାଶୟ ଗବର୍ଣ୍ଣମେଣ୍ଟଙ୍କ ସାଧୁ ଇଚ୍ଛାକୁ ସ୍ୱଦେଶସ୍ଥ ବାଳକମାନଙ୍କଦ୍ୱାରା କାର୍ଯ୍ୟରେ ପରିଣତ କରିବାକୁ ଯତ୍ନଶୀଳ ହେଉନ୍ତୁ।

ଗବର୍ଣ୍ଣମେଣ୍ଟଙ୍କର ଦୟାର ସୀମା ନାହିଁ ମାତ୍ର ଯେବେ ଅମ୍ଭେମାନେ ସ୍ୱୀୟ ଅଯୋଗ୍ୟପଣରୁ ଦେଶର ଏପରି ଗୋଟିଏ ମହୋପକାରୀ ବିଷୟକୁ କେବଳ ଔଦାସୀନ୍ୟ ହେତୁ ନଷ୍ଟ କରି ଦେଉଁ ତେବେ ଅମ୍ଭମାନଙ୍କର ଉନ୍ନତି ଯେ ସୁଦୂରପରାହତ ତାହା କହିବା ଅତ୍ୟୁକ୍ତି ମାତ୍ର। ଏହି ସମସ୍ତ ବିଷୟ ଚିନ୍ତା କରି ଅମ୍ଭେମାନେ ସମସ୍ତ ଓଡ଼ିଶାର କର୍ତ୍ତୃପକ୍ଷମାନଙ୍କୁ ସବିନୟ ଜଣାଉ ଅଛୁଁ ଯେ ସେମାନେ ସ୍ୱୀୟ୨ ସନ୍ତାନମାନଙ୍କୁ ଏସ୍କୁଲର ପଠନରେ ନିଯୁକ୍ତ କରାଇ ସେମାନଙ୍କର ଭବିଷ୍ୟତ ଜୀବନ ପଥକୁ ମୁକ୍ତ କରନ୍ତୁ। ଇତି।

୨୩।୧।୯୫ } ଜନୈକ ଉତ୍କଳବାସୀ
କଟକ }

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ବାବୁ ବାଞ୍ଛାନିଧି ପଟ୍ଟନାୟକ | କଲିକତା | ଟ ୩୯ |
| " ଜଗନ୍ନାଥପୁର ପ୍ରହରାଜ ମାଝଗାଡ଼ା | କଣ୍ଠି | ଟ ୩ ୧ |
| " ଭଗବାନ ପଣ୍ଡା ପୋଷ୍ଟମାଷ୍ଟର ତଣା | | ଟ ୩ ୧ |

# ବିଜ୍ଞାପନ।

ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଏତଦ୍ୱାରା ପ୍ରକାଶ କରଯାଉ ଅଛି କି ସନ ୧୮୯୩।୯୪ ମସିହାର ନଂ ୫୦୪ ମୂଲ ସାର୍ଟିଫିକେଟ ମୋକଦମାରେ ସନ ୧୮୯୪ ମସିହା ନଭେମ୍ବର କିସ୍ତି ବାକି ପଥ-ସନ ୧୮୯୫ ମସିହା ... ବାକି ପଡ଼ିଥିବା ଶଗଡ଼ ... ରବେଷାସ୍ଥଳର ଓ ସୁଧ ଟ. ୧୨।୨।୧୫ ଓ ଖର୍ଚ୍ଚ

ଆଦାୟ ନିମନ୍ତେ। ଜ। ପୁରୀ। ପ୍ର। ସହରାଙ୍ଗ। ମୌ। ବଡ଼ଭୂଷ ପୁର ନଂ ୧୪୬ ମୂଳ ଉତ୍କଳୀୟ ଜମିଦାରୀ କ ଉତ୍ତର ଗବର୍ଣ୍ଣମେଣ୍ଟ ଜମା ୫୧୩୬୬।୬ ଅଟେ। ପୁରୀ କଲେକ୍ଟରୀ କଚେରୀର ସାର୍ଟିଫିକେଟ ଅଫିସରଙ୍କ ମହକୁମାରେ ସନ ୧୮୯୫ ମସିହା ମାର୍ଚ୍ଚ ମାସ ତା ୧୫ ରଖ ବେଳ ଘ ୧୨ ଘଡ଼ି ସମୟରେ ପ୍ରକାଶ୍ୟରୂପେ ନିଲମ ହେବ।

ପୁରୀ କଲେକ୍ଟରୀ ଅଫିସ }
ତା ୧୭ ରଖ ମାହେ } M. M. Roy
ଜାନୁୟାରୀ ସନ ୧୮୯୫ } ସାର୍ଟିଫିକେଟଅଫିସର

## ବିଜ୍ଞାପନ।

ନୂତନ! ନୂତନ!! ନୂତନ!!!

### ଦାର୍ଶନ୍ତିଭକ୍ତି ରସାମୃତ।

ସମ୍ପୂର୍ଣ୍ଣ ୫୨ ଅଧ୍ୟାୟ

ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା ମୋଫସଲନିମନ୍ତେ ଡାକମାସୁଲ ଟ ୦ ୵

## ବିଜ୍ଞାପନ।

ନୂତନ   ନୂତନ   ନୂତନ

କବିକର୍ଣ୍ଣ ଭାରତ

ସତ୍ୟଭାମାଙ୍କ ଜନ୍ମପାଳି।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି

ମୂଲ୍ୟ ଟ ୦ ୵ ଏକଅଣା ମାତ୍ର

ଅନ୍ୟାନ୍ୟ ପାଠ୍ୟମାନ ଯଥେଷ୍ଟ ଅଛି

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଆଟଲାସ, ଓ୍ୟାଲମେପ ପ୍ରଭୃତି ସ୍ୱଳ୍ପମୂଲ୍ୟରେ କଟକ ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଳେଶରେ ପାଇପାରିବେ।

## WANTED

Twenty passed Surveyors on a salary of Rs. 20 each for settlement work in Mourbhanj. Applications with testimonials to be forwarded to H. H. The Maharaja Mourbhanj not later than the 31st of this month.

Baripada } By order
7—1—95. } F. D'Elhouse,
Accountant.

## WANTED

A junior assistant accountant for the Mourbhanj Raj Treasury on a salary of Rs. 30 rising to Rs. 40 by annual increment. Applicants must have a thorough knowledge of English Oriyah and Bengali, and well versed in accounts branch. Applications together with testimonials to be forwarded to H. H. The Maharaja Mourbhanj not later than 31st January, 1895.

Baripada, } By order
7th Jany 1895. } F. D'Elhouse,
Accountant.

A
## COMPLETE KEY
To
Lethbridge's Easy Selection
[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK } Akshoy Kumar Ghose
The22nd No- } and
vember 1894 } Hara chand Ghose

## ସଙ୍ଗୀତସର୍ବସ୍ୱାର!

ନୂତନ! ନୂତନ! ନୂତନ!

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ।

ପତ୍ର ସୁଲଭ ମୂଲ୍ୟ ଟ ୦ ୵ ମାତ୍ର।

ଏଥିରେ ଦକ୍ଷିଣୀ, ଝୁଲି, ଚଉପଦୀ, ଟପା, ଠୁମରୀ ପ୍ରଭୃତି ପ୍ରମଥନ-ସ୍ୱରର ଅତ୍ୟୁତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଜମା ବୁକ୍‌ଏଜେଣ୍ଟ ବାବୁ ରାମଚନ୍ଦ୍ରଙ୍କ ମୁଖୁର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି।

ଉଷାବତୀ ହରଣ ମୂଲ୍ୟ ଟ ୦ ୵

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଉପଲବ୍ଧ ହେଉଅଛି।

Digitized by srujanika@gmail.com

Split by PDF Splitter




# ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗ୍ରହ କରାଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଚଉତିଶା ଓ ଭଲ ସଙ୍ଗୀତ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ହଜାରେ ଟଙ୍କା ପୁରସ୍କାର ।

**BISHAHARI**

## ବିଷହରି ।

ଚୁଡାଣି ହୁଅ ନାହିଁ ।

ଡାକ୍ତରଙ୍କ ଶଶିଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତ ସର୍ବ୍ବାପ୍ରକାର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ୨ ୧୫ ଦିନ ଓ ପ୍ରମେହ ୨ ୩ ଦିନ ମଧ୍ୟରେ ଆରୋଗ୍ୟ ହୁଅନ୍ତି । ଏଥିରେ କୌଣସି ଅପେକ୍ଷ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସଂଯୋଜିତ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ଶାସ୍ତ୍ରବର୍ଜିତ । ଯାହା କାହାର ଫଳେ ହଜାରେ ଟଙ୍କା ପୁରସ୍କାର ଦେବୁ । ମୂଲ୍ୟ—ସେବନଔଷଧର ଟ ୧ ଙ୍କା, ଲେପନତୈଳର ଟ ୧ ଙ୍କା, ଜୁଲ୍ଲୋଲେଲ ସୂଚ ଟ ୪ ଙ୍କା, ଏଥି ୧ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସର୍ସ କଟକ୍ସ ପାଲ ଏଣ୍ଡ କୋଂ, ଶୋଂଭାପଟ୍ଟୀ, ଚିନାବଜାର କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାୟକ

ଲକ୍ଷ୍ମୀରଷୁଲ ମେଡିକାଲହଲ ।

କଟକ ଓଡ଼ିଶା

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶମ୍ଭୁ ବାବୁ ଚୌଧୁରୀଙ୍କର ସମ୍ମୁଖ ବସା ଘରମାନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଜିଲଲ, ରେଶମୀ ଓ ଗେଲି ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏତ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରଦ ଦର ସେହି ଲୁଗା ଉପରେ ଲେଖା ଅଛି ଯଦ୍ଦ୍ୱାରା ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୂନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ଯାଇବେ । ଅତଏବ ଗ୍ରାହକଙ୍କ ପକ୍ଷରେ ଏକଦର କାହାରଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ଉଚିତ ମୂଲ୍ୟରେ ମୋଫସଲକୁ ଡାକ୍ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଫର୍ଦ୍ଦ ।

| ଜିନିଷର ନାମ | ମୂଲ୍ୟ |
|---|---|
| ଅଷ୍ଟମେଷ୍ଟ ପେନ୍ସିଲ | ଗ୍ରୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନ୍ସିଲ ଗ୍ରୋ | ୧ ଟ ୦ ୵୧୫ |
| ଓଡ଼ିଆ ପେନସିଲ | ଡ ୧ ଟ ୦ ।୵ |
| ନକସା କାଗଜ | ଡ ୧ ଟ ୦ ୷୵ |
| ଫୁଲସ୍କେପ୍ କାଗଜ ସରୁଆ | ଡ ୧ ଟ ୦ ୵୩ |
| ଏକଜ ରୁଲଦାର | ଡଜ ୧ ଟ ୦ ୵୨ |
| ଏକଜ ମୋଟା | ଡ ୧ ଟ ୦ ୵୩ |
| ଫାଉଣ୍ଟେନହୋଲ୍ଡର ଓ ଲଫାଫା | ଡ ୧ ଟ ୨ । |
| ଭଲକାଗଜ ସରୁଆ | ଡ ୧ ଟ ୦ ୵ |
| ଏକଜ ମଧ୍ୟମ | ଡ ୧ ଟ ୦ ୵ |
| ଲଫାଫା ସରୁଆ ସ୧୦୦ ଟ୦୷୵ | ଗ୍ରୋ ୨୫ ଟ ୦୷୵୩ |
| ଏକଜ ମଧ୍ୟମ ସ୧୦୦ ଟ ୦ ।୵ | ଗ୍ରୋ ୨୫ ଟ ୦ ୯ |
| ଦାଉକାଗଜ ୧୬ ପଣ | ଡ ୧ ଟ ୦ ୵୩ |
| ଶିହାଇ | ବୋ ୧ ଟ ୦ ୷୵ |
| ଏକଜ ଗୁଣ୍ଡି ଏହାରୁ ଅଧିକ ଭଲ ଜଳରେ ଗୋଳାଇ ଦୁଇଦିନ ପରେ ଛାଣିଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଡ ୧ ସୁଲ ଟ ୦ ୵୩ |
| ସିଲଟ ପେନସିଲ | ଡ ୧ ଟ ୦ ।୵ |
| ରବର | ଖ ୧ ଟ ୦ ।୵୩ |
| ହଂସପକ୍ଷୀ କଲମ | ସୋ ୨୫ ଟ ୦ ।/ |
| ଲେଖା କଲମ (ନବ) ସରୁଆ | ଡ଼ ୧ ଟ ୦ ୵ |
| ଏକଜ ମୋଟା | ଡ଼ ୧ ଟ ୦ ୧୯ |
| ଏକଲ୍ କଡ୍ରମାଗଲହୋଲ୍ଡର | ଗ୍ରୋ୧ ଟ ୦ ୧୬ |
| ନାନାପ୍ରକାର ଆଲୁଣି ସହିତ (ନକସାକାଟି) | ଗ୍ରୋ ୧ ଟ ୦ । |
| ଏକଜ ସାଧାରଣ | ଗ୍ରୋ ୧ ଟ ୦୵୨ |
| ଜାପାନିଆ ସରୁଆ | ଖ ୧ ଟ ୦୷୵ |
| ହୋମିଆର ତେଲ ବଡବୋତଲ | ଗ୍ରୋ ୧ ଟ ୦୷୵ |
| ମନତେଲ | ଗ୍ରୋ ୧ ଟ ୦ ୵ |
| ମୂଲ୍ଲନପଥରର ଫଟୋଷ୍ଟାଣ୍ଡ ଓ ଲୁପେନ୍ସନକ୍ଷାଦାନି | ଗ୍ରୋ ୧ ଟ ୨ ୧ |
| ଲେଟରେଣ୍ଡଭ | ଗ୍ରୋ ୧ ଟ ୧୯ |
| ମେଜଖର ଅଏଲ | ଗ୍ରୋ ୧ ଟ ୦ ୪ |
| ସାବୁନ ସରୁଆ | ଖ ୧ ଟ ୦ ।୯ |
| ଫୁଲଦାନି | ଗ୍ରୋ ୧ ଟ ୧୵ |
| ବେଡାଲିଜିର ୨ଡାଇସ୍ତା | ଗ୍ରୋ ୨ ଟ ୩। |
| ଏକଜ ଏକଡାଇଅ | ଗ୍ରୋ ୧ ଟ ୨ |
| ବେଲ | ଗ୍ରୋ ୧ ଟ ୨ |
| ଅପ୍ସେଟ | ଗ୍ରୋ ୧ ଟ ୵ ୨ |
| ତାସ | ଡ ୧ ଟ ୦ ।୩ |
| ସାଜପଗଡ଼ୀ | ଗ୍ରୋ ୧ ଟ ୦ ୧ |
| ବନାରସୀ ସଣ୍ଟୁ ଜଣ | ଖ ୧ |

ପତକାରଏହାକୁ କୌଣସ ଖାତରେ ଲୁଣି ଦଶ ରେ କରିଲାଇ ଚୋଠା ଖଇର ଫାଟରେ ଲଗାଇ ଦେଲେ ଘାଣ୍ଟି ପଡ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ ଚୌଧୁରୀ ବଜାର } ଅନ୍ନଦାପ୍ରସାଦ ଦତ୍ତ କମ୍ପାନି


ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ପକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ଛହିର ଖର୍ଚ୍ଚ ଟ ୦ ୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ପ୍ରକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ପ୍ରକାଶେ ଦରର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସହିତ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରାଳୟରେ ଉତ୍କଳ ମୁଦ୍ରାଯନ୍ତ୍ରର କାର୍ଯ୍ୟାଧ୍ୟକ୍ଷ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୩୦ ସ ; ସଂ ୫ ସଂଖ୍ୟା ; ତା ୨ ରାଶ ମାହେ ଫେବ୍ରୁଆରୀ ସନ ୧୮୯୫ ମସିହା । ମୂ । ତା ୨୨ ଶ୍ରାବଣ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥୦

ପଶ୍ଚାଦେୟ ୩୦


ମା-ଗାପୃ ଚମ୍ପିଅର ଓ ସୁପ୍ରଡାଶ୍ଚ ଶ୍ରୀଯୁକ୍ତ ଗତ ସୋମବାର ଦିବସ ଭଡ଼ାଡ଼ାଭ-ତ, ଭୁକ୍ ଗତ ସୋମବାର ଦିବସ ଆସି ଅଛନ୍ତି ଆଗାମୀ ସପ୍ତାହରେ ସମ୍ଭବ ଯେପରି ଥିବ ଶୁଣାଯାଉ ଅଛି ବିଲକଣା ସମୟ କରିବାର ଶୁଣାଯାଉ ଅଛି ଏଥିରୁ କେହି ଅନୁମାନ କରନ୍ତି ସ୍ତ୍ରୀପଢ଼ା-ଶଙ୍କାଙ୍କ ବିଷୟରେ ଷ୍ଟେଟଲିଙ୍କ ସହିତ ପରାମ-ର୍ଶ ଏ ଯାତ୍ରାର କାରଣ ହୋଇପାରେ ।

---

ଶ୍ରୀଯୁକ୍ତ ସୁପ୍ରଡାଶ୍ଚ ସାହେବ ଏହୁଥର ଗସ୍ତରେ ଆଳି କେନ୍ଦୁଝରରେ ଯେଉଁ ସେସନ ବିଚାର କରିଥିଲେ ସେଥିରେ କେନ୍ଦୁଝରର ମେଳିଆ ଭୂୟାଁମାନଙ୍କ ବିଚାର ହୋଇଥିଲା ବିଚାରରେ ତ ୨୧ ଣ ରାଜଦ୍ରୋହୀ ଦଣ୍ଡ ପ୍ରାପ୍ତ ହୋଇ ଅଛନ୍ତି ସେଥି ମଧ୍ୟରୁ କେତେକ ଲୋକ ଯାବଜ୍ଜୀବନ କାରାବାସ ଦଣ୍ଡ ଓ କେତେକ କଠିନ ପରିଶ୍ରମ ସହିତ ବହୁ କାଳର ଶାସ୍ତି ପ୍ରାପ୍ତ ହୋଇଛନ୍ତି । ଗତ ସୋମବାର ଦିବସ ସେମାନେ କଟକ ଜେଲ-ଖାନାକୁ ଆଣିତ ହୋଇଛନ୍ତି

---

ବର୍ତ୍ତମାନ ପାର୍ଲିଆମେଣ୍ଟର ଜଣେ ସୁଯୋଗ୍ୟ ସଭ୍ୟ ଲର୍ଡ ରାଣ୍ଡଲ୍ଫ ଚର୍ଚ୍ଚିଲ ଦୀର୍ଘକାଳରୁ ପକ୍ଷା-ଘାତ ରୋଗରେ ପୀଡ଼ିତ ଥାଇ ଗତମାସ ୨୪ତା-ରିଖରେ ମାନବଲୀଳା ସମ୍ବରଣ କଲେ ଏମହାତ୍ମା ରକ୍ଷଣଶୀଳଦଳର ଜଣେ ପ୍ରଧାନ ସଭ୍ୟ ଥିଲେ ଓ ଆଶା ହେଉଥିଲା ଯେ ସମୟରେ ଉକ୍ତଦଳର ଦଳପତି ହୋଇପାରନ୍ତେ ଏହାଙ୍କର ବ୍ରିଶବର୍ଷ ବୟଃକ୍ରମ ସମୟରୁ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ବିପକ୍ଷଦଳର ପ୍ରଧାନ ନେତା ଲର୍ଡ ଗ୍ଲାଡଷ୍ଟୋନଙ୍କ ହାତରୁ ବରଂ ଏହାଙ୍କର ଅନେକ ଥର ମୃତ୍ୟୁ ସମୟରେ ଏହାଙ୍କର ବୟସ ତ ୪୬ ବର୍ଷ ମାତ୍ର ହୋଇଥିଲା ।

---

ପାଲଲହଡ଼ାର ରାଜାଙ୍କ ସ୍ତ୍ରୀ ରାଣୀ ଙ୍କ ଜନ୍ମରୁ ଏ ନଗରକୁ ଆଣିତ ହୋଇଥିଲେ ମାତ୍ର ସ୍ତ୍ରୀଙ୍କର ଅସୁସ୍ଥତା ଭରତ ଉର୍ବାର କରିବାକୁ ଅକ୍ଷମ ହେବାରୁ ରାଜା ରାଜ୍ୟକୁ ଫେରିଯିବାର ଆଦେଶ ହୋଇଅଛି । ଅନେକ ଅସୁସ୍ଥ ବ୍ୟକ୍ତି ନ ବୁଝି ଏପରି ଉଦ୍ଭଟ ହୋଇ ନିଜ ପିଲାପିଲାଙ୍କ ତାହାଙ୍କ ମାତା ବା ଦାସୀଙ୍କ ସଙ୍ଗରେ ଏଠାରେ ଚିକିତ୍ସା ଆସିବା ବଡ଼ କଷ୍ଟକର ହୋଇଥିଲା । ପରିଶେଷରେ ସ୍ଵଦେଶର ହେଲ ସ୍ୱଗର ବିଷୟ । ମାତ୍ର ରାଜ୍ୟର ଅସୁସ୍ଥ ରାଣୀ ଥିବା ସ୍ଥଳେ ଏହି ଅପରାଧ କାର୍ଯ୍ୟ-ରେ କେଉଁ ଅଭାଗ୍ୟ ବ୍ୟକ୍ତି ପତିତ ହୋଇ ଦାୟୀ ହେବ ?

---

ଆଗାମୀ ପ୍ରବେଶିକାପରୀକ୍ଷାରେ ଓଡ଼ିଶା, କଟକକେନ୍ଦ୍ରରେ ତ ୯୧ ଣ ପରୀକ୍ଷାର୍ଥୀଙ୍କ ପରୀ-କ୍ଷା ଗୃହୀତ ହେବ । ଓଡ଼ିଶାର ଯେଉଁ ସ୍କୁଲ-ରୁ ଯେତେ ଛାତ୍ର ମନୋନୀତ ହୋଇ ଅଛନ୍ତି ସେଥିର ତାଲିକା ନିମ୍ନେ ପ୍ରକାଶିତ ହେଲା । ମୟୂରଭଞ୍ଜ ହାଇ କଟକ ଏକାଡେମୀ ତ ୧୬ ଣ ବାଲେଶ୍ୱର ଜିଲ୍ଲାସ୍କୁଲ ତ ୧୩ ଣ ପୁରୀ ତ ୨ ଣ ବାଲେଶ୍ୱର କେଥଲିକହାଇସ୍କୁଲ ତ ୧ ଣ କେନ୍ଦ୍ରପଡ଼ା ତ ୨ ଣ ରେଭେନ୍ସା କଲେଜିୟେଟ ସ୍କୁଲ ତ ୨୪ ଣ ଭଦ୍ରକ ତ ୨ ଣ କଟକ ମିସନ ତ ୪ ଣ ଯାଜପୁର ତ ୨ ଣ ।

ଏଣୁ ଜାଣାଯାଉ ଏକଜଣ ଶିକ୍ଷକ ଓ ତ ୧୪-ଣ ବାହାର ଛାତ୍ର ଏବଂ କଟକ ପ୍ରୋଟେଷ୍ଟାଣ୍ଟ ଇଉରେସୀୟନ ସ୍କୁଲରୁ ଜଣେ ଛାତ୍ରୀ ପରୀକ୍ଷା ପ୍ରଦାନ କରିବେ ।

---

ସଂସ୍କୃତ ପରୀକ୍ଷା ସମ୍ବନ୍ଧରେ [ପରୀକ୍ଷାର୍ଥୀମାନଙ୍କ ସେମାନଙ୍କ ନିଜ ଭାଷା ଲିଖିତ ଉତ୍ତର କାଗଜ ପରୀକ୍ଷା ନିମନ୍ତେ କଲିକତା ବିଶ୍ୱବିଦ୍ୟାଳୟ କୌଣସି ନିୟମ ସ୍ଥିର କରି ପାରୁ ନାହାନ୍ତି । ଓଡ଼ିଆ ପିଲାମାନେ ଓଡ଼ିଆରେ ଉତ୍ତର ଲେଖି ଆସନ୍ତି ଓ ସେମାନଙ୍କର ଉତ୍ତର କାଗ-ଜ ରେଭେନ୍ସା କଲେଜର ସଂସ୍କୃତ ଅଧ୍ୟାପକଙ୍କ ଦ୍ୱାରା ପରୀକ୍ଷିତ ହୁଅନ୍ତି ନାହିଁ କାହିଁକି ଅନ୍ୟ କେହି ଉପଯୁକ୍ତ ଓଡ଼ିଆ ପରୀକ୍ଷକ ନ ମିଳିବା ଏଥିର କାରଣ ଏଣୁ କରି ବାଙ୍ଗାଳୀ ଛାତ୍ରମାନେ ଓଡ଼ିଆ ପିଲା ଅପେକ୍ଷା ଓ ବିଶ୍ୱବିଦ୍ୟା-ଳୟର ନିୟମାନୁସାରେ କୌଣସି ପରୀକ୍ଷକ ଅନ-ଭିଜ୍ଞର କାଗଜ ପରୀକ୍ଷା କରିବାକୁ ସମର୍ଥ ନୁହନ୍ତି

Split by PDF Splitter

Digitized by srujanika@gmail.com

ସୁତରାଂ ସେ ସନ୍ତୁଷ୍ଟ ହୋଇ ଯାଇନ୍ତି ନାହିଁ ଓ ସେଥି ଅନ୍ୟ କେହି ପରୀକ୍ଷକ ମିଳୁ ନାହିଁ । ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କିଂକର୍ତ୍ତବ୍ୟବିମୂଢ଼ ହୋଇ ବଡ଼ ବ୍ୟସ୍ତ ଅଛନ୍ତି ।

---

ଆମ୍ଭମାନଙ୍କ କେନ୍ଦ୍ରାପଡ଼ା ସମ୍ବାଦଦାତା ଲେଖି ଅଛନ୍ତି କି ଏଠାକାର ଜମୀଦାର ବାବୁ କାଳୀଚରଣ ଭୂଞ୍ଜବର ଓ ତାହାଙ୍କ କନିଷ୍ଠ ଭ୍ରାତାମାନେ ଗୃହବିବାଦରେ ପ୍ରବୃତ୍ତ ହେବାର ଦେଖାଯାଏ । ନରେନ୍ଦ୍ରବଂଶ ଓଡ଼ିଶାମଧ୍ୟରେ ବିଖ୍ୟାତ ଏହା ସମସ୍ତେ ଜାଣନ୍ତି । ଏପରି ଗୋଟିଏ ଗୃହ ଗୃହବିବାଦରେ ନଷ୍ଟ ହୋଇ ଯିବା ଅତି ଦୁଃଖର ବିଷୟ ଅଟେ । କେବଳ ଗୋଟିଏ ଅତି ତୁଚ୍ଛର କାର୍ଯ୍ୟ ହୋଇ ଯାଇଅଛି ବିବାଦ ଉପସ୍ଥିତ ହେବାରୁ ଦୁଇପକ୍ଷରେ କେତେକ ଜଣ ପଦାତିକମାନ ନିଯୁକ୍ତ ହୋଇ ଅଛନ୍ତି । କଟକ ଅଲମଗଡ଼ ତଳାଇ ଲାଠିଧର ଜାମଲ ପଦାତିକମାନ ବଳିଷ୍ଠ ବାବୁଙ୍କ ଭ୍ରାତାମାନଙ୍କ ହାତ ନିଯୁକ୍ତ । ସେଦିନ ସେ ସନ୍ଧ୍ୟାସମୟରେ ଅପ୍ରସ୍ତୁତ ଅବସ୍ଥାରେ ଶୁଣିବାରେ ବଳିଷ୍ଠବାବୁଙ୍କ ମନୁଷ୍ୟମାନେ ତାହାକୁ ଏପରି ପ୍ରହାର କଲେ କି ତାହାର ମୁଣ୍ଡ ଫାଟି ରକ୍ତପାତ ହୋଇ ଫାଟି ଯିବାପରି ସେ ଅଚେତନ ହୋଇ ପଡ଼ିଥିଲା ଥାନାକୁ ଗାଡ଼ିରେ ଅଣାହେଲା । ମୋକଦ୍ଦମା ଏକ୍ସଟ୍ରା ଡେପୁଟିଙ୍କ ତଦାରଖାଧୀନରେ ଅଛି ଓ ଉକ୍ତ ପଦାତିକ ଡାକ୍ତରଖାନାରେ ଚିକିତ୍ସିତ ହେଉଅଛି ।

---

ଜାପାନ ଓ ଚୀନର ଯୁଦ୍ଧର ଉପଶମ ନାହିଁ, ସନ୍ଧି ପ୍ରସ୍ତାବ କଥା ଶୁଣା ହେଉଥିଲେହେଁ ଯୁଦ୍ଧ ସଂକୁଳ ହେଉଅଛି । ବର୍ତ୍ତମାନ ନିକଟରେ ଜାପାନ ସରଦାରଙ୍କ ଚୀନ ସୈନ୍ୟଙ୍କୁ ଆକ୍ରମଣ କରି ପରାସ୍ତ କରିଥିଲେ । ଜାପାନ ସୈନିକପୁରୁଷଙ୍କ ମଧ୍ୟରୁ ନ ୪୦ ଜଣ ହତ ଓ ଆହତ ହୋଇଥିଲେ ଚୀନ ସୈନିକ ପୁରୁଷଙ୍କ ନଷ୍ଟସଂଖ୍ୟା ଏକସହସ୍ରରୁ ନ୍ୟୂନ ନୁହେ । ଉତ୍ତରରେ ବଡ଼ଠାରୁ ସମ୍ବାଦ ଆସିଅଛି ଏହିକାଳ ଜାପାନ ସୈନ୍ୟ ଚେଙ୍ଗ ଦେଶକୁ ଆକ୍ରମଣ କରିବାରେ ବ୍ୟସ୍ତ ଅଛନ୍ତି । ବ୍ୟୁଠାରେ ପଞ୍ଚାଂଶ ସମସ୍ତ ଜାପାନ ସୈନ୍ୟ ଉପସ୍ଥିତ ହୋଇଅଛନ୍ତି । ସେମାନେ ଉପ୍ରେନ୍ତୁ ଏଠାରୁ ୫୦ ମାଇଲ ଦୂରରେ ଅବସ୍ଥିତ କରୁଥିଲେ । ସେଠାରେ ଉତ୍କ୍ରୃଷ୍ଟ-

ବଳ ମଧ୍ୟରେ ଭୟାନକ ଯୁଦ୍ଧ ଘଟିଥିଲା । ସମ୍ବାଦ ଆସିଅଛି ସେ ବହୁକାଳ ଘୋରତର ଯୁଦ୍ଧ ହେବାଉତ୍ତାରେ ଜାପାନସୈନ୍ୟମାନେ ଉପ୍ରେନ୍ତୁଏଠାରୁ ବହିଷ୍କୃତ ହୋଇ ଅଛନ୍ତି । ଜାପାନର ଅଧିକ କ୍ଷତି ହୋଇଅଛି । ବହୁ ଜାପାନ ସୈନ୍ୟ ଉପ୍ରେନ୍ତୁଏର ଆକ୍ରମିତ ସୈନ୍ୟଙ୍କୁ ସାହାଯ୍ୟ କରିବା ନିମନ୍ତେ ନିକଟଠାରେ ଉପସ୍ଥିତ ହୋଇଅଛନ୍ତି ଜାପାନ ଚୀନ ଯୁଦ୍ଧସ୍ଥଳରେ ବିଦେଶୀ ମାନଙ୍କର ରହିବା ବଡ଼ ଅପଦଜନକ ସୁତରାଂ ସେମାନେ ଘର ବାଟ ଦେଖୁ ଅଛନ୍ତି ।

---

ବଙ୍ଗୀୟ ବ୍ୟବସ୍ଥାପକସଭାରେ ଅନେକଗୁଡ଼ିଏ ଆଇନର ପାଣ୍ଡୁଲିପି ବିବେଚନାର୍ଥେ ଆନୀତ ହୋଇଥିଲା ତନ୍ମଧ୍ୟରେ ଜନ୍ମମୃତ୍ୟୁସମ୍ବନ୍ଧୀୟ ସାର୍ଟିଫିକେଟ ଓ ପଥ୍ୟପ୍ରଣାଳୀ ଆଇନ ବହୁ ଦିବସ ହେଲା ବିବେଚନାଧୀନରେ ଥିଲା । ଜନ୍ମମୃତ୍ୟୁସମ୍ବନ୍ଧୀୟ ପାଣ୍ଡୁଲିପି ସମ୍ବନ୍ଧରେ ସାଧାରଣର ଆପତ୍ତି ଉପସ୍ଥିତ ହେବାରୁ ଲେଃ ଲାଟ ବାହାଦୂର ଘୋଷଣା କଲେ କି ଉକ୍ତ ପାଣ୍ଡୁଲିପି ପ୍ରତ୍ୟାହାର କରାଯିବ । ଆଉ ସକଳ ହେବୁ ସମ୍ପତ୍ତି ବିଷୟ ହେଲେ ଛଳମ ଆଇନାନୁସାରେ ମାଲିକ ବ୍ୟକ୍ତି ପ୍ରଥମତଃ ରେବିନ୍ୟୁ ବୋର୍ଡରେ କଲେକ୍ଟର କମିଶ୍ନର ଓ ବୋର୍ଡ ଓ ହାଇକୋର୍ଟର ଦେୱାନୀ ଅଦାଲତରେ ମୂଳସଫ ସବଜଜ ଡିଷ୍ଟ୍ରିକ୍ଟଜଜ ଓ ହାଇକୋର୍ଟରେ ଆପତ୍ତି ଉପସ୍ଥିତ କରନ୍ତି । ନୋଟିସ ପ୍ରାପ୍ତ ହୋଇ ନ ଥିବା ଇତ୍ୟାଦି ପ୍ରକାରର ଆପତ୍ତି ସାଧାରଣତଃ ହୋଇଥାଏ ଏହିରୂପ ଆପତ୍ତିମାନ ନିବାରଣ ଓ ମାମଲାର ସୀମା ଭଙ୍ଗ କରିବା ଅଭିପ୍ରାୟରେ ନୂତନ ପାଣ୍ଡୁଲିପି ପ୍ରସ୍ତୁତ ହୋଇଅଛି ମାତ୍ର ଏଥିରେ କି ସଂଶୋଧିତ ଆଇନରେ ନୋଟିସପ୍ରାପ୍ତିବିଷୟର ଯେଉଁ ଉପାୟ ନିର୍ଦ୍ଦେଶ ହୋଇଅଛି ତାହା ସାଧାରଣଙ୍କ ମତରେ ଫଳଦାୟକ ନ ହେବାର ଜଣାଯିବାରୁ ଲେଃ ଲାଟ ବାହାଦୂର ସେ ପାଣ୍ଡୁଲିପି ପ୍ରତ୍ୟାହାର କରିବା ଶ୍ରେୟସ୍କର ବିବେଚନା କଲେ । ଅନ୍ୟ ଦୁଇ ପାଣ୍ଡୁଲିପି ବିବେଚନାଧୀନରେ ରହିଲା ।

---

ଗତ ବ୍ୟବସ୍ଥାପକ ସଭାରେ ମାନନୀୟ ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ ଯେଉଁ ପ୍ରଶ୍ନମାନ ଉତ୍ଥାପନ କରିଥିଲେ ଓ ସେଥିର ଗଭର୍ଣ୍ଣମେଣ୍ଟ ସେକ୍ରେଟାରୀଙ୍କର ଉତ୍ତର ସାରାଂଶରେ ନିମ୍ନେ ପ୍ରଦତ୍ତ ହେଲା

ପ୍ର—ମାନ୍ୟବର ଗଭର୍ଣ୍ଣମେଣ୍ଟ ପୋଲିସର ଅଃ ସୁପ୍ରିଣ୍ଟେଣ୍ଡ ପଦରେ ଲୋକ ନିଯୁକ୍ତିର୍ଥ ପରୀକ୍ଷା ଦ୍ୱାରା ଦେଶୀ ଲୋକଙ୍କୁ ଗ୍ରହଣ କରୁଛନ୍ତି ବଙ୍ଗଳା ଗଭର୍ଣ୍ଣମେଣ୍ଟ ସେହିପରି ନିୟୋଗ କରିବାକୁ ପ୍ରସ୍ତୁତ ଅଛନ୍ତି କି ?

ଉ—ଭା ପୋଲିସର ଉକ୍ତପଦବୀର ମାନଙ୍କ ମନୋନୟନ ପ୍ରଥାଦ୍ୱାରା କରିବ ଉଚିତପାଇଥାରେ ।

ପ୍ରଃ—ଖୁଲନାର ମାଜିଷ୍ଟ୍ରେଟ ବିଟସନ୍ ଲେଳ ସାହେବ ହେଇଡ଼କଲ ସ୍ଥିତ ଯେଉଁ ଅଭ୍ୟାସର କରିଥିଲେ ତତ୍ସମ୍ବନ୍ଧୀୟ ମୋକଦ୍ଦମାରେ ଡେଃ ମାଜିଷ୍ଟ୍ରେଟ ବାବୁ ସତ୍ୟେନ୍ଦ୍ର ନାଥ ଯେଉଁ କାର୍ଯ୍ୟ କରିଥିଲେ ତାହା ସେଥିର କୌଣସି ପ୍ରତିବାଦ କରୁ ନ ହୋଇ କରୁ ଡେପୁଟୀମାଜିଷ୍ଟ୍ରେଟଙ୍କର ଉନ୍ନତି ବନ୍ଦ ହୋଇଅଛି ।

ଉଃ—ଲେଖକଙ୍କ ମୋକଦ୍ଦମା ପ୍ରକାଶ୍ୟ ଅଦାଲତରେ ମୀମାଂସିତ ହୋଇ ଥିବାରୁ ଲେଃ ଲାଟ ବାହାଦୂର ସେଥିରେ ହସ୍ତକ୍ଷେପ କରିବା ଉଚିତ ମନେ କଲେ ନାହିଁ ।

ଅଭୁ ଡେଃ ମାଃ ସତ୍ୟ ବାବୁ ମୁଣ୍ଡବେଗମ ଦେଶରେ ଅଧ୍ୟାକ୍ତ ଥିବାରୁ ମୋକଦ୍ଦମାର ଅବ୍ୟବହିତପୂର୍ବରେ ଛୁଟିରେ ଥିଲେ । ତାଙ୍କ ବଦଳ ଅନ୍ୟାୟ ହୋଇଥିବାରୁ ଲେଃ ଲାଟ ବାହାଦୂର ତାଙ୍କୁ କେବଳ ଅସ୍ତ୍ର ପର୍ଯ୍ୟନ୍ତ ଛୁଟି ନେବାକୁ ଆଦେଶ ଦେଇ ଅଛନ୍ତି କିନ୍ତୁ ତାଙ୍କର ନାମ ଉନ୍ନତବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଥମ ଥିବାରୁ ଓ ସେ ପୂର୍ବରୁ ମୁଣ୍ଡବେଗ ସହିତ କାର୍ଯ୍ୟ କରି ଅସୁସ୍ଥବାରୁ ମୁଣ୍ଡବ୍ୟଥା ହେଲା ହେତୁ ଦେଇଥିଲେ କାର୍ଯ୍ୟ ନିମନ୍ତେ ଉନ୍ନତ ପଦ ଦେବାର କାରଣ ଲେଃ ଲାଟ ବାହାଦୂର ଯଥେଷ୍ଟ ଜ୍ଞାନ କରୁ ନ ଥିଲେ ।

---

କଟ୍ଟାଶିଆପ୍ରସ୍ଥିତ ବୁଦ୍ଧଗୟା ନାମଧେୟ ବୁଦ୍ଧମନ୍ଦିର ହିନ୍ଦୁ ଦଖଲରେ । ବର୍ତ୍ତମାନ ବୌଦ୍ଧମାନେ ଉକ୍ତ ମନ୍ଦିର ଅଧିକାର କରିବାକୁ ପ୍ରୟାସୀ ହୋଇଛନ୍ତି । ସିଂହଳଦ୍ୱୀପବାସୀ ବୌଦ୍ଧମାନେ ବିଶେଷ ଚେଷ୍ଟା ଅଛନ୍ତି । ବୌଦ୍ଧମାନେ ମନ୍ଦିର ଅଧିକାରାର୍ଥ ହିନ୍ଦୁଗୋଷ୍ଠୀ ଯୁକ୍ତି ଅଗତ କରଅଛନ୍ତି । ୧ ବୁଦ୍ଧମୂର୍ତ୍ତି ହିନ୍ଦୁର ଅପୂଜ୍ୟ ବୌଦ୍ଧମନ୍ଦିରକୁ ଗଣନାକରିବା ହିନ୍ଦୁ ପ୍ରତି ଶାସ୍ତ୍ରନିଷିଦ୍ଧ, ୨ ମନ୍ଦିରସ୍ଥିତ ଦେବତା ବୌଦ୍ଧମାନଙ୍କର ଉପାସ୍ୟ ଦେବତା । ହିନ୍ଦୁମାନେ ବୌଦ୍ଧମାନଙ୍କର ଦାସ ଅବଗତ ହୋଇ ପ୍ରମାଣାର୍ଥ ବ୍ୟବସ୍ଥାର ଅଭ୍ୟସ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ରକ୍ଷଣ କରୁଅଛନ୍ତି । ବାରାଣସୀ, ଗୟା, ଛତ୍ରପଲ୍ଲୀ କଲିକତାସ୍ଥ ପଣ୍ଡିତମାନେ ହିନ୍ଦୁମାନଙ୍କର ଦାବୀ ସମର୍ଥନ କରି ବ୍ୟବସ୍ଥା ପ୍ରଦାନ କରି ଅଛନ୍ତି ।

ମନୁ, ଗୌତମ, ଯାଜ୍ଞବଲ୍କ୍ୟ ପ୍ରଭୃତି ଧର୍ମଶାସ୍ତ୍ରପ୍ରଣେତାଗଣ ଦାୟ (ପିତାଦି ପ୍ରାପ୍ତଧନ), ଲାଭ (ଅସ୍ୱାମିକ ବସ୍ତୁର ପ୍ରାପ୍ତି), କ୍ରୟ, ଜୟ, ପ୍ରୟୋଗ (କୁସୀଦାଦି), କର୍ମଯୋଗ (କୃଷ୍ୟାଦି) ଓ ସତ୍ପ୍ରତିଗ୍ରହ ଏହି ସାତୋଟିକୁ ସ୍ୱତ୍ୱର ଉତ୍ପାଦକ ବୋଲି ନିର୍ଦ୍ଦେଶ କରି ଅଛନ୍ତି । ଦେଖା ଯାଉ ବିବାଦରେ ଏହି ନିର୍ଦ୍ଦେଶର ବ୍ୟତିକ୍ରମ ଦୃଷ୍ଟ ହୁଏ ନାହିଁ ମନୁ ପ୍ରଭୃତି ଧର୍ମଶାସ୍ତ୍ରକାରମାନେ ବୌଦ୍ଧଙ୍କର ମାନ୍ୟ ନୋହିଲେ ମଧ୍ୟ ସେମାନଙ୍କର ଏହି ସମସ୍ତ ନିର୍ଦ୍ଦେଶରୁ ବୌଦ୍ଧମାନଙ୍କୁ ମଧ୍ୟ ମାନି ଚଳିବାକୁ ହୁଏ । 'ଉପାସ୍ୟ ଦେବତାଙ୍କର ଅଧିଷ୍ଠାନ' ସ୍ୱତ୍ୱୋତ୍ପାଦକ ଉଲ୍ଲିଖିତ ସାତୋଟି କାରଣରୁ ଗୋଟିକର ସୀମା ଅନ୍ତର୍ଗତ ନୁହେ ସୁତରାଂ ଉପାସ୍ୟ ଦେବତାଙ୍କର ଅଧିଷ୍ଠାନ ସ୍ୱତ୍ୱମୂଳକ ବୋଲି ବୌଦ୍ଧମାନେ ଯେ ନିର୍ଦ୍ଦେଶ କରି ଅଛନ୍ତି ତାହା କୌଣସି ଦେଶର ବ୍ୟବହାରସଙ୍ଗତ ନୁହେ । ପରମେଶ୍ୱର ସମସ୍ତଙ୍କର ଉପାସ୍ୟ, ସମସ୍ତ ପଦାର୍ଥରେ ତାଙ୍କର ଅଧିଷ୍ଠାନ, ସେ ହିସାବରେ ତ ସମସ୍ତ ପଦାର୍ଥରେ ସମସ୍ତଙ୍କର ଅଧିକାର ଜନ୍ମି ପାରେ । କିନ୍ତୁ କେମନ୍ତ ଭାବରେ ବୌଦ୍ଧମାନେ ଏ ଦାବି କରି ପାରନ୍ତି ?

ବୁଦ୍ଧ ମୂର୍ତ୍ତି ହିନ୍ଦୁଙ୍କର ଅପୂଜ୍ୟ ଏବଂ ବୌଦ୍ଧମନ୍ଦିରରୁ ହିନ୍ଦୁଙ୍କର ଗମନ ନିଷିଦ୍ଧ ହେଲେ ମଧ୍ୟ ତଦଧିଷ୍ଠିତ ମନ୍ଦିରରେ ହିନ୍ଦୁଙ୍କର ସ୍ୱତ୍ୱ ରହି ନ ପାରେ, ଏ କଥା କହିଲେ ଉକ୍ତ ସ୍ୱତ୍ୱୋତ୍ପାଦକ କାରଣ ନିର୍ଦ୍ଦେଶର ବ୍ୟତିକ୍ରମ ଘଟେ, ଯେହେତୁ କ୍ରିୟାଦି ଦ୍ୱାରା ବିଧର୍ମୀ ପୂଜ୍ୟ ଦେବତାଧିଷ୍ଠିତ ମନ୍ଦିରରେ ମଧ୍ୟ ସ୍ୱତ୍ୱୋତ୍ପତ୍ତି ହୋଇ ପାରେ । ଯେବେ କୁହାଯାଏ ଯେ ମୂର୍ତ୍ତି ଯେତେବେଳେ ହିନ୍ଦୁଙ୍କର ଅପୂଜ୍ୟ ସେତେବେଳେ ହିନ୍ଦୁଙ୍କର ତହିଁରେ କୌଣସି ପ୍ରୟୋଜନ ସାଧିତ ହେବ ନାହିଁ, କିନ୍ତୁ ବୌଦ୍ଧଙ୍କର ହେବ, ସୁତରାଂ ବର୍ତ୍ତମାନ ମନ୍ଦିରରେ ବୌଦ୍ଧାଧିକାର ହେବାର ଯେ, ଯୁକ୍ତି ଯୁକ୍ତ ଏ କଥା ମଧ୍ୟ ଠିକ ନୁହେ । କେତେ ଲୋକଙ୍କର କେତେ ଦ୍ରବ୍ୟ ସମ୍ପତ୍ତି ଥାଏ, ତହିଁ ମଧ୍ୟରୁ କୌଣସି କୌଣସିରେ ହୁଏତ ତାହାର କହିଁହିଁ ପ୍ରୟୋଜନ ନାହିଁ, କିନ୍ତୁ ତୁମ୍ଭର ଯଥେଷ୍ଟ ଅଛି ତାହା ବୋଲି କି ତୁମ୍ଭେ ସେହି ୨ ଦ୍ରବ୍ୟରେ ବ୍ୟବହାରାନୁଯାୟୀ ସ୍ୱତ୍ୱବାନ୍ ହୋଇପାର ? ପ୍ରକୃତ ପ୍ରସ୍ତାବରେ ସାକ୍ଷିଲେଖ୍ୟ ଭୋଗଦ୍ୱାରା ଯେତେବେଳେ ସ୍ୱତ୍ୱର ନିର୍ଣ୍ଣୟ ହୋଇ ଥାଏ ସେତେବେଳେ ଉପଯୋଗ ଅନୁପଯୋଗ ବିଷୟ ଚର୍ଚ୍ଚା କରିବାରେ କୌଣସି ଫଳ ନାହିଁ । ଅପୂଜ୍ୟ ବୋଲି ମନ୍ଦିରରେ ହିନ୍ଦୁଙ୍କର ଅଧିକାର ନାହିଁ, ଆଉ ପୂଜ୍ୟ ବୋଲି ବୌଦ୍ଧଙ୍କର ଅଧିକାର ଅଛି, ଏ କଥା ଯେବେ ଯୁକ୍ତି ଯୁକ୍ତ ହୁଏ ତେବେ ପୁଷ୍କର ହିନ୍ଦୁଙ୍କର ପୂଜ୍ୟ କିନ୍ତୁ ବୌଦ୍ଧଙ୍କର ଅପୂଜ୍ୟ ବୋଲି ବୌଦ୍ଧଙ୍କର ସେଥିରେ ଅନଧିକାର ପ୍ରତିପନ୍ନ କରିବା ନିମନ୍ତେ ହିନ୍ଦୁଙ୍କର ଅଭିଯୋଗ ମଧ୍ୟ ସମୁଚିତ ହୋଇ ପାରେ ।

ବୁଦ୍ଧ ମୂର୍ତ୍ତି ହିନ୍ଦୁଙ୍କର ଅପୂଜ୍ୟ ନୁହେ ବୁଦ୍ଧ ଭଗବାନଙ୍କର ଅବତାର । ତାଙ୍କର ସ୍ଥାପନ, ପୂଜନ, ଦର୍ଶନାଦି ହିନ୍ଦୁଶାସ୍ତ୍ରେ କଥିତ ଅଛି । ତେବେ ବୌଦ୍ଧଶାସ୍ତ୍ର ବିରୁଦ୍ଧ-ଧର୍ମବାଦ ବୋଲି ତଦନୁସାରେ ଆସ୍ତିକମାନେ ଚଳନ୍ତି ନାହିଁ । ବ୍ୟାମୋହିତ ଦୈତ୍ୟଗଣଙ୍କର ବେଦରେ ଶ୍ରଦ୍ଧାଭାବ ଉତ୍ପାଦନପୂର୍ବକ ସେମାନଙ୍କର ବିନାଶସାଧନଦ୍ୱାରା ଜଗତ ରକ୍ଷା ଉଦ୍ଦେଶ୍ୟରେ ଭଗବାନଙ୍କର ବୌଦ୍ଧାବତାର ଏବଂ ବିରୁଦ୍ଧଧର୍ମବାଦର ସୃଷ୍ଟି ହୋଇଅଛି । ପୁରାଣାଦିରେ ଏହାର ଏବଂ ବୁଦ୍ଧଦେବଙ୍କର ସ୍ଥାପନ ପୂଜନାଦି ବିଷୟରେ ବିଶିଷ୍ଟ ପ୍ରମାଣ ଅନେକ ଅଛି । ତନ୍ମଧ୍ୟେ କେତୋଟି ଉଦ୍ଧୃତ କରା ଗଲା । ଯଥା;—

ବକ୍ଷ୍ୟେ ବୁଦ୍ଧାବତାରଞ୍ଚ ପଠତଃ ଶୃଣ୍ୱତୋଽର୍ଥଦଂ ।
ପୁରା ଦେବାସୁରେ ଯୁଦ୍ଧେ ଦୈତ୍ୟୈର୍ଦ୍ଦେବାଃ ପରାଜିତାଃ ।
ରକ୍ଷ ରକ୍ଷେତି ଶରଣଂ ବଦନ୍ତୋ ଜଗ୍ମୁରୀଶ୍ୱରଂ ॥
ମାୟାମୋହସ୍ୱରୂପୋଽସୌ ଶୁଦ୍ଧୋଦନସୁତୋଽଭବତ୍ ।
ମୋହୟାମାସ ଦୈତ୍ୟାଂସ୍ତାନ୍ ତ୍ୟାଜିତାନ୍ ବେଦଧର୍ମକଂ ॥
[ ଅଗ୍ନିପୁରାଣ ୧୬ ଅଃ ]

ତତଃ କଲୌ ସମ୍ପ୍ରବୃତ୍ତେ ସମ୍ମୋହାୟ ସୁରଦ୍ୱିଷାଂ ।
ବୁଦ୍ଧୋ ନାମ୍ନା ଜିନସୁତଃ କୀକଟେଷୁ ଭବିଷ୍ୟତି ॥
[ ଶ୍ରୀମଦ୍ଭାଃ ୧ ସ୍କନ୍ଧ ୩ ଅଃ )

ଚରଣାଦ୍ୟଂ ସମାରଭ୍ୟ ମୂର୍ଦ୍ଧପୃଷ୍ଠାନ୍ତକଂ ଶିବେ ।
ଭାବୟ କଳ୍କିଦେବଃ ସ୍ୟାତ୍ ଉଦ୍ଭୂତୋ ମଙ୍ଗଳୋ ଭବେତ୍ ॥
ଭଗବତ୍ପ୍ରୀତ୍ୟେ ମନ୍ତ୍ରୀ ପୂର୍ଣ୍ଣା ଜପା ପୂର୍ଣ୍ଣା ପୁନଃ ପୁନଃ ।
ଧ୍ୟାୟନ୍ ସନ୍ତାପହଃ ପୂର୍ଣ୍ଣଃ ପୂର୍ଣ୍ଣଂ ସକଳମ୍ପୂହଂ ଫଳଂ ॥
( ବ୍ରହ୍ମପୁରାଣ )

ମଧ୍ୟେଶଃ କର୍ମୈଽଥ ବାମତୋ ଛାରସ୍ତୋଽଥ ବାମତଃ ।
ଶଙ୍ଖୋ ସମସ୍ତ ଭୂଷଣ୍ଡ ବୌଦ୍ଧ ବନ୍ଧୁ ସୁଅୈଦିତ
ତେଷାମପି ତ ସାୟୁଜ୍ୟଂ ସ୍ୱର୍ଗ ପ୍ରାପ୍ୟ ତ ପୂଜୟେତ୍ ॥
[ ଲିଙ୍ଗପୁରାଣ ୪୮ ଅଃ ]

ଶ୍ରାବଣେ ବହୁଲେଽଷ୍ଟମ୍ୟାଂ କୃଷ୍ଣୋ ବୁଦ୍ଧୋ ଭକ୍ତବତ୍ସଳଃ ।
ଦୈତ୍ୟ-ଶକ୍ତି ବିନାଶାୟ ବୁଦ୍ଧରୂପ ଭବିଷ୍ୟତି ॥
[ ମତ୍ସ୍ୟସୂକ୍ତତନ୍ତ୍ର ମତଃ ]

ପୌଷଶୁକ୍ଳସ୍ୟ ସପ୍ତମ୍ୟାଂ କୁର୍ଯ୍ୟାଦ୍ ବୁଦ୍ଧସ୍ୟ ପୂଜନଂ ॥
[ ବରାହପୁରାଣ ]

ଉଲ୍ଲିଖିତ ରୂପ ପ୍ରମାଣାଦି ଦ୍ୱାରା ଏହା ସିଦ୍ଧ ହେଉଅଛି ଯେ, ଗୟାଧାମସ୍ଥିତ ବୁଦ୍ଧମୂର୍ତ୍ତି ଆସ୍ତିକମାନଙ୍କର ଶାସ୍ତ୍ରୋକ୍ତ ଭଗବାନଙ୍କର ବୁଦ୍ଧାବତାରର ପ୍ରତିରୂପ । ଶିଷ୍ୟ ପରମ୍ପରାରେ ସାର୍ଦ୍ଧଶତ ବର୍ଷକାଳ ନିର୍ବିବାଦରେ ତାହା ଆସ୍ତିକ ମାନଙ୍କର ଅଧିକାରରେ ରହିଅଛି ଏମନ୍ତ ଅବସ୍ଥାରେ ତାହା ଏତେବେଳେ ବୌଦ୍ଧସ୍ୱତ୍ୱଗତ ହେଲେ ତହିଁରେ ସନାତନ ଧର୍ମର ଯେ ବିଶେଷ ଅନିଷ୍ଟ ସାଧନ ହେବ ସେ ବିଷୟରେ ଆଉ ସନ୍ଦେହ ନାହିଁ ।

---

## ବଙ୍ଗଳାର ନାଲସ୍ୱତ୍ୱ ।

### ସନ ୧୮୯୩।୯୪ ସାଲ ।

ସମସ୍ତ ବଙ୍ଗଦେଶରେ ମୋଟ ୯୧୬ ମାଇଲ ନାଳ ପ୍ରସ୍ତୁତ ହୋଇଅଛି । ତହିଁ ମଧ୍ୟରୁ ମୋଟ ୧୭୮ ମାଇଲ ନୌକା ଗମନାଗମନାର୍ଥେ ମୋଟ ୨୪୨ ମାଇଲ କେବଳ ଜଳସେଚନାର୍ଥ ଏବଂ ଅବଶିଷ୍ଟ ମୋଟ ୪୯୫ ମାଇଲ ଉଭୟ କାର୍ଯ୍ୟାର୍ଥେ ବ୍ୟବହୃତ ହୁଅଇ । ଏ ସମସ୍ତ ନାଳରୁ ଅଢ଼େଇହଜାର ମାଇଲ କେନାଲମାନ ବାହାରିଅଛି ଯେ ତଦ୍ୱାରା ସାଢ଼େ ପନ୍ଦରଲକ୍ଷ ମାଣ ଭୂମିରେ ଜଳ ମଡାଯାଇ ପାରେ । ଏଥିନିମନ୍ତେ ସରକାରଙ୍କର ୭୪ କୋଟିଟଙ୍କା ବ୍ୟୟ ହୋଇଅଛି ସେ ତହିଁମଧ୍ୟରୁ ୬ କୋଟିଟଙ୍କା ଋଣ ଦ୍ୱାରା ସାଧ୍ୟ ହୋଇଅଛି ଯେ ତହିଁର ସୁଧ ଭଣ୍ଡାର ଗଭର୍ଣ୍ଣମେଣ୍ଟ ଦେଇଅଛନ୍ତି । ଏଥିରୁ ବର୍ତ୍ତମାନ ବର୍ଷର ସମସ୍ତ ପ୍ରକାର ଆୟ ୫ ୨୧୯୭୯୭୪ ଟଙ୍କା ଓ ବ୍ୟୟ ୫ ୧୯୫୨୮୮ ଟଙ୍କା ହେବାରୁ ଅଢ଼େଇଲକ୍ଷ ଟଙ୍କାରୁ କିଞ୍ଚିତ ଅଧିକ ଲାଭ ହୋଇଅଛି । ପୂର୍ବ ଦୁଇବର୍ଷର ନିଟଆୟ ଯଥା କ୍ରମେ ୬ ଲକ୍ଷ ଓ ୩୪ ଲକ୍ଷ ଥିଲା । ଏ ବର୍ଷର ନିଟଆୟ ଅଢ଼େଇଲକ୍ଷଟଙ୍କା ବାଦେ ୨୪ ଲକ୍ଷ ୬୧ ହଜାର ଟଙ୍କା ସୁଧ ଦେଣା ପଡ଼ିଅଛି ଏବଂ ତାହା ପ୍ରଦେଶୀୟ କରରୁ ଆଦାୟ ହୋଇଅଛି ।

ବଙ୍ଗଳାର ପ୍ରଧାନ ନାଳମାନଙ୍କର ଆୟବ୍ୟୟ ନିମ୍ନେ ପ୍ରଦର୍ଶିତ ହେଲା, ଯଥା ।

Digitized by srujanika@gmail.com

ଅସ୍ତ ।

| | ୧୮୯୩।୯୪ | ୧୮୯୨।୯୩ | ପୂର୍ବ ୫ ବର୍ଷର ହାରହାର |
|---|---|---|---|
| ଓଡ଼ିଶା ଜାଲ | [illegible] | [illegible] | [illegible] |
| ମେଦନୀପୁର ଜାଲ | [illegible] | [illegible] | [illegible] |
| ମୋଟ ଜାଲ | [illegible] | [illegible] | [illegible] |

ବ୍ୟୟ

| | | | |
|---|---|---|---|
| ଓଡ଼ିଶାଜାଲ | [illegible] | [illegible] | [illegible] |
| ମେଦନୀପୁର ଜାଲ | [illegible] | [illegible] | [illegible] |
| ମୋଟ ଜାଲ | [illegible] | [illegible] | [illegible] |

ଏଥିରୁ ଦେଖାଯାଏ ଯେ ଏହା ମେଦନୀପୁର ଛଡ଼ା ଅନ୍ୟ ଦୁଇ ପ୍ରଧାନ ଜାଲ ପ୍ରଣାଳୀର ଅସ୍ତ ଗତ ବର୍ଷଠାରୁ ଊଣା ଏବଂ ବ୍ୟୟ ଅଧିକ ହୋଇଅଛି ଏବଂ ମେଦନୀପୁର ଜାଲର ଅସ୍ତ ଗତବର୍ଷଠାରୁ ସାମାନ୍ୟ ବୃଦ୍ଧି ହୋଇଥିଲେ ହେଁ ବ୍ୟୟ ତଦପେକ୍ଷା ଅଧିକ ବୃଦ୍ଧି ହୋଇଅଛି । ଅସ୍ତ ଊଣା ପଡ଼ିବାର ପ୍ରଧାନ କାରଣ ଜଳକର ହ୍ରାସ ଊଣା ପଡ଼ିବା । ଗତ ବର୍ଷ ଅପେକ୍ଷା ଏବର୍ଷ ବୃଷ୍ଟି ଭଲ ହେବାରୁ ଲୋକେ କାଲରୁ ଯେତେ ନେଇ ନାହାନ୍ତି । କେଉଁ କାଲରୁ କେତେ ଜମିରେ ଜଳ ମଡ଼ାଯାଇଥିଲା ତହିଁର ତାଲିକା ନିମ୍ନେ ପ୍ରଦର୍ଶିତ ହେଲା, ଯଥା ।

| | ସନ ୧୮୯୨।୯୩ | ସନ ୧୮୯୩।୯୪ |
|---|---|---|
| ଓଡ଼ିଶାଜାଲ | ମା ୧୬୦୯୩୨ | ମା ୧୧୩୫୬୬ |
| ମେଦନୀପୁରଜାଲ | ମା ୯୧୬୧୭ | ମା ୮୫୬୬୩ |
| ମୋଟଜାଲ | ମା ୪୧୦୬୬୧ | ମା ୩୬୬୨୨୬ |

ଏଥିରୁ ପ୍ରକାଶ ଯେ ଜଳ ମଡାଇବା ଜମିର ପରିମାଣ ଓଡ଼ିଶାରେ ସବାପେକ୍ଷା କମ୍ର ଅର୍ଥାତ ୪୭ ହଜାର ମାଣ ଊଣା ପଡ଼ିଅଛି । ସନ ୧୮୯୩ ସାଲ ଅକ୍ଟୋବର ମାସ ଆରମ୍ଭରେ ବୃଷ୍ଟି ଅଭାବରେ କ୍ଷେତ ଶୁଖି ଯିବାରୁ ପ୍ରଜାମାନେ ଜଳ ପାଇଁ ଦରଖାସ୍ତ କରିବାର ଆରମ୍ଭ କରିଥିଲେ ମାତ୍ର ସେହି ମାସ ଶେଷ ସପ୍ତାହରେ ବୃଷ୍ଟି ହେବାରୁ ଆଉ କେହି ଜଳ ନେଇଲେ ନାହିଁ ସୁତରାଂ ସୁତ୍ରାଂ ବୃଷ୍ଟି ହେବୁ କରଜମ୍ଭ ଊଣା ହୋଇଅଛି । ପଶ୍ଚାତ୍ତରେ ଜଳକର ସ୍ଥୂଲ ଧାର ହେବା ଓ ପୂର୍ବ କାଳମାନ ଅବାଧ୍ୟ ହେବାରୁ ଅସ୍ତ କମ ହୋଇଅଛି । ବାଇବନ୍ଧ ସ୍ତର ସାହେବମାନେ ଠାବେ୨ ପରୀକ୍ଷା କରି ଦେଖାଇ ଅଛନ୍ତି ଯେ ସାଧାରଣ କ୍ଷେତ ଅପେକ୍ଷା କାଲଜଳ ମଡ଼ା ଜମିରେ ଅଧିକ ଶସ୍ୟ ଉତ୍ପନ୍ନ ହୁଅଇ ମାତ୍ର ସ୍ପଷ୍ଟ ଦେଖାଯାଉ ଅଛି ଯେ କୃଷିକାରକ ମାନଙ୍କୁ ଏହା ସେମାନ ନାହିଁ । କଲପଲ ଦେଖିଲେ ବୃଷ୍ଟିରୁ ନ ଖୁଦି ସହୁର କରୁଣିଷ୍ଠ କରୁଥାନ୍ତି । କେବଳ ଚୌପଥ ସ୍ୱରୂପ କାଲର ଉପଯୋଗିତା ନିସନ୍ଦେହ ଅଟେ ଏବଂ କାର୍ଯ୍ୟତଃ ଦେଖାଯାଉଅଛି ଯେ କାଲମାନଙ୍କର ନୌ ମାସୁଲ କ୍ରମାଗତ ବୃଦ୍ଧି ହେଉଅଛି । ଏହିବର୍ଷ ଏବଂ ଏଥିର ପୂର୍ବବର୍ଷ କେଉଁ କାଲରୁ କେତେ ନୌ ମାସୁଲ ଅଦାୟ ହୋଇଅଛି ନିମ୍ନେ ପ୍ରଦର୍ଶିତ ହେଲା । ଯଥା—

| | ସନ ୧୮୯୨।୯୩ | ସନ ୧୮୯୩।୯୪ |
|---|---|---|
| ଓଡିଶାକାଲ | ଟ ୧୮୦୫୦୩ | ଟ ୨୨୯୧୨୫ |
| ମେଦନୀପୁରକାଲ | ଟ ୧୧୪୨୪୧ | ଟ ୧୨୪୯୯୫ |
| ସୋନକାଲ | ଟ ୩୯୯୯୬ | ଟ ୫୦୩୪୮ |
| ହିଜଲିକାଲ | ଟ ୨୬୮୦ | ଟ ୫୮୬୦୯ |
| ହୋଷ୍ଟକେନାଲ | ଟ [illegible] | ଟ [illegible] |

ଅନ୍ୟାନ୍ୟ କ୍ଷୁଦ୍ରକାଲ ମଧ୍ୟରୁ ସାରଣ ଓ ମଥୁବନ କାଲମାନଙ୍କରୁ ଦଣ୍ଡ ଲଭ ନ ହେବାରୁ ଆପାତତଃ ସେସମସ୍ତ ବନ୍ଦ ରଖିବାକୁ ଗବର୍ଣ୍ଣମେଣ୍ଟ ସ୍ଥିର କରୁଅଛନ୍ତି । ଯଦ୍ୟପି ଋତୁ ଅନୁକୂଳ ନ ହେବାରୁ ଏବର୍ଷ ଭଲଫଳ ହୋଇ ନାହିଁ ତଥାପି ଗବର୍ଣ୍ଣମେଣ୍ଟ କାଲ ଏଲକାର କାର୍ଯ୍ୟରେ ସନ୍ତୋଷ ହୋଇଅଛନ୍ତି କାରଣ ପୂର୍ବାପେକ୍ଷା କାର୍ଯ୍ୟ ନିର୍ବାହର ଅନେକ ସୁବନ୍ଦୋବସ୍ତ ହୋଇଅଛି ଏବଂ ବକାୟା ଖଜଣା ଅଦାୟ କାର୍ଯ୍ୟ ଉତ୍ତମ ହୋଇଅଛି ।

---

## ବଙ୍ଗପ୍ରଦେଶର ଅଡ୍ଡଶାସନ ବିବରଣ ।

ସନ ୧୮୯୩।୯୪ ସାଲର ଅଡ୍ଡଶାସନସମ୍ବନ୍ଧୀୟ ବିବରଣ ସ୍ଥଳରେ ସନ୍ତୋଷଜନକ ବୋଲିବାକୁ ହେବ । ଅଧିକାଂଶ ଡିଭିଜନୀୟ କମିଶନର ଜିଲ୍ଲା ଓ ସ୍ଥାନୀୟ ବୋର୍ଡ଼ମାନଙ୍କ କାର୍ଯ୍ୟର ଅନୁକୂଳରେ ମତ ପ୍ରକାଶ କରିଅଛନ୍ତି । ଓଡ଼ିଶା ବିଭାଗର କମିଶନର ସାହେବ ଲେଖି ଅଛନ୍ତି କି ପୁରୀଜିଲ୍ଲା ବୋର୍ଡ଼ର କାର୍ଯ୍ୟରେ ବିଶେଷ ଉନ୍ନତି ବାଲେଶ୍ୱର ଜିଲ୍ଲା ବୋର୍ଡ଼ରେ କାର୍ଯ୍ୟର ଶିଥିଳତା ଏବଂ କଟକଜିଲ୍ଲା ବୋର୍ଡ଼ରେ ସାମାନ୍ୟ ଉନ୍ନତି ଦେଖି ସେ ଆନନ୍ଦିତ ହୋଇ ଅଛନ୍ତି । ସେଷଲିଖିତ ଜିଲ୍ଲା ଅଡ୍ଡଶାସନ କାର୍ଯ୍ୟରେ ଯେତେ ଉଚ୍ଚସ୍ଥାନ ନେବାର ଉଚିତ ତାହା ହୋଇ ନାହିଁ ମାତ୍ର କମିଶନର ସାହେବ ଆଶା କରନ୍ତି କି ଏ ଦୁର୍ନାମ ଅଧିକ ଦିନ ରହିବ ନାହିଁ । ସଂକ୍ଷେପରେ କମିଶନର ସାହେବ କହି ଅଛନ୍ତି କି ଓଡ଼ିଶାର ସମସ୍ତ ଜିଲ୍ଲାରେ ଅଡ୍ଡଶାସନ କାର୍ଯ୍ୟର ଫଳ ସନ୍ତୋଷଜନକ ହୋଇଅଛି ଏବଂ ଯେପର୍ଯ୍ୟନ୍ତ କାର୍ଯ୍ୟନିର୍ବାହର ଭାର ଯୋଗ୍ୟ ଲୋକଙ୍କ ହାତରେ ରହିଥିବ ସେପର୍ଯ୍ୟନ୍ତ ବୋର୍ଡ଼ର ମେମ୍ବରମାନେ ଯେତେ ଅମନୋଯୋଗୀ ହେଲେ ହେଁ ସୁଦ୍ଧା ସନ୍ତୋଷଜନକ ଫଳ ଲାଭ ହେବ । ମାତ୍ର ଏହାକୁ ଅଡ୍ଡଶାସନ ବୋଲି କହି ନ ପାରେ । ଅତଏବ ଆମ୍ଭମାନଙ୍କ କମିଶନର ସାହେବଙ୍କ କହିବାରେ ସମ୍ମତ ଓ ସବକାରୀ ସଭ୍ୟମାନେ ସ୍ୱେଚ୍ଛାରୂପେ କାର୍ଯ୍ୟ ନିର୍ବାହ କରି ନେବାକୁ ଫଳ ଉତ୍ତମ ପ୍ରତ୍ୟକ୍ଷ ହେଉ ଅଛି କୋହିଲେ ମେମ୍ବରମାନେ ମନ ଲଗାଇ କାର୍ଯ୍ୟ କରୁ ନାହାନ୍ତି । ଯାହା ହେଉ ବଙ୍ଗଦେଶରେ ମାନ୍ୟବର ଲେଫ୍ଟେନାଣ୍ଟ ବର୍ଷକୁ ବର୍ଷ କାର୍ଯ୍ୟର ଉନ୍ନତି ଦେଖି ସନ୍ତୋଷ ପ୍ରକାଶ କରି କହି ଅଛନ୍ତି ଯେ ଅଡ୍ଡଶାସନ ଆଇନ ପ୍ରଚଳିତ ହେବାର ପ୍ରଥମ କେତେକ ବର୍ଷରେ ଯେ ସମସ୍ତ ଅପୂର୍ଣ୍ଣତା ଲକ୍ଷିତ ହୋଇ ଥିଲା ତତ୍ପରଦର୍ଶିତା ଏବଂ ସଦୁପଦେଶ ଦ୍ୱାରା ସେସବୁ କ୍ରମାଗତ ଅଦୃଶ୍ୟ ହେଉ ଅଛି ଏବଂ ବର୍ଷକୁ ବର୍ଷ ନାନା ବିଷୟରେ ଉନ୍ନତି ଦେଖାଯାଉ ଅଛି । ଏଥିପାଇଁ ସେ ବଙ୍ଗପ୍ରଦେଶର ସମସ୍ତ ଜିଲ୍ଲାବୋର୍ଡ଼ର ମେମ୍ବରମାନଙ୍କୁ ଧନ୍ୟବାଦ ଦେଇ ଅଛନ୍ତି । ଆମ୍ଭେମାନେ ଆଶା କରୁଁ କି ବୋର୍ଡ଼ର ମେମ୍ବରମାନେ ଏଥିରେ ଉତ୍ସାହିତ ହୋଇ ଭବିଷ୍ୟତକୁ ଅଧିକରେ ସୁଖ୍ୟାତି ଲାଭ କରିବାକୁ ଯତ୍ନବାନ ହେବେ । ଜିଲ୍ଲା ବୋର୍ଡ଼ଙ୍କ ହାତରେ ଶାସନସମ୍ପର୍କିତ ଅନେକ ପ୍ରଧାନ କାର୍ଯ୍ୟର ଭାର ଅର୍ପିତ ହୋଇ ଅଛି ଏବଂ ପ୍ରତ୍ୟେକ କାର୍ଯ୍ୟସମ୍ପର୍କରେ ମାନ୍ୟବର ଲେଫ୍ଟେନାଣ୍ଟ ଯେଉଁ ଅଭିପ୍ରାୟ ଏହି ବାର୍ଷିକ ରିପୋର୍ଟରେ ପ୍ରକାଶ କରି ଅଛନ୍ତି ମେମ୍ବରମାନଙ୍କର ମନୋଯୋଗ ସହକାରେ ପଢ଼ିବାର ଉଚିତ । ତାହା ହେଲେ ସେମାନେ ଆପଣା୨ କର୍ତ୍ତବ୍ୟ କାର୍ଯ୍ୟର ଜ୍ଞାନ ପାଇ ପାରିବେ । କେସମସ୍ତ ଅଭିପ୍ରାୟର ସଂକ୍ଷେପ ଆଲୋଚନା ସୁଦ୍ଧା କରିବାକୁ ଏ ପତ୍ରିକାରେ ସ୍ଥାନ ନାହିଁ । ସୁତରାଂ ଏକାରେ କେବଳ ଚାଲଣ୍ଠିତ ତକୋଟି ବିଷୟରେ ମାନ୍ୟବର ଲେଫ୍ଟେନାଣ୍ଟଙ୍କ ମତ ପ୍ରକାଶ କରୁଁ, ଯଥା—

୧—ପାଉଣ୍ଡ ଜମାଖାତ ଘାଟମାନ ବୋର୍ଡ଼ଙ୍କ ଅଧୀନରେ ଅଣିବାର ଅଭିପ୍ରାୟ ଏହା ନୁହେ ଯେ ଘାଟଘାଉ ମାସୁଲ ଦ୍ୱାରା ବୋର୍ଡ଼ର ଅସ୍ତ ବୃଦ୍ଧି ହେବ । ଲାଭ ମନୁଷ୍ୟାଦି ପାରହେବା ବିଷୟରେ ପୂର୍ବାପେକ୍ଷା ଅଧିକ ସୁବିଧା କରିଦେବା ଅଭିପ୍ରାୟରେ ବୋର୍ଡ଼ଙ୍କୁ ଘାଟର ଭାର ଦିଆଯାଉ ଅଛି । ମାତ୍ର ଅନେକ ସ୍ଥଳେ ଦେଖାଯାଏ ଯେ ବୋର୍ଡ଼ କେବଳ ଘାଟ ଇଜରା ଦେଇ ଟଙ୍କା ନେଇ ନିଶ୍ଚିନ୍ତ । ଘାଟ ପାରର ସୁବନ୍ଦୋ-

ଦଳଙ୍କୁ ଅନେକ ଦୃଷ୍ଟି କରନ୍ତି ନାହିଁ । ଯେସବୁ ଘାଟର ଖର ବୋର୍‌ଡ଼ ନେଇ ଅଛନ୍ତି ସେସବୁରେ ଘର ଓ ନୌକା ଯଥେଷ୍ଟ ଅଛି କି ନାହିଁ ଏବଂ ଇଜାରଦାରମାନେ ଅକ୍ଲେଶରେ ଲୋକଙ୍କୁ ପାର କରୁ ଅଛନ୍ତି କି ନାହିଁ ଏହାସବୁ ଭଲରୂପେ ଦେଖିବା ଉଚିତ ।

୨ୟ—ଶିକ୍ଷା । କେଉଁ ଜିଲାରେ ସାଧାରଣଶିକ୍ଷା ଦାନରେ ଅଧିକ ଓ କେଉଁଠାରେ ଅଳ୍ପ ବ୍ୟୟ ହେଉଅଛି । ଏହା ଭଲ ନୁହେ । ଅସନ ଛାତ୍ରବୃତ୍ତି ଏବଂ ନିମ୍ନ ଓ ମଧ୍ୟମ ଶିକ୍ଷା ମଧ୍ୟରେ ସାମଞ୍ଜସ୍ୟ ରଖି ବ୍ୟୟର ବ୍ୟବସ୍ଥା କରିବା ଉଚିତ । ଓଡ଼ିଶାର ତିନି ଜିଲ୍ଲାରେ ନିମ୍ନଶିକ୍ଷାର ବ୍ୟୟ ଅଧିକ ଅଛି ।

୩ୟ—ଇଞ୍ଜିନିୟରଙ୍କ ବେତନ । ଜିଲାବୋର୍ଡ଼ମାନଙ୍କ ଅଧୀନରେ ଯେ ସମସ୍ତ ଇଞ୍ଜିନୀୟର ଓ ସେମାନଙ୍କ ଅମଲା ଅଛନ୍ତି ସେମାନଙ୍କ ବେତନରେ ଯାହା ବ୍ୟୟ ହେଉଅଛି କାର୍ଯ୍ୟସଙ୍ଗେ ତହିଁର ସାମଞ୍ଜସ୍ୟ ନାହିଁ । ଯେଉଁ ଜିଲାରେ ଯେ ପରିମାଣ ଟଙ୍କା ସଡ଼କ ଇତ୍ୟାଦି କାର୍ଯ୍ୟରେ ବ୍ୟୟ ହେଉଅଛି ଇଞ୍ଜିନୀୟର ମହକୁମା ଖରଚ ସେହି ପରିମାଣ ହେବା ଉଚିତ । ଓଡ଼ିଶାର ତିନିଜିଲାରେ ଇଞ୍ଜିନୀୟରମାନଙ୍କ ବେତନ ସେସବୁ ଜିଲାର କାର୍ଯ୍ୟ ବିବେଚନାରେ ଅତ୍ୟନ୍ତ ଅଧିକ ବୋଧ ହେଉଅଛି । ବୋର୍‌ଡ଼ର ମେମ୍ବରମାନଙ୍କର ଏକଥା ବିବେଚନା କରି ମହକୁମା-ବ୍ୟୟ ଊଣା କରିବା ଉଚିତ ।

---

## ସାପ୍ତାହିକ ସମ୍ବାଦ

ଏ ସପ୍ତାହରେ ଶୀତ ଊଣା ପଡ଼ି ଅଛି ସକାଳକୁ କୁହୁଡ଼ି ହେଉଅଛି ।

ଗତ ସୋମବାର ସନ୍ଧ୍ୟା ସମୟରେ ଏଠାରେ ଜେଲଖାନାର କମ୍ପାଉଣ୍ଡ ଭିତରେ ଘର ପୋଡ଼ିଯାଇ ଅଛି । କେହି କେହି ଏ ପ୍ରକାର ଅନୁମାନ କରୁଅଛି ।

କଟକର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ମୃତ୍ୟୁଞ୍ଜୟ ନା ଏକ ଇନ୍‌ସ୍ପେକ୍ଟର ବଦଳି କରି ପୁସ୍ତକ ଉପଢ଼ୌକନ କରି ଅଛନ୍ତି ।

ସୁପ୍ରସିଦ୍ଧ ଡେପୁଟୀ ଇନ୍‌ସ୍ପେକ୍ଟର ଜେନେରଲ ସାହେବ ଗତ ଏ ନଗରରେ ପହଞ୍ଚି ପରିଦର୍ଶନ କାର୍ଯ୍ୟ କରୁଅଛନ୍ତି । କର୍ମଚାରୀମାନଙ୍କର କାର୍ଯ୍ୟ ଯାଞ୍ଚ କରି ଯେଉଁ ପୋଲିସ ସବ୍‌ଇନ୍‌ସ୍ପେକ୍ଟରମାନଙ୍କର ଦୋଷ ଦେଖାଯାଇଥିଲା ସେମାନଙ୍କୁ ଦଣ୍ଡ ଦେଲେ

ପରୀକ୍ଷା ଦେଇଥିବା ୧୪ ଜଣଙ୍କ ମଧ୍ୟରୁ ଶ୍ରୀ ରବୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ, ମଧୁସୂଦନ ପାଲ ଓ ଅକ୍ଷୟଚନ୍ଦ୍ର ଏହି ତିନିଜଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି—ଦୁଃଖର ବିଷୟ ଯେ କେହି ଉତ୍କଳୀୟ ଅଧିକାର କରି ନାହାନ୍ତି ।

ଏଠା ରେଭେନ୍‌ସା କଲେଜିଏଟ ସ୍କୁଲ ଓ ଅନ୍ୟାନ୍ୟ ସ୍କୁଲମାନଙ୍କର ନୂତନ ସେସନ ଆରମ୍ଭ ହୋଇଅଛି ।

ଗତ କାଲି ଏଠା କଲେକ୍ଟରୀକଚେରୀର ଅନେକମାନଙ୍କ ବାର୍ଷିକ ବନ୍ଦୋବସ୍ତ କାଠଃଯାଙ୍କ ଅପରପାର୍ଶ୍ୱ ଟି'ସପୋଷ୍ଟ-ଅଫିସରେ ହୋଇଥିଲା ।

ଢାକାର ଡେପୁଟୀ ମାଜିଷ୍ଟ୍ରେଟ ସାହେବଙ୍କ ନାମରେ ସ୍ପଷ୍ଟ ଘୁଷଖିଆର ଅଭିଯୋଗ ମୋକଦ୍ଦମା ଆରମ୍ଭ ହୋଇଅଛି । ସାହେବଙ୍କ ତରଫରୁ କଲିକତାରୁ ଆଗତ ଓକିଲ ବାବୁ ଶରତ୍‌ଚନ୍ଦ୍ର ଓ ଢାକାର ଅନେକ ଓକିଲ ମାନଙ୍କ ପକ୍ଷରୁ ବାବୁ ତ୍ରୈଲୋକ୍ୟନାଥ ବସୁ ଉପସ୍ଥିତ ହୋଇ ଥିଲେ ଅଭିଯୋକ୍ତାମାନେ ୧୪ ଗୋଟି ମୋକଦ୍ଦମା ଉଲ୍ଲେଖ କରିଅଛନ୍ତି ସାକ୍ଷୀମାନଙ୍କ ମଧ୍ୟରେ ଜମିଦାର ମହାଜନ ଅନରେରି ମାଜିଷ୍ଟ୍ରେଟ, ଲୋକାଲବୋର୍ଡ଼ର ସଭ୍ୟ ମିଉନିସିପାଲ କମିସନର ପୋଲିସ ଇନ୍‌ସ୍ପେକ୍ଟର ଓ ଡେପୁଟୀ ମାଜିଷ୍ଟ୍ରେଟ ଅଛନ୍ତି ଏହା ମଧ୍ୟରେ ୫ ଗୋଟି ମୋକଦ୍ଦମାରେ ସାକ୍ଷିମାନେ ଘୁଷ ନେଇଥିବା କଥା ପ୍ରକାଶ କରି ଅଛନ୍ତି ।

ନାଗୋର ପ୍ରଜାଙ୍କ ମୋକଦ୍ଦମାର କାଗଜପତ୍ର ଅନେକ ଦେଶରେ ବୁଲି ଲଜପାଲନ ସାହେବଙ୍କ ଠାରୁ ୨୨୭ ଟଙ୍କା । କଣ୍ଟର ଫର୍ଦ ସାମାନ୍ୟ ନୁହେ କଣ୍ଟର ମଧ୍ୟ ସେପରି ନ ହୋଇଥିଲେ ଭଲ ।

ଜଣେ ଇଂରାଜ ସୈନିକ କର୍ମଚ୍ୟୁତ କାବୁଲ ନଗରରେ ଶିକାର କରୁଥିବା କାଳରେ ଗୋଟିଏ ହଂସକୁ ଧରିବାକୁ ଯାଇ ନଦୀର ସ୍ରୋତ କାଳରେ ବୁଡ଼ି ମରି ଅଛନ୍ତି ।

ପାରସ୍ୟ ଦେଶର କୁର୍ଦ୍ଦ ନଗର ଭୂମିକମ୍ପ ହାର ଦଗ୍ଧ ହେବାର ସମ୍ବାଦ ଆସି ଅଛି ଏତଦ୍ୱାରା ଅନେକ ମରା ପଡ଼ିଅଛନ୍ତି । ଗୋଟିଏ ଘରେ ୧୦୦ ଣ ସ୍ତ୍ରୀ ଲୋକ ଥିଲେ । ସେ ଘରଟି ପଡ଼ି ଯିବାରୁ ସେମାନେ ତହିଁ ତଳେ ଚାପି ଯାଇ ମରି ପଡ଼ିଥିବାର ଜଣାଯାଏ ।

ସଂପ୍ରତି ଯେଉଁ ତରବାର ହୋଇଥିଲା ତହିଁରେ ଗୋଟିଏ ଭାବଥର ଲୋକ ଯାଇ ଥିବାର ସମ୍ବାଦ ମିଳଇ । ସେହି ଠାରେ ଅନେକ ଗୁଡ଼ିଏ ଅଷ୍ଟୋଡ଼ାଇ ତ ଓ ଛଉଡ଼ ନୂଆ ଟଙ୍କା ଥିଲା । ଏଥିର ତଦନ୍ତ ପୁଲିସ କର୍ମଚାରୀ କରୁଅଛନ୍ତି ।

କଟକର ଥାନାରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ବହୁଥ ଲୋକମାନେ ବର୍ତ୍ତମାନ କଣ୍ଠା ସ୍ୱୀକାର କରୁ ଅଛନ୍ତି ।

ଅଷ୍ଟ୍ରିଆ ସଙ୍ଗେ ଶିଶୁରଞ୍ଜନର ସୀମା ସେନା ଇଂରାଜ ଓ ଫରାସିମାନଙ୍କ ମଧ୍ୟରେ ଯେଉଁ ବିବାଦ ଲାଗି ଥିଲା ତାହା ଅପୋଷରେ ନିଷ୍ପତ୍ତି ହୋଇ ଅକାଳ ଶୁଣାଯାଏ, ଉତ୍ତମ ।

ଲଣ୍ଡନ ନଗରର ଟଙ୍କାବୁଣା କାରଖାନାମାନେ ସୁନା ଓ ରୂପା ଉଭୟ ଧାତୁର ମୁଦ୍ରା ପ୍ରଚଳନ କରିବାର ସମିତ ବସାଇବା ବାଇଏ ପଞ୍ଚଶତ ପାଉଣ୍ଡ ପ୍ରଦାନ କରିବାର ସ୍ଥିର କରି ଅଛନ୍ତି । ଉଭୟ ଧାତୁ ପ୍ରଚଳିତ ନ ହେଲେ ରୂପାର ଅଦର ବଢ଼ିବ ନାହିଁ ।

ଏକ ସମ୍ବାଦପତ୍ରରେ ଲେଖା ଅଛି ଯେ ଲଣ୍ଡନ ନଗରର ଲୋକମାନଙ୍କ ମଧ୍ୟରୁ ପାଞ୍ଚଭାଗର ଗୃହସ୍ଥର କୌଣସି ଧର୍ମମତରେ ଲଗନ ବନ୍ଧନ ନାହିଁ ।

ଏକ ଇଂରାଜୀ ପତ୍ରରେ ଲେଖା ଅଛି ଯେ ବ୍ରହ୍ମଦେଶର ପିଲମାନେ କଥା କହିବାକୁ ଶିଖିଲା ମାତ୍ରକେ ଧୂଆଁ ଖାଆନ୍ତି ବ୍ରହ୍ମଦେଶରେ ବାସ୍ତବରେ ପିକାର ଚଳ ଅତ୍ୟନ୍ତ ଅଧିକ ।

ଅମ୍ବୃତସର ଠାରେ ଗୋଟିଏ କୁକୁର ବାଘ୍ରା ହୋଇ ଗତ ମାସ ତା ୧୮ ଦିନରେ ୧୪ ଣ ଲୋକଙ୍କୁ କାମୁଡ଼ି ଥିଲା । ବାଘ୍ରା କୁକୁରକୁ ମାରି ପକାଇବା ଉଚିତ ।

କଲିକତାର ଭଲଷ୍ଟା ଷ୍ଟ୍ରିଟ ପୋଲ ଉପରେ ଗୋଟିଏ କେଉଟୁଣୀ ଘର ଯାଉଥିବା ସମୟରେ ଜଣେ ମୁସଲମାନ ତାହାର ଚୁଡ଼ିବାକୁ ନିଅନ୍ତା, ପୋଲିସର ଅଦାଲତରେ ମୁସଲମାନକୁ ୫୦ ଟଙ୍କା ଜରିମାନା ହୋଇ ଅଛି ଉଚିତ ଦଣ୍ଡ ।

କପୁରଥାଲାର ମହାରାଜା ଗତ ଜାନୁଏରୀମାସର ପ୍ରଥମ ଭାଗରେ ବ୍ରହ୍ମଦେଶକୁ ଭ୍ରମଣାର୍ଥ ଯାଇ ତାହା ସନ୍ଦର୍ଶନପୂର୍ବକ ଫେରି ଆସିଅଛନ୍ତି । ବ୍ରହ୍ମରାଜ୍ୟ ଦେଖି ମହାରାଜା ସନ୍ତୁଷ୍ଟ ହୋଇଥିବାର କଥିତ ହୁଏ ।

କଥିତ ହୁଏ ଯେ ଅଲ୍ପଦିନ ମଧ୍ୟରେ ଅସ୍ମମାନଙ୍କର ଟଙ୍କା ବଦଳରେ ଏକଶିଲିଂର ଅର୍ଥାତ୍ ଅଠଅଣା ସମାନ ହୋଇଯିବ ।—ଏଥିରୁ ଆଉ ଊଣା ହେବ ନାହିଁ ତ ?

ଅଳ୍ପଦିନ ତଳେ ଜଣେ ସମ୍ବାଦପତ୍ରର ସମ୍ପାଦକ ହାଇକୋର୍ଟର ଜଜମାନଙ୍କ ସମୀପରେ ସେମାନଙ୍କର ଏକ ମୋକଦ୍ଦମାର ରାୟ ନକଲ କରି ନେବାକୁ ପ୍ରାର୍ଥନା କରିବାରୁ ଜଜମାନେ ସେ ପ୍ରାର୍ଥନା ଗ୍ରାହ୍ୟ କରି ଆଦେଶ ଦେଲେ ଯେ ଉକିଲାସରେ ଯେ ସମସ୍ତ କାର୍ଯ୍ୟ ହୁଏ ସମ୍ବାଦପତ୍ରର ସମ୍ପାଦକମାନେ ତାହା ପ୍ରକାଶ କରିବାରେ କିଛି ଆପତ୍ତି ନାହିଁ । ମାତ୍ର ଯେଉଁ କାର୍ଯ୍ୟମାନ ଜଜମାନେ କୋଠରୀରେ କରନ୍ତି ତାହା କଦାପି ପ୍ରକାଶ ହେବାର ଯୋଗ୍ୟ ନୁହେ ଏବଂ ସେପରି କାର୍ଯ୍ୟର ସମ୍ବାଦ କେହି ସମ୍ବାଦପତ୍ରକୁ ଦେଲେ ପୂର୍ବରୁ ଜଜମାନଙ୍କର ଅନୁମତି ନେବା ଆବଶ୍ୟକ ।

ପ୍ରାଜ୍ଞ ଚନ୍ଦ୍ରାବଳୀ ସ୍ୱାସ୍ଥ୍ୟପଦରେ ପେଇକ୍ସିପିଅର ସାହେବ ମନୋନୀତ ହୋଇଅଛନ୍ତି । ଏହାଙ୍କ ନିଯୋଗରେ ଏଠାର ସର୍ବସାଧାରଣ ସନ୍ତୋଷ ଲାଭ କରିଅଛନ୍ତି । କେବଳ ଏକତର ଉନ୍ନତଶୀଳ ଲୋକେ ଏଥିରେ ସନ୍ତୁଷ୍ଟ ନାହାନ୍ତି ।

ଗତ ବାରଣୀମେଳା ଉପଲକ୍ଷରେ ଯେଉଁ ଯାତ୍ରିମାନେ ସମବେତ ହୋଇଥିଲେ ସେମାନଙ୍କ ମଧ୍ୟରୁ ୫ ଣ ଲୋକଙ୍କୁ ନିକଟବର୍ତ୍ତୀ ଜଙ୍ଗଲରେ ବାଘ ମାରି ପକାଇଥିବାର ଜଣାଯାଇଅଛି ସେମାନଙ୍କମଧ୍ୟରୁ ଜଣେ ଶିକାର କରୁଥିବା ସମୟରେ ବାଘ କର୍ତ୍ତୃକ ଧୃତ ହୋଇ ପ୍ରାଣରେ ଦଗ୍ଧ ହେଲା ।

### କେନ୍ଦ୍ରାପଡ଼ା-ସମ୍ବାଦ

ଶୀତ ମନ୍ଥର ଊଣା ପଡ଼ୁଅଛି । ରୌଦ୍ରର ପ୍ରଖରତା କ୍ରମେ ବୃଦ୍ଧି ହେଉଅଛି । ଲୋକଙ୍କର କହୁଡ଼ିର ଆରମ୍ଭ ହୋଇଅଛି । କୁହୁଡ଼ି ମଧ୍ୟ କ୍ରମେ ଅଧିକ ପଡ଼ୁଅଛି ।

ଏବର୍ଷ ଆମ୍ବବଉଳ ଗଛରେ ଅଧିକପରିମାଣରେ ହୋଇ ନ ଥିଲେ ହେଁ ଗତବର୍ଷାପେକ୍ଷା କନ୍ଦପରିମାଣରେ ଅଧିକ ହୋଇଥିବାର ଦେଖାଯାଏ ।

ଶିମୁଳୀର ଅଲ୍ପ କ ହେଉଣୁ ଠାବେ ସମ୍ପୋଡ଼ି ଆରମ୍ଭ ହୋଇଅଛି । ସେହିକ ଗ୍ରାମମଧ୍ୟରେ ଏକଗୋଟି ଘରେ ଅସାବଧାନରେ ଅଗ୍ନି ଲାଗିବାର ଆରମ୍ଭ ହୋଇଥିଲା କିନ୍ତୁ ପରମେଶ୍ୱରଙ୍କ କୃପାରୁ ବିଶେଷ କିଛି କ୍ଷତି ହୋଇ ନାହିଁ । ଏଣିକି ଅଗ୍ନିର ବିଶେଷ ସତର୍କତା ସହିତ ବ୍ୟବହାର କରିବାର ଉଚିତ ।

ଏବର୍ଷ ଅନୁଷ୍ଠାନମଧ୍ୟରେ ବସନ୍ତଋତୁ କଟକଠାରୁ ଆସି ଅତି ଶୀଘ୍ର ଦଳରେ ଦଳର ହେଉଅଛି । ଏମନ୍ତ କ

ପ ୩୪ ଘଣ୍ଟାକୁ ଏକ୍ ୨ ହେଲ କେତୋଟି ମିଳୁଅଛି । ଏଥିରୁ ବୋଧ ହୁଏ ବେଶିଅଳ୍ପର ବସ୍ତୀ ଅଧିକ କମିଯିବ ।

ଅସ୍ମାକମାନଙ୍କର ମହାମାନ୍ୟ ଶ୍ରୀଯୁକ୍ତ କଲେକ୍ଟର ସାହେବ ଗତମାସ ତା ୨୫ ଋଣରେ ଏଠାରେ ପହୁଞ୍ଚି ଅଛନ୍ତି ଓ ଅତିସ୍ଥିମାନ ପରିଦର୍ଶନ କରି ଗତ ସୋମବାର କଟକ ଯାତ୍ରା କରି ଅଛନ୍ତି ।

ଏଥିପୂର୍ବେ କେତେକଦିନ ହେଲା ଗୋଟିଏ ଦୋକାନ ସନ୍ନିକଟରେ ତାହା ଦୋକାନ କବାଟ ଭାଙ୍ଗି କାହାର ଯାଇଥିଲା । ଫେରିଆସି ଦୋକାନ ଘଟଣା ଦେଖିଲ ଯେ ତାହା ଦୋକାନ ସେହି ଚୋର ପ୍ରାୟ ୫ ୨୦୦।୩୦୦ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଅଛି । ପୁଲିସରେ ଏତଲା ଦେବାରେ ପୁଲିସ ବହୁତ ଅନୁସନ୍ଧାନ କରି ସଫଳ ହୋଇ ପାରିଲେ ନାହିଁ । ଏହାର କେତେକ ମାସ ପରେ ଏହି ଜଣେ ଲୋକ ଅନ୍ୟ ଏକ ଦୋକାନଠାରୁ ଏକ ଗୋଟା ଲୁଗା କିଣିବା ପାଇଁ ଗଲା । ପ୍ରଥମ ଦୋକାନି ତାହା ଅକସ୍ମାତ ଦେଖିବାରୁ ଚିହ୍ନି ଜାଣିବାରୁ ଏହା ତାହାର ଚୋରି ଜିନିଷ ବୋଲି ପୁଲିସରେ ଏତଲା ଦେଲା । ପୁଲିସ ଅନୁସନ୍ଧାନ କରି ତାହାକୁ ଦୋକାନରୁ ଧରିଲେ । ସେ ଦାନରେ ଥିବା ସମୟରେ ଖାନତଲାସ କରି କେତେକ ମୂଲ୍ୟବାନ ଲୁଗା ଚୋରି ହୋଇଥିବା ଅବସ୍ଥାରେ ପୁଲିସ ଧରିଲା । ବିଚାର ସମାପ୍ତ ହୋଇଅଛି ଓ ଆସାମୀ ପ୍ରତି ୩ ମାସ କାରାବାସ ଓ ୫ ୫୦ ଟଙ୍କା ଅର୍ଥଦଣ୍ଡ ଆଦେଶ ହୋଇଅଛି ।

ଗତମାସ ତା ୧୪ ଋଣରେ ଏଠାବାର ବାରଲା ସମୟରେ ସୁବନ୍ଧାନ ବନ୍ଧନ ହୋଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ !

ଶ୍ରୀଯୁକ୍ତ ଫକୀରମୋହନ ସେନାପତିଙ୍କ କୃତ "ପୁଷ୍ପମାଳା" ନାମକ ଖଣ୍ଡିଏ ପୁସ୍ତକ କିଛିଦିନ ହେଲା କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରୁ ପ୍ରସୂତ ହୋଇଅଛି । ଉତ୍କଳର କୌଣସି ସମ୍ବାଦପତ୍ରରେ ତାହାର ସମ୍ବନ୍ଧରେ କିଛି ଉଲ୍ଲେଖ ନ ଶୁଣିବାରୁ ଅମ୍ଭେମାନେ ଉପସ୍ଥିତରେ ଦୁଇ ଚାରି କଥା କହିବାକୁ ମନ କଲାଉଁ । ଆଶା କରୁଁ ଏ ପ୍ରସଙ୍ଗ ବର୍ତ୍ତମାନ ସମୟରେ ନିତାନ୍ତ ଅପ୍ରାସଙ୍ଗିକ ହୋଇ ପ୍ରତୀୟମାନ ହେବ ନାହିଁ ।

ବାବୁ ଫକୀରମୋହନ ଉତ୍କଳର ସୁଧୀ-ଜଗତରେ ନିତାନ୍ତ ଅପରିଚିତ ନୁହନ୍ତି । ଯେଉଁ ଦିନେ ସେ ରାମାୟଣ, ମହାଭାରତ, ଶ୍ରୀମଦ୍ଭଗବଦ୍ଗୀତା ପ୍ରଭୃତି ପ୍ରାଚୀନ ଭାରତର ଅନନ୍ତ ଗୌରବମୟୀ ବୈଜୟନ୍ତୀ ମାନଙ୍କ ସମସ୍ତ ଉତ୍କଳ ପଦ୍ୟରେ ଭାଷାନ୍ତରିତ କରି ବିଶେଷ ପ୍ରତିଷ୍ଠା ଲାଭ କରିଅଛନ୍ତି । ଉତ୍କଳବାସୀ ସେଥି ସକାଶେ ତାହାଙ୍କର ନିକଟରେ ବିଶେଷ ଋଣୀ । ଫକୀରମୋହନ ବାବୁ ଜଣେ ହୃଦୟବାନ୍ ସୁକବି—ତାହାଙ୍କର ହୃଦୟ କବିତ୍ୱପୂର୍ଣ୍ଣ । ତାହାଙ୍କର ଗ୍ରନ୍ଥସମୂହ ପାଠ କଲେ ସ୍ପଷ୍ଟ ପ୍ରତୀତ ହେବ ଯେ, ରାଜାଙ୍କ ନିକଟରୁ ଉପାଧି ଓ ଅର୍ଥ ଶୋଷଣ କରିବା ଅଭିପ୍ରାୟରେ ସେ ସବୁ ବିରଚିତ ହୋଇ ନାହିଁ—ତାହାଙ୍କର କବିତା ପ୍ରଣୟନର ଅନ୍ତରାଳରେ କୌଣସି police ଲୁକ୍କାୟିତ ନାହିଁ କିନ୍ତୁ ତାହା ତାହାଙ୍କର ପ୍ରାଣର ଅନିବାର୍ଯ୍ୟ ଉଚ୍ଛ୍ୱାସ ମାତ୍ର । ଯେତେବେଳେ ତାହାଙ୍କର ସରଳ ପ୍ରାଣରେ ଭାବର ପ୍ରାବଲ୍ୟ ଜନ୍ମେ, ସେତେବେଳେ ସେ ତାହା ସଂଯତ କରି ରଖି ପାରନ୍ତି ନାହିଁ—ଉଦ୍ବେଳିତ ଭାବ ସମୂହ ସ୍ୱମେଷ୍ଟ କବିତା ଧାରରେ ସେତେବେଳେ ତାହାଙ୍କର ଲେଖନୀ ମୁଖରୁ ପ୍ରବଳବେଗରେ ସହସ୍ରମ ଗତିରେ ନିଃସୃତ ହୁଏ । ସେଥି ସକାଶେ ତାହାଙ୍କର କବିତା ଲେଖା—କେବଳ ବାହାଦୁରି ଉଦ୍ଦେଶ୍ୟରେ ନୁହେଁ । "ପୁଷ୍ପମାଳା" ଉକ୍ତ କବିର ଗଭୀର ହୃଦୟୋଚ୍ଛ୍ୱାସ-ପ୍ରସୂତ ।

"ଉତ୍କଳ ପ୍ରଭାତେ" କବିଙ୍କର ଯେଉଁ ସବୁ କବିତା ସମୟେ ୨ ପ୍ରକାଶିତ ହୋଇଥିଲା "ପୁଷ୍ପମାଳା" ସେହି ସବୁର ସମଷ୍ଟି ମାତ୍ର । ଉତ୍କଳସାହିତ୍ୟୋଦ୍ୟାନରେ କବି ସମୟେ ୨ ବିଚରଣ କରି ଯେଉଁ ସବୁ ପୁଷ୍ପ ଚୟନ କରିଥିଲେ, ସେହି ସବୁ ପୁଷ୍ପରୁ ଏକ ଗ୍ରନ୍ଥି, ମାଳାକାର, ମାତୃଭାଷାର କଣ୍ଠରେ ଅର୍ପଣ କରିଅଛନ୍ତି । ସମାଲୋଚ୍ୟ ଗ୍ରନ୍ଥର ଭାଷା ମଧୁର ଓ ହୃଦୟଗ୍ରାହିଣୀ । କବିତା ଗଠିତ ସୁଶୃଙ୍ଖଳିତ ଓ ସର୍ବାଙ୍ଗପୂର୍ଣ୍ଣ । ଅନେକ ଗୁଡ଼ିଏ କବିତା ପ୍ରଥମ ଶ୍ରେଣୀରେ ସ୍ଥାନ ପାଇବାର ଯୋଗ୍ୟ । ପୁସ୍ତକର କାଗଜ ଓ ଛପା ମଧ୍ୟ ଉତ୍କୃଷ୍ଟ । ଆଜିକାଲି ଗୋଟି କେତେ ଅନେକ ଗୁଡ଼ିଏ କବିତା ଗ୍ରନ୍ଥ ପ୍ରକାଶିତ ହୋଇଅଛି । କିନ୍ତୁ ତାହା ଦେଖିଲେ ଜଣା ପଡ଼େ, ସେଥିରେ ଦେହ ଅଛି ଓ ପ୍ରାଣ ନାହିଁ, ଭାଷା ଅଛି ଓ ଭାବ ନାହିଁ । ମନ୍ଦିର ଅଛି ଓ ଦେବତା ନାହିଁ । କିନ୍ତୁ "ପୁଷ୍ପମାଳା" ଥରେ ପଢ଼ିବାକୁ ଆରମ୍ଭ କଲେ, ଶେଷ ନ କରି ଥୟ ହେବାକୁ ଇଚ୍ଛା ହୁଏ ନାହିଁ । ଭାବ ପାଠକର ହୃଦୟକନ୍ଦରରେ ଲୀଳା କରେ । ଏଥିରେ hyphen ଯୁକ୍ତ ସମାସବଦ୍ଧ ଶବ୍ଦ ଗର୍ଦ୍ଦ ନାହିଁ—ଅଥବା ଆଳଙ୍କାରିକ ଅନୁକରଣ ପ୍ରବଣତା ନାହିଁ । ଏଥିରୁ ଦୁଷ୍ଟ ପ୍ରଣୟର ନାଟକୀୟ ନାହିଁ, କେବଳ ପ୍ରଣୟର ଭାବ ନାହିଁ । "ଏ ପୁଷ୍ପମାଳାର କୌଣସି ପୁଷ୍ପ ସୌରଭହୀନ ନୁହେଁ"—ଉତ୍କଳ ଶିକ୍ଷାବିଭାଗର ଇନ୍ସପେକ୍ଟର ମହାଶୟ ଏକଥା ମୁକ୍ତକଣ୍ଠରେ ସ୍ୱୀକାର କରିଅଛନ୍ତି । ଶିକ୍ଷିତ ବ୍ୟକ୍ତିମାନଙ୍କୁ ଏହି ଗ୍ରନ୍ଥ ଥରେ ପଢ଼ିବାକୁ ଅମ୍ଭେମାନେ ଅନୁରୋଧ କରୁଁ ।

"କବିତାବଳୀ" ପରେ ଏ ଶ୍ରେଣୀର ଗ୍ରନ୍ଥ ଆଉ ପ୍ରକାଶିତ ହୋଇ ନାହିଁ, ଏହା ଅମ୍ଭମାନଙ୍କର ବିଶ୍ୱାସ । ଅମ୍ଭେମାନେ ଶୁଣି ଅତିଶୟ ସୁଖୀ ହେଲୁଁ ଯେ, ଗ୍ରନ୍ଥକାର ମହାଶୟ ପୁସ୍ତକ ଖଣ୍ଡି ପାଠ୍ୟଶ୍ରେଣୀଭୁକ୍ତ କରିବା ଆଶାରେ ତାହା ଓଡ଼ିଶା ଟେକ୍ସଟ୍ ବୁକ୍‍କମିଟୀର ହସ୍ତରେ ଅର୍ପଣ କରିବାକୁ ସଙ୍କଳ୍ପ କରିଅଛନ୍ତି । ଉକ୍ତ ଗ୍ରନ୍ଥ କମିଟୀର ମନୋନୀତ ହେଲେ ପରମ ସୌଭାଗ୍ୟର କଥା ।

"ପୁଷ୍ପମାଳାର" କବି ପରିଣତବୟସ୍କ । ସେ ଏହି ବୃଦ୍ଧବୟସରେ ସଂସାରର ସାର, ଦେହର ଜୀବନ୍ତ ଜୀବନ ସର୍ବସ୍ୱ ପ୍ରିୟତମାକୁ ହରାଇ, ନୟନପ୍ରତିମା ପିଲା ଦୁଇଟିଙ୍କୁ ସଙ୍ଗରେ ଘେନି ଶୂନ୍ୟପ୍ରାଣରେ ଦେଶାନ୍ତରିତ ହୋଇଅଛନ୍ତି—ପୁସ୍ତକର ଉତ୍ସର୍ଗପତ୍ରରୁ ତାହାର ଆଭାସ ପାଇ ଅମ୍ଭେମାନେ ଅଶ୍ରୁଜଳ ସମ୍ବରଣ କରି ପାରିଲୁଁ ନାହିଁ । ସେ ଏହି ଦାରୁଣ ଆଘାତ ନ ପାଇଥିଲେ ବୋଧ ହୁଏ "ପୁଷ୍ପମାଳା" ଏତେ ଶୀଘ୍ର ଆମ୍ଭମାନଙ୍କର ନୟନପଥର ପଥିକ ହୋଇ ନାହିଁ । କିନ୍ତୁ ଏଥିରେ ଆମ୍ଭମାନଙ୍କର ଉପକାର ଅଛି—ସାହିତ୍ୟର ଲାଭ ଅଛି । ଅତଃପର କବି ପ୍ରାଣ ମନ ଢାଳି ଦେଇ ସାହିତ୍ୟସେବାରେ ପ୍ରବୃତ୍ତ ହେବେ, ବୋଧ ହୁଏ ଭଗବାନଙ୍କର ଏହାହିଁ ଇଚ୍ଛା । ଶାନ୍ତିଦାତା ହରି ଶୋକଦଗ୍ଧ କବିଙ୍କର ହୃଦୟରେ ଶାନ୍ତିଧାରା ବର୍ଷଣ କରନ୍ତୁ । ଇତି—

ବାଙ୍କବାଜାର } ନିବେଦକ
କଟକ } ଶ୍ରୀ ଅନଙ୍ଗମୋହନ ଚକ୍ରବର୍ତ୍ତୀ

---

## ସଦା ହା-ହା-କାର ।

କହନ୍ତି ତୁମ୍ଭଙ୍କୁ ପ୍ରଭୁ,
ଦୟାମୟ ପ୍ରେମମୟ;
ତୁମ୍ଭର କରୁଣା ପ୍ରେମ,
ବ୍ୟାପିଛି ଜଗତ ମୟ;
ତୁମ୍ଭର ଆଦେଶେ ପ୍ରଭୁ,
ଭ୍ରମି ଭ୍ରମି ରବି ଶଶୀ,
ଢାଳୁଛନ୍ତି ଏ ଧରାରେ,

Split by PDF Splitter
Digitized by srujanika@gmail.com

Split by PDF Splitter



ଅନେକ ହୋମ୍ପୁରୁଷ;
ଭ୍ରମର ଅବେଶେ ଜଗ
ଧାଉଛନ୍ତି ଜଳଧି ପାଶେ;
ବସୁଛି ଜନନୀ ପ୍ରେମେ,
ପ୍ରକଳେ ଋଷିର ଅଙ୍ଗେ,
ଭ୍ରମ ହେବେ ଲୁପ୍ତ ସଭା,
ପ୍ରେମ ଶାନ୍ତି ମୂଳାଧାର
ଭ୍ରମର ହେଲେ ଜନ୍ମା,
ସଦା ଏ-ଜ ବା ହାହାଃ ?
ଦୁଃଖିଛି ଦୁଃଖିଛି ନାଥ,
ସ୍ୱାର୍ଥପୂର୍ଣ୍ଣ ଏହି ପ୍ରାଣ;
କ୍ଷୁଦ୍ର ନର ସ୍ୱାର୍ଥ ଛଡ଼ା,
କେହିହେଁ ନ ଜାଣେ ଆନ;
ସ୍ୱାର୍ଥହୀନ ଯାଏ ବୋଲି,
ଦୟାଳୁଙ୍କ ଜାଦଜ୍ଞ ନର;
ଶାନ୍ତିକା ନ ମିଳେ ମନ,
ସଦା କରେ ହା ହା କାର;

କ୍ରମଶଃ—

---

### ମୂଲ୍ୟପ୍ରାପ୍ତି

| | | |
|---|---|---|
| ବାବୁ ଭଗବାନପଣ୍ଡା | ହୋର୍ଡ଼ମପାଟଣା | ଟ ୩ ୧ |
| „ ବର ସେବକାଦପାତ୍ର | ଅଠଗଡ଼ ବସ୍ତୁରଣୀ | ଟ ୩ ୧ |
| „ ତ୍ରିପୁରାଥ ରଥୁଙ୍ଗା କଟକ | | ଟ ୩ ୧ |
| „ ଜାହ୍ନୁବଣ ମଦାକ୍ଷ ହୋର୍ଡ ସବ୍ଇନ୍ସ୍ପେକ୍ଟର | । ବ । ବେଶ୍ରଦୀ | ଟ ୨ ୧ |
| | | ଟ ୩ ୧ |
| „ ଓସ୍ତରେବେଲ ବଲପାଲି | | ଟ ୧ ୧ |
| „ ମାର୍କଣ୍ଡ ହୋଯାସ କଟକ | | |

---

## ବିଜ୍ଞାପନ ।

CHEAP ! CHEAP ! CHEAP !

**SCHOOL BOOKS.**

Prescribed for the Collegiate school and H. E. schools

JUST TO HAND.

To be had of the Printing Company, Cuttack.

କଲେଜିଏଟ୍ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି । କଟକ ଦରଘାବଜାର ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକ-ଦୋକାନରେ ପ୍ରାପ୍ତବ୍ୟ ।

---

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ-ଯାଉଅଛି ଯେ । ବ । ନରସିଂହପୁର ଇଲାକାର ଅନ୍ତଃକାର ସମ୍ବନ୍ଧୀୟ ଲାଇସେନ୍ସ ଅଫିମ ଓ ମଦଦ ଓ ଦେଶି ସରବ ଓ ତାଡି ଦୋକାନ ଓ ହାଟେ ଇଲାକାର ଠିକଡ଼ା ପଟ୍ଟା ସନ ୧୮୯୫।୯୬ ବର୍ଷ ସକାଶେ ଆସନ୍ତା ଫେବୃଆରି ମାସ ତା ୨୫ ରିଖ ବେଳ ସୋମବାର ଦିବା ପୂର୍ବାହ୍ଣ ଘ ୧୦ ଘଣ୍ଟା ମଧ୍ୟରେ ଆମ୍ଭ ହଜୁରୁ ନିଲାମରେ ଜନ୍ମିବ ଖରିଦଦାରମାନେ ଉକ୍ତ ସମୟରେ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ହୋଇ ଅଫେଣ୍ଟରର ନିଲାମ ଡାକ ଅବଶ୍ୟକ-ମତେ ଉତ୍ତର ଯାଉବେ ।

| | |
|---|---|
| ମାନେଜରଙ୍କ କଚେରି । ବ । ନରସିଂହପୁର ତା ୨୮ ରିଖ ମାହେ ଜାନୁଆରି ସନ ୧୮୯୫ | ଜଗନ୍ମୋହନ ଦାସ ମାନେଜର |

---

ସର୍ବସାଧାରଣଙ୍କ ଜ୍ଞାତାର୍ଥେ ଏତଦ୍ୱାରା ପ୍ରକାଶ କରାଯାଉ ଅଛି ଯେ ସନ ୧୮୯୪।୯୫ ମସିହାର ନ ୫୦୪ ନମ୍ବର ସାର୍ଟିଫିକେଟ ମୋକଦମାରେ ସନ ୧୮୯୪ ମସିହା ଜାନୁଆରି କିସ୍ତି ବାକି ପଥ-ପ୍ରଦେଶୀୟକର ଓ ସୁଧ ଟ ୧୨।୨/୮ ଓ ଖର୍ଚ୍ଚ ଆଦାୟ ନିମିତ୍ତ । ଭ । ପୁରୀ । ପ୍ର । ବ୍ରହ୍ମାଙ୍କ । ମୌ । ବଲ୍ଲଭପୁର ଭ ୧୪୭ ନମ୍ବର ତ-ଉଜୀଲକ୍ତ ଜମିଦାରୀ ବ ତହିଁର ସଦର ଜମା ଟ ୧୦୭।୨/୭ ଅଟେ । ପୁରୀ କଲେକ୍ଟରୀ କଚେ-ରୀର ସାର୍ଟିଫିକେଟ ଅଫିସରଙ୍କ ମହକୁମାରେ ସନ ୧୮୯୫ ମସିହା ମାର୍ଚ୍ଚ ମାସ ତା ୧୫ ରିଖ ବେଳ ଘ ୧୨ ଘଣ୍ଟା ସମୟରେ ପ୍ରକାଶ୍ୟରୂପେ ନିଲାମ ହେବ ।

| | |
|---|---|
| ପୁରୀ କଲେକ୍ଟରୀ ଅଫିସ ତା ୧୭ ରିଖ ମାହେ ଜାନୁୟାରୀ ସନ୍ ୧୮୯୫ | M. M. Roy ସାର୍ଟିଫିକେଟଅଫିସର |

---

## ବିଜ୍ଞାପନ ।

ନୂତନ ! ନୂତନ !! ନୂତନ !!!

### ଦାର୍ଢ୍ୟଭକ୍ତି ରସାମୃତ ।

ସମ୍ପୂର୍ଣ୍ଣ ୩୨ ଅଧ୍ୟାୟ

ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଟ ୧ ଙ୍କା

ମୋଫସଲବାସୀମାନଙ୍କୁ ଡାକମାସୁଲ ଟ ୦ /

---

ମାଇନର, ବର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ,

ଓୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକା-ନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ ।

---

## ବିଜ୍ଞାପନ ।

ନୂତନ ନୂତନ ନୂତନ

ଦିବ୍ୟକର୍ଣ୍ଣ ଚରିତ

ସତ୍ୟନାରାୟଣ କଥାଯାଗ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ମୁଦ୍ରିତ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି

ମୂଲ୍ୟ ଟ ୦/ ଏକଅଣା ମାତ୍ର

ଅନ୍ୟାନ୍ୟ ଗ୍ରନ୍ଥମାନ ପ୍ରସ୍ତୁତ ଅଛି

---

A

## COMPLETE KEY

To

Lethbridge's Easy Selection

[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

| | |
|---|---|
| CUTTACK The 22nd November 1894 | Akshoy Kumar Ghose and Hara chand Ghose |

---

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ଠୁମରୀ ପ୍ରଭୃତି ନାନାପ୍ରକାର ଅତିଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ଜମା ବ୍ରହ୍ମଦେଶ ବାବୁ ସମପ୍ରସାଦ ମୁଖୁର୍ଯ୍ୟଙ୍କ ନିକ-ଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

## ଉଷାବତୀହରଣ ମୂଲ୍ୟ ଟ ୦ /

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

Digitized by srujanika@gmail.com

Split by PDF Splitter



# ସଂଗୀତସାର

## ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ୷ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କରୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ଜାନାପ୍ରକାର ସ୍ୱର ରାଗିଣୀ ଓ ନୂଆ ସଙ୍ଗୀତ ସର୍ବ ବେଷ୍ଟିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ହଜାରେ ଟଙ୍କା ପୁରସ୍କାର ।

## BISHAHARI

## ବିଷହରି ।

### ହରାଣି ହୁଅ ନାହିଁ ।

ଭାରତର ପ୍ରସିଦ୍ଧ ଋଷିଙ୍କ ମହାଶୟଙ୍କ ସୁପରିଗ୍ରୟ ଓ ପାଶ୍ଚାତ୍ୟଶୋଭ ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ଶାରୀର ଓ ଉଦ୍‌ବେଗ ଜନକରୋଗ ୨ ୧୫ ଦିନ ଓ ସ୍ଥାନେଷ ୨ ୫ ଦିନ ମଧ୍ୟରୁ ଅରୋଗ୍ୟ ହୁଅନ୍ତି । ଏଥିରେ ଭୃଷ୍ଟ ଅରୋଗ୍ୟ ହେଉଅଛି, ଏହା ଦେଶୀୟ ଦ୍ରବ୍ୟରୁ ସ୍ୱଶାସ୍ତ୍ରୀୟ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ଶାସ୍ତ୍ରସିଦ୍ଧ । ଯାହା ଦ୍ୱାରା ଉପକାର ନ ହେଲେ ହଜାରେ ଟଙ୍କା ପୁରସ୍କାର ଦେବୁ ।

ମୂଲ୍ୟ—ସେବନୀୟଔଷଧର ଟ ୧ ଙ୍କା, ଲେପନତୈଳର ଟ ୧ ଙ୍କା, କ୍ରେଷ୍ଟବେସଲ ପୂର୍ଣ୍ଣ ଟ ୪ ଙ୍କା, ଔଷଧ ଓ ଡାଃ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ଯୋଗରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସାର୍ସ କଟକ୍ସ ଯାଳ ଏଣ୍ଡ କୋଂ, ଶୋଭାଯଠୀ, ଜନାବଜାର କଲିକତା"

କଟକର ଏଜେଣ୍ଟ

କାନ୍ତ୍ରି ଏଲ୍, ଏଲ୍, ଡାକ୍ତର

ଇମ୍ପିରିଆଲ୍ ମେଡିକାଲ୍ ହଲ ।

କଟକ ଓଡ଼ିଶା

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଗଙ୍ଗାଦାରୁ ଗୌରୀଶଙ୍କର ସାହୁଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକା, ରେଶମୀ ଓଜେଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ଚଳିତ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଗୋଟିକ ଦର ସେହି ଲୁଗା ଉପରେ ଲେଖା ଅଛି ଏବଂ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ଲେଖା ହୋଇଥିବା ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ତାହାଠାରୁ ଅଧିକ ବା ଊଣା କରାଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ତଳେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଛି ।

ଉକ୍ତ ମୂଲ୍ୟରେ ମୋଫସଲରୁ ଡାକ ଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଗୋଟିଏ ଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଷ୍ଟେସନରି ।

| ଜିନିଷର ନାମ | | ମୂଲ୍ୟ |
|---|---|---|
| ଅଟମେଟ୍ଟ ପେନସିଲ | ଗୋ ୧ | ଟ ୦ ।୵ |
| ଲାଲ ଓ ନୀଳ ପେନସିଲ | ଗୋ ୧ | ଟ ୦ ୵୬ |
| ଓଡ଼ିନ ପେନସିଲ | ବ ୧ | ଟ ୦ ୷ |
| ଚିଠି କାଗଜ | ବ ୧ | ଟ ୦ ୷ |
| ଫୁଲସ୍କେପ କାଗଜ ସାଦା | ବ ୧ | ଟ ୦ ୵୬ |
| ଏକଳ ରୁଲକାଳି | ବ ୧ | ଟ ୦ ୵୬ |
| ଏତଳ ଜରଷା | ବ ୧ | ଟ ୦ ୵୬ |
| ଫାଉଣ୍ଟେନ୍‌ହୋଲ୍ଡର ଓ ଲଫାଫା | ବ ୧ | ଟ ୨ । |
| ଜାପାନୀ କାଗଜ ସାଦା | ବ ୧ | ଟ ୦ ୵ |
| ଏକଳ ମସିନ | ବ ୧ | ଟ ୦ ୵ |
| ଲଫାଫା ସାଦା ସଂ ୧୦୦ ଟ୦୷ | ଗୋ ୨୫ | ଟ୦୵୬ |
| ଏତଳ ମଧ୍ୟମ ସଂ ୧୦୦ ଟ ୦ ୷ | ଗୋ ୨୫ | ଟ୦ ୵୬ |
| ବାଇଡାସର ୧୨ ଖଣ୍ଡ | ବ ୧ | ଟ ୦ ୵୬ |
| ସୀଲାଇ | ଗୋ ୧ | ଟ ୦ ୷ |
| ଏକଳ ସୁନ୍ଦର ଏହାରୁ ଅଧିକ ଦୋକାନ ଜଳରେ ଖରାପ ହୁଏନାହିଁ ପଚରେ ଶୁଖି ଦେଲେ ଉତ୍ତମ ସିଆଇ ପ୍ରସ୍ତୁତ ହେବ | ବ ୧ ଶିଶି | ଟ ୦ ୵୬ |
| ସୀସକ ପେନସିଲ | ବ ୧ | ଟ ୦ ୷ |
| ଜବର | ଖ ୧ | ଟ ୦ ୷ |
| ହଂସପକ୍ଷୀ କଲମ | ଗୋ ୨୫ | ଟ ୦ ।୵ |
| ଲମ୍ବା କଲମ (କାଠ) ସାଦା ଡ଼ ୧ | | ଟ ୦ ୵ |
| ଏତଳ ଛଡ଼ଣା | ଡ଼ ୧ | ଟ ୦ ୵୬ |
| ଏତଳ୍ କଭ୍ରମାସଲଟୋକାନ | ଗୋ ୧ | ଟ ୦ ୵୬ |
| ବାଟବୁଣିବା ଛାଞ୍ଚ ସହିତ (ଉପଶାଳା) | ଗୋ ୧ | ଟ ୦ । |
| ଏତଳ ସାଧାରଣ | ଗୋ ୧ | ଟ ୦ ୵୬ |
| ଉଲଫିତା ସଜଣା | ଲ ୧ | ଟ ୦ ୷ |
| ହୋରସ୍ଥାର ତେଲ ସୁବାସିତ | ଗୋ ୧ | ଟ ୦ ୷ |
| ମନତେଲ | ଗୋ ୧ | ଟ ୦ ୵ |

### ମୁଖଲେପନର ପଦାର୍ଥ ଓ

| | | |
|---|---|---|
| ରୁପେଲଲବଣାବାଳ | ଗୋ ୧ | ଟ ୨ । |
| ଲେଭେଣ୍ଡର | ଗୋ ୧ | ଟ ୧୯ |
| ଗେଲସର ଅଏଲ | ଗୋ ୧ | ଟ ୦ ୩ |
| ସାବୁନ ସରସା | ଖ ୧ | ଟ ୦ ।୬ |
| ଫଲବାସ | ଗୋ ୧ | ଟ ୧୵ |
| କେବାଲଗୋପ ମ୍ଭାଜଗ୍ମା | ଗୋ ୨ | ଟ ୩ |
| ଏତଳ ଏକତାରଖ | ଗୋ ୧ | ଟ ୨ |
| ସେଭ | ଗୋ ୧ | ଟ ୨ |
| ଅସ୍ପେଷ୍ଟ | ଗୋ ୧ | ଟ ୵ ୨ |
| ଛାସ | ଭ ୧ | ଟ ୦ ।୬ |
| ସାଳପଗଡ଼ୀ | ଗୋ ୧ | ଟ ୫ ୧ |
| ବଜାରସା ସବୁ ଜନ୍ତୁ | ଖ ୧ | |

ଚକଟାରଏହାକୁ କୌଣସି ଶାଢ଼ରେ ଲଗି ଦଅଁରେ ଉରଲାଇ ହୋଠା ଷ୍ଟେର ଫାଃଟରେ ଲଗାଇ ଦେବଲେ ଘାଣ ପଢ଼ିବାର ବନ୍ଦ ହେବ ସେ ୧ ଟ ୦

କଟକ } ଅଭଚଦସ୍ତର ଦର
ଚୌଧୁରୀ ବଜାର } ଭଣ୍ଡାର

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶୁଳ୍କ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୵

ଅଧସ୍ତମ୍ଭ ଟ ୬

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୧୦

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ହେଁ ତହିଁର ଶୁଳ୍କ ଟ ୦ ୭ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶୁଳ୍କ ପ୍ରଥମର ଅର୍ଦ୍ଧେକ ହେବ ଓ ତୁଳସୁଣି ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଉତ୍କଳବାସିଙ୍କ ଦ୍ୱାରା କଟକ ପ୍ରିଣ୍ଟିଂ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com